

ଅଡୁଆରେ 'ବାରାଣସୀ'

▸ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-352 •SATURDAY •20 JUNE 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୩୫୨ •ଶନିବାର •୨୦ ଜୁନ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦



15001/76/2627

୨ ବର୍ଷରେ ଗୁଣା ବିକାଶ



ବିକାଶର ଧାରା
ଓଡ଼ିଶା ସାରା



# ₹୪୭,୬୦୦ କୋଟିର
## ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପର ଲୋକାର୍ପଣ ତଥା ଭିତ୍ତିପ୍ରସ୍ତର ସ୍ଥାପନ

**ମୁଖ୍ୟ ଅତିଥି**

**ଶ୍ରୀମତୀ ଦ୍ରୌପଦୀ ମୁର୍ମୁ**
ମାନ୍ୟବର ରାଷ୍ଟ୍ରପତି

**ଗରିମାମୟ ଉପସ୍ଥିତି**

**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଡ. ହରି ବାବୁ କମ୍ଭମପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକାଗଣ

### ଲୋକାର୍ପଣ

₹୮୧୧ କୋଟିର ରାସ୍ତା ଓ ସେତୁ

₹୫୩୦ କୋଟିର
ସୁଦୃଢ଼ ପରିବହନ ଓ ଗମନାଗମନ ବ୍ୟବସ୍ଥା

ସୁରକ୍ଷିତ ସଡ଼କ, ସ୍ମାର୍ଟ ପରିବହନ ଓ
ଉନ୍ନତ ଜନସେବା ଦିଗରେ ଆଉ ଏକ ପଦକ୍ଷେପ

ଅନ୍ୟାନ୍ୟ ପ୍ରକଳ୍ପ ₹୩,୨୧୮ କୋଟି

### ଭିତ୍ତିପ୍ରସ୍ତର ସ୍ଥାପନ

₹୨୫ ହଜାର କୋଟିର 'ବିସିଜିସିଏଲ୍ କୋଲ୍ ଗ୍ୟାସିଫିକେସନ ପ୍ରକଳ୍ପ'

₹୧୭,୧୧୭ କୋଟିର
ଉନ୍ନତ ବିଦ୍ୟୁତ୍ ଶକ୍ତି ଭିତ୍ତିଭୂମି

ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ବୃଦ୍ଧି
ରାଜ୍ୟର ବିଦ୍ୟୁତ ଭିତ୍ତିଭୂମିର ହେବ ବିକାଶ

ଅନ୍ୟାନ୍ୟ ପ୍ରକଳ୍ପ ₹୯୨୭ କୋଟି

### ରେଳ ପ୍ରକଳ୍ପ ଲୋକାର୍ପଣ

- ହିନ୍ଦୋଳ - ମେରାମଣ୍ଡଳୀ ମଲ୍ଟି-ଟ୍ରାକିଂ ପ୍ରକଳ୍ପ
- ଯଖପୁରା- ଯାଜପୁର କେନ୍ଦୁଝର ରୋଡ୍ - ବୈତରଣୀ ରୋଡ୍ ମଲ୍ଟି-ଟ୍ରାକିଂ ପ୍ରକଳ୍ପ

ରାଜ୍ୟର ଆଞ୍ଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବା ସହିତ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ

**୨୦ ଜୁନ୍ ୨୦୨୬ | ମଧ୍ୟାହ୍ନ ୧୨:୧୫ | ରାଇରଙ୍ଗପୁର, ମୟୂରଭଞ୍ଜ**

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/15001/2/26-27/0076

# ପଶ୍ଚିମବଙ୍ଗ, ହିମାଚଳରେ ଭୂସ୍ଖଳନ; ବନ୍ୟା ସ୍ଥିତି



■ ବିମାନ ଉପରେ ପଡ଼ିଲା ଚଡ଼କ
■ ଝାଡ଼ଖଣ୍ଡରେ ବଜ୍ରପାତରେ ୮ ମୃତ

କୋଲକାତା/ଶିମଲା, ୧୯ ।୬(ଏଜେନ୍ସି): ସାରା ଦେଶର ବିଭିନ୍ନ ପ୍ରାନ୍ତରେ ପ୍ରବଳ ବର୍ଷା ଏବଂ ଝଡ଼ ତୋଫାନ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଶୁକ୍ରବାର ଦିନ କୋଲକାତା ବିମାନବନ୍ଦରରେ ଏକ ବଡ଼ ଧରଣର ଦୁର୍ଘଟଣା ଟଳିଯାଇଛି, ଯେଉଁଠାରେ ଆଗରତାଲା ଅଭିମୁଖେ ଯାତ୍ରା କରିବାକୁ ଥିବା ଏକ ବେସରକାରୀ ବିମାନ ଉପରେ ହଠାତ୍ ବଜ୍ରପାତ ହୋଇଥିଲା। ଏହି ସମୟରେ ବିମାନ ମଧ୍ୟରେ ୧୪୨ ଜଣ ଯାତ୍ରୀ ଥିଲେ। ସୌଭାଗ୍ୟବଶତଃ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ଏବଂ ସେମାନଙ୍କୁ ଅନ୍ୟ ଏକ ବିମାନ ଯୋଗେ ପଠାଯାଇଛି। ତେବେ ଏହି ଘଟଣାରେ ବିମାନବନ୍ଦରର ଦୁଇ ଜଣ କର୍ମଚାରୀ ସାମାନ୍ୟ ଆହତ ହୋଇଛନ୍ତି। ଅପରପକ୍ଷରେ, ପଶ୍ଚିମବଙ୍ଗର ଦାର୍ଜିଲିଂ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ବାଲାସନ ନଦୀର ଜଳସ୍ତର ବୃଦ୍ଧି ପାଇଛି, ଯାହା ଫଳରେ ଏକ ପ୍ରମୁଖ ପୋଲ ସମ୍ପୂର୍ଣ୍ଣ ରୂପେ ଭାସିଯାଇଛି। ଏହାଦ୍ୱାରା ମିରିକ୍-ଶିଲିଗୁଡ଼ି ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସେହିପରି ଉତ୍ତର ବଙ୍ଗଳାର ପାର୍ବତ୍ୟାଞ୍ଚଳରେ କ୍ରମାଗତ ବର୍ଷା ଯୋଗୁଁ ମହାନଦୀ ନିକଟରେ ଏକ ବଡ଼ ଭୂସ୍ଖଳନ ଘଟି ଜାତୀୟ ରାଜପଥ ଅବରୋଧ ହୋଇଛି। ହିମାଚଳ ପ୍ରଦେଶର ଶିମଲାରେ ମଧ୍ୟ ପ୍ରବଳ ବର୍ଷା ପରେ ପାହାଡ଼ ଧସିବା ଯୋଗୁଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ବଜ୍ରପାତ ଯୋଗୁଁ ଝାଡ଼ଖଣ୍ଡରେ ଏକ ବଡ଼ ବିପତ୍ତି ଦେଖାଦେଇଛି। ବିଭିନ୍ନ ଜିଲ୍ଲାରେ ଚଡ଼କ ପଡ଼ି ଦୁଇ ଜଣ ମହିଳା ଏବଂ ଜଣେ ଦୁଇ ବର୍ଷର ଶିଶୁଙ୍କ ସମେତ ମୋଟ ୮ ଜଣଙ୍କର ମୃତ୍ୟୁ ଘଟିଛି। ହଜାରିବାଗ୍ ଜିଲ୍ଲାରେ ସର୍ବାଧିକ ୩ ଜଣ ପ୍ରାଣ ହରାଇଥିବା ବେଳେ ପଲାମୁ, ଲୋହରଦଗା, ରାମଗଡ଼, ପଶ୍ଚିମ ସିଂହଭୂମ ଏବଂ ଗୋଡ୍ଡା ଜିଲ୍ଲାରୁ ମଧ୍ୟ ମୃତାହତଙ୍କ ଖବର ଆସିଛି। ଏହି ପ୍ରବଳ ବର୍ଷାର ପ୍ରଭାବ ମୁମ୍ବାଇରେ ମଧ୍ୟ ଦେଖିବାକୁ ମିଳିଛି। ନବୀ ମୁମ୍ବାଇ ଆନ୍ତର୍ଜାତୀୟ ବିମାନବନ୍ଦରର ଛାତରୁ ପାଣି ଗଳିବା ଯୋଗୁଁ ଯାତ୍ରୀମାନଙ୍କ ଜିନିଷପତ୍ର ଆସୁଥିବା ଦୁଇଟି କନଭେୟର ବେଲ୍ଟକୁ ସାମୟିକ ଭାବେ ବନ୍ଦ କରିବାକୁ ପଡ଼ିଥିଲା। ପରବର୍ତ୍ତୀ ସମୟରେ ବିମାନବନ୍ଦର କର୍ତ୍ତୃପକ୍ଷ ତୁରନ୍ତ ମରାମତି ଏବଂ ସଫେଇ କାର୍ଯ୍ୟ କରି ସ୍ଥିତିକୁ ସ୍ୱାଭାବିକ କରିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରେ ମୌସୁମୀ ଏବଂ ପ୍ରାକ୍-ମୌସୁମୀ ଜନିତ ବର୍ଷାର ପ୍ରକୋପ ଜାରି ରହିଛି। ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଏବଂ ସମତଳ ଅଞ୍ଚଳରେ ବଜ୍ରପାତ ସାଧାରଣ ଜନତାଙ୍କ ପାଇଁ ବଡ଼ ବିପଦ ସୃଷ୍ଟି କରିଛି।


## ପରୀକ୍ଷା ଦୁର୍ନୀତି: ଶିକ୍ଷାମନ୍ତ୍ରୀଙ୍କ ବହିଷ୍କାର ଦାବିରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ସିଜେପି ମୁଖ୍ୟ

ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ପରୀକ୍ଷାରେ ଅନିୟମିତତା ଏବଂ ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ ଆନ୍ଦୋଳନ ତେଜିବାରେ ଲାଗିଛି। ଯୁବ ସଂଗଠନ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ର ପ୍ରତିଷ୍ଠାତା ଅଭିଜିତ ଦୀପକେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପତ୍ର ଲେଖି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପଦରୁ ବହିଷ୍କାର କରିବାକୁ ଦାବି କରିଛନ୍ତି। ଅଭିଜିତ ତାଙ୍କ ପତ୍ରରେ ଦର୍ଶାଇଛନ୍ତି ଯେ, ପରୀକ୍ଷା ବିବାଦ ଓ ଅନିଶ୍ଚିତତା ଯୋଗୁଁ ନିକଟରେ ୧୧ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଋଣ କରି ପିଲାଙ୍କୁ ପଢ଼ାଉଥିବା ଏହି ମୃତ ଛାତ୍ରଛାତ୍ରୀଙ୍କ ପରିବାରକୁ ତୁରନ୍ତ ୧ କୋଟି ଟଙ୍କା ଲେଖାଏଁ ଆର୍ଥିକ କ୍ଷତିପୂରଣ ପ୍ରଦାନ କରିବାକୁ ସେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଦେଶର ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଦାୟିତ୍ୱବୋଧ ଆଣିବା ପାଇଁ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଜରୁରୀ ବୋଲି ସେ କହିଛନ୍ତି। ଏହି ଦାବିରେ ଜୁନ୍ ୨୦ ତାରିଖରୁ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଛାତ୍ରଛାତ୍ରୀମାନେ ଦିଲ୍ଲୀର ଯନ୍ତର ମନ୍ତରଠାରେ ଏକ ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ କରିବେ। ପୂର୍ବରୁ ଗତ ଜୁନ୍ ୬ ତାରିଖରେ ମଧ୍ୟ ସିଜେପି ପକ୍ଷରୁ ପ୍ରଶ୍ନପତ୍ର ଲିକ୍ ବିରୋଧରେ ପ୍ରଦର୍ଶନ କରାଯାଇଥିଲା। ଶିକ୍ଷାମନ୍ତ୍ରୀଙ୍କୁ ବହିଷ୍କାର କଲେ ହିଁ ସରକାରଙ୍କ ଛାତ୍ରଛାତ୍ରୀଙ୍କ ପ୍ରତି ଥିବା ପ୍ରତିବଦ୍ଧତା ପ୍ରମାଣିତ ହେବ ବୋଲି ସଂଗଠନ ଚେତାବନୀ ଦେଇଛି।

## 'ପୁଷ୍ପା-୨' ଦଳାଚକଟା ମାମଲା: ଅଲ୍ଲୁ ଅର୍ଜୁନଙ୍କୁ କୋର୍ଟ ସମନ୍

ହାଇଦରାବାଦ୍, ୧୯ ।୬(ଏଜେନ୍ସି): ତେଲୁଗୁ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ତାଙ୍କ ଅଭିନୀତ ଚଳଚ୍ଚିତ୍ର 'ପୁଷ୍ପା ୨: ଦି ରୁଲ୍'ର ପ୍ରମୋସନ ସମୟରେ ଘଟିଥିବା ଦଳାଚକଟା ମାମଲାରେ ହାଇଦ୍ରାବାଦର ନାମପଲ୍ଲୀ କୋର୍ଟ ଅଭିନେତାଙ୍କ ସମେତ ୨୦ ଜଣଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବା ପାଇଁ ସମନ୍ ଜାରି କରିଛନ୍ତି। ସେମାନଙ୍କୁ ଆସନ୍ତା ସୋମବାର, ଜୁନ୍ ୨୨ ତାରିଖରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୋଲିସ ଦାଖଲ କରିଥିବା ଚାର୍ଜସିଟ୍‌ରେ ଅଲ୍ଲୁ ଅର୍ଜୁନଙ୍କୁ ୧୧ ନମ୍ବର ଆସାମୀ ଭାବେ ନାମିତ କରାଯାଇଛି। ଅପରପକ୍ଷରେ ସନ୍ଧ୍ୟା ଥିଏଟରର ପରିଚାଳନା କର୍ତ୍ତୃପକ୍ଷଙ୍କୁ ୧ ରୁ ୧୦ ନମ୍ବର ଆସାମୀ କରାଯାଇଛି। ୨୦୨୪ ଡିସେମ୍ବର ୪ ରେ ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ ଅଲ୍ଲୁ ଅର୍ଜୁନଙ୍କୁ ଦେଖିବା ପାଇଁ ହଜାର ହଜାର ପ୍ରଶଂସକଙ୍କ ଭିଡ଼ ଜମିଥିଲା। ଏହି ସମୟରେ ଭିଡ଼ ଓ ଦୌଡ଼ାଦୌଡ଼ି ଯୋଗୁଁ ଜଣେ ୩୫ ବର୍ଷୀୟା ମହିଳାଙ୍କର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପୁଅ ଗୁରୁତର ଆହତ ହୋଇଥିଲା।

## ରାହୁଲଙ୍କ ଜନ୍ମଦିନରେ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା



ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): କଂଗ୍ରେସ ନେତା ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଦିନ ୫୬ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇଣ୍ଡିଆ ମେଣ୍ଟର ପ୍ରମୁଖ ନେତାମାନଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ଶୀର୍ଷ ନେତୃବୃନ୍ଦ ତାଙ୍କୁ ଜନ୍ମଦିନର ଶୁଭକାମନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ' ରେ ପୋଷ୍ଟ କରି ଲେଖିଛନ୍ତି, 'ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଜୀଙ୍କୁ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା। ମୁଁ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ ପାଇଁ ପ୍ରାର୍ଥନା କରୁଛି।' କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡ଼ଗେ ରାହୁଲଙ୍କ ନେତୃତ୍ୱକୁ ପ୍ରଶଂସା କରି କହିଛନ୍ତି ଯେ ସମ୍ବିଧାନର ସୁରକ୍ଷା, ସାମାଜିକ ନ୍ୟାୟ ଏବଂ ଶୋଷିତ ଓ ଅବହେଳିତ ଲୋକଙ୍କ ସ୍ୱରକୁ ସାମ୍ନାକୁ ଆଣିବା ପାଇଁ ରାହୁଲଙ୍କ ସଂଗ୍ରାମ ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରିତ କରିଛି। ସେ ତାଙ୍କର ସୁସ୍ଥ ଓ ଦୀର୍ଘ ଜୀବନ କାମନା କରିଛନ୍ତି। ଇଣ୍ଡିଆ ମେଣ୍ଟର ସହଯୋଗୀ ଆରଜେଡି ନେତା ତେଜସ୍ୱୀ ଯାଦବ, ଏନସିପି ନେତା ସୁପ୍ରିୟା ସୁଲେ ଏବଂ ଟିଭିକେ ମୁଖ୍ୟ ସି. ଜୋସେଫ୍ ବିଜୟ ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# 'ଇରାନ ସମ୍ପୂର୍ଣ୍ଣ ରୂପେ ଶେଷ ହୋଇଯାଇଛି'

ୱାଶିଂଟନ, ୧୯ ।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି। ଯୁଦ୍ଧ ପରେ ଇରାନ ଅଧିକ ଶକ୍ତିଶାଳୀ ହୋଇ ଉଭା ହୋଇଥିବା ନେଇ ଚାଲିଥିବା ଚର୍ଚ୍ଚାକୁ ସେ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି। ଟ୍ରମ୍ପ ଦାବି କରିଛନ୍ତି ଯେ ସାମ୍ପ୍ରତିକ ଯୁଦ୍ଧ ଯୋଗୁଁ ଇରାନ ସମ୍ପୂର୍ଣ୍ଣ ରୂପେ ଶେଷ ହୋଇଯାଇଛି ଏବଂ ଆମେରିକା ପକ୍ଷରୁ ତାକୁ କୌଣସି ଆର୍ଥିକ ସହାୟତା ବା ଆଶ୍ୱସ୍ତି ମିଳିବ ନାହିଁ। ନିଜର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ୍'ରେ ଏକାଧିକ ବାର୍ତ୍ତା ସେୟାର କରି ଟ୍ରମ୍ପ ନିଜର ରାଜନୈତିକ ବିରୋଧୀ ଡେମୋକ୍ରାଟ୍ସମାନଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ ଲେଖିଛନ୍ତି, 'ଯୁଦ୍ଧ ଯୋଗୁଁ ଇରାନର ଶକ୍ତି ସମ୍ପୂର୍ଣ୍ଣ ହ୍ରାସ ପାଇଛି। ବର୍ତ୍ତମାନ ତାହା ପାଖରେ ନା ବାୟୁସେନା ଅଛି, ନା ନୌସେନା, ନା କୌଣସି ଆଣ୍ଟି-ଏୟାରକ୍ରାଫ୍ଟ ଉପକରଣ ବା ରାଡାର ବ୍ୟବସ୍ଥା ବାକି ରହିଛି। ସେ ପ୍ରାୟ ସର୍ବସ୍ୱାନ୍ତ ହୋଇଯାଇଛି।' ୪ ମାସ ପୂର୍ବ ଅପେକ୍ଷା ଇରାନ ଏବେ ଭଲ ସ୍ଥିତିରେ ଅଛି ବୋଲି ବିରୋଧୀ ଦଳ କହୁଥିବାରୁ ସେ ସେମାନଙ୍କ ଜ୍ଞାନକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ଆମେରିକା କୌଣସି ନିରାଶା ବା ବାଧ୍ୟବାଧକତାରେ ଆଲୋଚନା ପାଇଁ ଆଗେଇ ନାହିଁ, ବରଂ ନିଜର ସର୍ବନାଶ ଦେଖି ଇରାନ ହିଁ ଚୁକ୍ତି ପାଇଁ ବ୍ୟାକୁଳ ହୋଇଥିଲା। ନିକଟରେ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ପ୍ରାଥମିକ ବୁଝାମଣା ପତ୍ର ଅନୁଯାୟୀ ଆଗାମୀ ୬୦ ଦିନର ସମୟସୀମା ମଧ୍ୟରେ ବାକି ପ୍ରସଙ୍ଗର ଆଲୋଚନା କରାଯିବ। କିନ୍ତୁ ଏହି ସମୟ ମଧ୍ୟରେ ଇରାନକୁ କୌଣସି ଅର୍ଥ ପ୍ରଦାନ କରାଯିବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପଙ୍କ ଏହି ତୀବ୍ର ପ୍ରତିକ୍ରିୟା ଇରାନର ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ବୟାନର ଗୋଟିଏ ଦିନ ପରେ ଆସିଛି। ଗୁରୁବାର ଦିନ ଖାମେନେଇ ଦେଶବାସୀଙ୍କୁ ସମ୍ବୋଧିତ କରି କହିଥିଲେ ଯେ ଚୁକ୍ତି କରିବା ପାଇଁ ପ୍ରେସିଡେଣ୍ଟ ଟ୍ରମ୍ପ ନିଜେ ବ୍ୟାକୁଳ ଥିଲେ ଏବଂ ଏଥିପାଇଁ ସେ ସମସ୍ତ ପ୍ରକାର ଚାପ ପ୍ରୟୋଗ କରିଥିଲେ। ଖାମେନେଇ କହିଥିଲେ ଯେ ସେ ବ୍ୟକ୍ତିଗତ ଭାବେ ଏହି ଚୁକ୍ତିର ବିରୋଧୀ ଥିଲେ, କିନ୍ତୁ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଏବଂ ଜାତୀୟ ସୁରକ୍ଷା ପରିଷଦର ପ୍ରତିଶ୍ରୁତି ପରେ ଦେଶର ସ୍ୱାର୍ଥ ରକ୍ଷା ପାଇଁ ଏହାକୁ ଅନୁମତି ଦେଇଛନ୍ତି। ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧର ଅନ୍ତ ଘଟାଇବା ପାଇଁ ଏକ ପ୍ରାଥମିକ ଚୁକ୍ତିନାମା



ସ୍ୱାକ୍ଷରିତ ହୋଇସାରିଥିଲେ ମଧ୍ୟ ଉଭୟ ଦେଶ ମଧ୍ୟରେ ବାକ୍‌ଯୁଦ୍ଧ ଏବଂ ଅବିଶ୍ୱାସର ପରିବେଶ କମିନାହିଁ।

## ଟ୍ରମ୍ପଙ୍କ ଫଟୋ ଦାବି ଉପରେ ଗର୍ଜିଲେ ମେଲୋନି

ରୋମ, ୧୯ ।୬(ଏଜେନ୍ସି): ଜି-୭ ସମ୍ମିଳନୀରେ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ଫଟୋ ଉଠାଇବା ପାଇଁ ଅନୁରୋଧ କରୁଥିଲେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିବା ପରେ ଦୁଇ ନେତାଙ୍କ ମଧ୍ୟରେ ବିବାଦ ଚରମ ସୀମାରେ ପହଞ୍ଚିଛି। ମେଲୋନି ଏହାର କଡ଼ା ଜବାବ ଦେଇ ଟ୍ରମ୍ପଙ୍କ ଏହି ମନ୍ତବ୍ୟକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି। ଏକ ଇଟାଲୀୟ ଟେଲିଭିଜନ ଚ୍ୟାନେଲକୁ ସାକ୍ଷାତକାର ଦେଇ ଟ୍ରମ୍ପ କହିଥିଲେ, 'ମେଲୋନି ମୋ ସହ ଫଟୋ ଉଠାଇବାକୁ ବ୍ୟାକୁଳ ଥିଲେ ଏବଂ ଅନୁରୋଧ କରୁଥିଲେ। ମୁଁ ତାଙ୍କୁ ଦୟା କରି ଫଟୋ ଉଠାଇବାକୁ ଅନୁମତି ଦେଇଥିଲି।' ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ମେଲୋନି କହିଛନ୍ତି, 'ଟ୍ରମ୍ପଙ୍କ କଥା ସମ୍ପୂର୍ଣ୍ଣ ମନଗଢ଼ା। ଆମେରିକା ରାଷ୍ଟ୍ରପତି ନିଜର ବନ୍ଧୁ ରାଷ୍ଟ୍ରମାନଙ୍କ ପ୍ରତି ଏଭଳି ବ୍ୟବହାର କରୁଥିବା ବେଳେ ପଶ୍ଚିମ ଦେଶଗୁଡ଼ିକର ଶତ୍ରୁମାନଙ୍କ ପ୍ରତି ନରମ ଆଭିମୁଖ୍ୟ ପୋଷଣ କରୁଛନ୍ତି, ଯାହା ଅତ୍ୟନ୍ତ ନିରାଶାଜନକ। ଗୋଟିଏ କଥା ମନେ ରଖିବା ଉଚିତ ଯେ ମୁଁ କିମ୍ବା ଇଟାଲୀ କେବେ କାହାକୁ ଭିକ ମାଗନ୍ତି ନାହିଁ।' ଇରାନ ଯୁଦ୍ଧ ଏବଂ ପୋପ୍‌ଙ୍କୁ ସମାଲୋଚନା ପ୍ରସଙ୍ଗରେ ଉଭୟଙ୍କ ମଧ୍ୟରେ ପୂର୍ବରୁ ତିକ୍ତତା ଥିଲା। ଏହି ନୂତନ ବିବାଦ ପରେ ଇଟାଲୀର ବୈଦେଶିକ ମନ୍ତ୍ରୀ ଆଣ୍ଟୋନିଓ ତାଜାନୀ ଏହାକୁ ସମଗ୍ର ଇଟାଲୀର ଅପମାନ ବୋଲି କହି ନିଜର ଆଗାମୀ ଆମେରିକା ଗସ୍ତ ବାତିଲ କରିଦେଇଛନ୍ତି।

## ଟ୍ରମ୍ପଙ୍କ ଇରାନ ନୀତିରେ ଆମେରିକାବାସୀ ଅସନ୍ତୁଷ୍ଟ

ୱାଶିଂଟନ, ୧୯ ।୬(ଏଜେନ୍ସି): ଇରାନ ସହିତ ଚାଲିଥିବା ଯୁଦ୍ଧ ଓ କୂଟନୀତି ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଲୋକପ୍ରିୟତାକୁ ନେଇ ଏକ ନୂତନ ସର୍ଭେ (ଏପି-ଏନ୍‌ଓଆରସି ପୋଲ) ସାମ୍ନାକୁ ଆସିଛି। ଏହି ସର୍ଭେ ଅନୁଯାୟୀ, ଅଧିକାଂଶ ଆମେରିକୀୟ ନାଗରିକ ଟ୍ରମ୍ପଙ୍କ ଇରାନ ନୀତିକୁ ନାପସନ୍ଦ କରିଛନ୍ତି। ପ୍ରାୟ ୬୫ ପ୍ରତିଶତ ଆମେରିକୀୟ ନାଗରିକ ଇରାନ ପ୍ରସଙ୍ଗରେ ଟ୍ରମ୍ପଙ୍କ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିଛନ୍ତି। ମାତ୍ର ୨୮ ପ୍ରତିଶତ ରିପବ୍ଲିକାନ୍ ସଦସ୍ୟ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି, ଯାହା ଦର୍ଶାଉଛି ଯେ ଏହି ବିଷୟରେ ଦେଶରେ ତୀବ୍ର ରାଜନୈତିକ ବିଭାଜନ ରହିଛି। ଇରାନ ପ୍ରସଙ୍ଗରେ ବିରୋଧ ସତ୍ତ୍ୱେ ରାଷ୍ଟ୍ରପତି ଭାବେ ଟ୍ରମ୍ପଙ୍କ ସାମଗ୍ରିକ ଲୋକପ୍ରିୟତା ବା ସମର୍ଥନ ହାର ୩୭ ପ୍ରତିଶତରେ ସ୍ଥିର ରହିଛି।

## କରୋନାର ଉତ୍ପତ୍ତି ଲୁଚାଇବା ପାଇଁ ଆମେରିକାରେ ଷଡ଼ଯନ୍ତ୍ର

**ତୁଳସୀ ଗାବାର୍ଡଙ୍କ ବିସ୍ଫୋରକ ତଥ୍ୟ**

ୱାଶିଂଟନ, ୧୯।୬(ଏଜେନ୍ସି): ଆମେରିକାର ନ୍ୟାସନାଲ୍ ଇଣ୍ଟେଲିଜେନ୍ସର ନିର୍ଦ୍ଦେଶିକା ତୁଳସୀ ଗାବାର୍ଡ ନିଜ ପଦବୀରୁ ବିଦାୟ ନେଇଛନ୍ତି। ଏହାପରେ ସେ ପୂର୍ବତନ ମୁଖ୍ୟ ଚିକିତ୍ସା ପରାମର୍ଶଦାତା ଡ.ଆଣ୍ଟୋନୀ ଫାଉସିଙ୍କ ବିରୋଧରେ ଅନେକ ଗୁରୁତ୍ୱପୂର୍ଣ୍ଣ ଗୁପ୍ତ ଦସ୍ତାବିଜ ସାର୍ବଜନୀନ କରିଛନ୍ତି। ଗାବାର୍ଡଙ୍କ ଅଭିଯୋଗ ଅନୁଯାୟୀ, ଡ.ଫାଉସି ଚୀନର ୱୁହାନର ଲ୍ୟାବ୍‌ରେ ଅପ୍ରାକୃତିକ ଭାବେ ବିପଜ୍ଜନକ ଭାଇରସର ସୃଷ୍ଟି ଓ ଗବେଷଣା ପାଇଁ ସରକାରୀ ପାଣ୍ଠି ଯୋଗାଇ ଦେଇଥିଲେ। ଗାବାର୍ଡଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ଦସ୍ତାବିଜ ଜାରି କରାଯାଇଛି। ଫାଉସି କରୋନା ଭାଇରସର ଉତ୍ପତ୍ତି ଓ ଲ୍ୟାବ୍-ଲିକ୍ ତଥ୍ୟକୁ ଚାପି ଦେବା ପାଇଁ ଚେଷ୍ଟା କରିଥିଲେ। ଏଥିପାଇଁ ସେ ଗୁପ୍ତଚର ବିଭାଗର କିଛି ଅଧିକାରୀଙ୍କୁ ବ୍ୟବହାର କରିଥିଲେ ଏବଂ ମିଥ୍ୟା ତଥ୍ୟ ପ୍ରଚାର କରିଥିଲେ। ଗାବାର୍ଡ ଏହାକୁ ଏକ ଡିପ୍ ଷ୍ଟେଟ୍‌ର ରଣନୀତି ବୋଲି କହିଛନ୍ତି। ଫାଉସି ଜନସାଧାରଣଙ୍କୁ ବିଭ୍ରାନ୍ତ କରିଥିବା ସେ ଅଭିଯୋଗ କରିଛନ୍ତି। ଜାରି ଦସ୍ତାବିଜଗୁଡ଼ିକ ଅନୁଯାୟୀ, ୨୦୨୪ରେ କଂଗ୍ରେସ କମିଟି ଆଗରେ ଡକ୍ଟର ଫାଉସି ମିଛ ଶପଥ ନେଇଥିଲେ। ଶପଥପାଠରେ ସେ ଏଫ୍‌ବିଆଇ, ସିଆଇଏ କିମ୍ବା ଡିଆଇଏ ଭଳି ସଂସ୍ଥା ସହ ଭାଇରସ୍ ଗବେଷଣା ବିଷୟରେ କୌଣସି କଥା ହୋଇନାହାଁନ୍ତି ବୋଲି ଜଣାଇଥିଲେ। କିନ୍ତୁ ଉନ୍ମୋଚିତ କାଗଜପତ୍ର ଏହାକୁ ଭୁଲ ପ୍ରମାଣିତ କରିଛି। ନ୍ୟାସନାଲ୍ ଇଣ୍ଟେଲିଜେନ୍ସ କାର୍ଯ୍ୟାଳୟ (ଓଡିଏନ୍‌ଆଇ) କିଛି ହ୍ୱିସିଲବ୍ଲୋୟରଙ୍କ ବୟାନ ମଧ୍ୟ ସଂଗ୍ରହ କରିଛି। ସେମାନଙ୍କ ଅନୁଯାୟୀ, ଯେଉଁ ଅଧିକାରୀମାନେ କୋଭିଡ୍-୧୯ ର ଉତ୍ପତ୍ତି ଉହାନ ଲ୍ୟାବରୁ ହୋଇଛି ବୋଲି ପ୍ରଶ୍ନ ଉଠାଇଥିଲେ, ସେମାନଙ୍କୁ ଚାକିରି କ୍ଷେତ୍ରରେ ହଇରାଣ କରାଯିବା ସହ ପଦୋନ୍ନତି କ୍ଷେତ୍ରରେ ମଧ୍ୟ ବାଧା ସୃଷ୍ଟି କରାଯାଇଥିଲା। ତେବେ ଡକ୍ଟର ଫାଉସି ପୂର୍ବରୁ ଏହି ସମସ୍ତ ଅଭିଯୋଗକୁ ଅଯୌକ୍ତିକ ବୋଲି କହି ପ୍ରତ୍ୟାଖ୍ୟାନ କରିଥିଲେ।

## ଇସ୍ରାଏଲ ଆକ୍ରମଣ: ଲେବାନନରେ ୪୭ ମୃତ

ତେଲଅଭିଭ, ୧୯।୬(ଏଜେନ୍ସି): ଦକ୍ଷିଣ ଲେବାନନ୍‌ରେ ଶୁକ୍ରବାର ରକ୍ତାକ୍ତ ସଂଘର୍ଷ ଏବଂ ସାମରିକ ଉତ୍ତେଜନା ଦେଖାଦେଇଛି। ଇସ୍ରାଏଲ ଏବଂ ହିଜବୁଲ୍ଲା ମଧ୍ୟରେ ହୋଇଥିବା ଏହି ସଂଘର୍ଷ ପରେ ଉଭୟ ପକ୍ଷ ଅସ୍ତ୍ରବିରତି ଚୁକ୍ତିରେ ସମ୍ମତ ହୋଇଥିବା ଜଣାପଡ଼ିଛି। ଆମେରିକାର ଜଣେ ବରିଷ୍ଠ ଅଧିକାରୀ ଏନେଇ ସୂଚନା ଦେଇଛନ୍ତି। ଆମେରିକା ଏବଂ କାତାରର ମଧ୍ୟସ୍ଥତା ତଥା ଇରାନର ସହଯୋଗରେ ଏହି ଗୁରୁତ୍ୱପୂର୍ଣ୍ଣ ବୁଝାମଣା ସମ୍ଭବ ହୋଇଛି। ଅସ୍ତ୍ରବିରତି ପୂର୍ବରୁ ଗତ ୨୪ ଘଣ୍ଟା ମଧ୍ୟରେ ସୀମାରେ ଭୟଙ୍କର ଯୁଦ୍ଧ ଦେଖିବାକୁ ମିଳିଥିଲା। ଇସ୍ରାଏଲର ବିମାନ



ଆକ୍ରମଣରେ ଲେବାନନ୍‌ରେ ପ୍ରାୟ ୪୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ହିଜବୁଲ୍ଲାର ଜବାବୀ ଆକ୍ରମଣରେ ୪ ଜଣ ଇସ୍ରାଏଲୀ ସୈନ୍ୟ ପ୍ରାଣ ହରାଇଥିଲେ। ଏହି ହିଂସା ଯୋଗୁଁ ସୁଇଜରଲ୍ୟାଣ୍ଡରେ ହେବାକୁ ଥିବା ଆମେରିକା-ଇରାନ ମଧ୍ୟରେ ସମ୍ମୁଖ ଆଲୋଚନାକୁ ସାମୟିକ ଭାବେ ବାତିଲ କରିବାକୁ ପଡ଼ିଛି। ଆମେରିକାର ଉପ-ରାଷ୍ଟ୍ରପତି ଜେଡି. ଭାନ୍ସ ମଧ୍ୟ ତାଙ୍କର ଏହି ଗସ୍ତକୁ ସ୍ଥଗିତ ରଖିଛନ୍ତି।

ଇସ୍ରାଏଲର ଦକ୍ଷିଣପନ୍ଥୀ ମନ୍ତ୍ରୀ ଇଟାମାର ବେନ୍ ଗଭୀର 'ସମ୍ପୂର୍ଣ୍ଣ ଲେବାନନ୍ ଜଳିବା ଦରକାର। ପ୍ରତ୍ୟେକ ଇସ୍ରାଏଲି ମା'ର ଲୁହ ବଦଳରେ ହଜାରେ ଲେବାନନୀ ମା' କାନ୍ଦିବା ଉଚିତ୍' ବୋଲି ସାଂଘାତିକ ମନ୍ତବ୍ୟ ଦେଇଥିଲେ। ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚି ଏହି ମନ୍ତବ୍ୟର କଡ଼ା ସମାଲୋଚନା କରିଛନ୍ତି। ଆରାଘଚି ଇସ୍ରାଏଲକୁ 'ସ୍ଥାୟୀ ଯୁଦ୍ଧ'ର ଅନ୍ୱେଷଣ କରୁଥିବା ଏକ ବିପଜ୍ଜନକ ଦେଶ ଭାବେ ଅଭିହିତ କରିଛନ୍ତି। ଇରାନର ମୁଖ୍ୟ ବୁଝାମଣାକାରୀ ମହମ୍ମଦ ବାଘେର ଘାଲିବାଫ ଚେତାବନୀ ଦେଇ କହିଛନ୍ତି, 'ଆମର ଆଙ୍ଗୁଠି ଟ୍ରିଗର ଉପରେ ରହିଛି' ଏବଂ ଶତ୍ରୁର ଯେକୌଣସି ଅତିରିକ୍ତ ଆକ୍ରମଣର କଠୋର ଜବାବ ଦିଆଯିବ। ବର୍ତ୍ତମାନ ପାଇଁ ଅସ୍ତ୍ରବିରତି ଲାଗୁ ହୋଇଥିଲେ ହେଁ, ପଶ୍ଚିମ ଏସିଆରେ ସ୍ଥାୟୀ ଶାନ୍ତି ପାଇଁ ଆମେରିକା ଏବଂ ଇରାନ ମଧ୍ୟରେ ହେବାକୁ ଥିବା ଆଗାମୀ ୬୦ ଦିନର ଆଲୋଚନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି କୁହାଯାଇଛି।

## ବିମାନବନ୍ଦରରେ ଟିଏମ୍‌ସି-ବିଜେପି କର୍ମୀ ଧସ୍ତାଧସ୍ତି

କୋଲକାତା, ୧୯।୬(ଏଜେନ୍ସି): କୋଲକାତା ବିମାନବନ୍ଦରରେ ଶୁକ୍ରବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବିଜେପିର ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଟିଏମସି ସାଂସଦ ଅଭିଷେକ ବାନାର୍ଜୀ ଦିଲ୍ଲୀରେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟିଥିଲେ। ଏହାପରେ କୋଲକାତା ଫେରିବା ବେଳେ ଏହି ଉତ୍ତେଜନା ଦେଖାଦେଇଛି। ସୂଚନା ଅନୁଯାୟୀ, ଅଭିଷେକଙ୍କ ଆଗମନ ପୂର୍ବରୁ ବିଜେପି ସମର୍ଥକଙ୍କ ଏକ ଗୋଷ୍ଠୀ ହାତରେ ଅଣ୍ଡା ଧରି ବିମାନବନ୍ଦରରେ ପହଞ୍ଚିଥିଲେ। ଖବର ପାଇ ବହୁ ସଂଖ୍ୟାରେ ଟିଏମସି କର୍ମୀ ମଧ୍ୟ ସେଠାରେ ରୁଣ୍ଡ ହୋଇଥିଲେ। ଏହାପରେ ଉଭୟ ଦଳର କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିମାନବନ୍ଦରର ଆଗମନ ଦ୍ୱାର ନିକଟରେ ଉଭୟ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ଓ ସଂଘର୍ଷ ହୋଇଥିଲା। ବିଜେପି କର୍ମୀ ଅଭିଷେକଙ୍କ ଉପରକୁ ଅଣ୍ଡା ମାଡ଼ କରିବା ଉଦ୍ଦେଶ୍ୟରେ ସେଠାରେ ଏକତ୍ରିତ ହୋଇଥିବା ଟିଏମସି କର୍ମୀଙ୍କ ଅଭିଯୋଗ କରିଛନ୍ତି। ସ୍ଥିତି ବିଗିଡ଼ିବା ଦେଖି ପୁଲିସ ଓ ସୁରକ୍ଷାକର୍ମୀ ତୁରନ୍ତ ହସ୍ତକ୍ଷେପ କରିଥିଲେ। ଏକଜିଟ୍ ଗେଟ୍ ବାହାରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ସମ୍ଭାବ୍ୟ ଆକ୍ରମଣ ଓ ଜଟିଳ ପରିସ୍ଥିତି ପୂର୍ବରୁ ସୁରକ୍ଷା ସଂସ୍ଥାଗୁଡ଼ିକ ଅଭିଷେକଙ୍କୁ ଏକ ଭିନ୍ନ ଦ୍ୱାର ଦେଇ ବିମାନବନ୍ଦର ବାହାରକୁ ନେଇଥିଲେ। ପରେ ପୁଲିସର କଡ଼ା ସୁରକ୍ଷା ମଧ୍ୟରେ ସେ ସେଠାରୁ ପ୍ରସ୍ଥାନ କରିଥିଲେ।

## ଟେଲିଗ୍ରାମ୍ ଉପରୁ ହଟିବନି ବ୍ୟାନ୍

ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ନିଟ୍ ପୁନଃ-ପରୀକ୍ଷାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ଦ୍ୱାରା ଟେଲିଗ୍ରାମ୍ ଆପ୍ ଉପରେ ଲଗାଯାଇଥିବା ସାମୟିକ କଟକଣାକୁ ଦିଲ୍ଲୀ ହାଇକୋର୍ଟ ଗ୍ରହଣ କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଟେଲିଗ୍ରାମ୍ ପକ୍ଷରୁ ଦାୟର ହୋଇଥିବା ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ ତେଜସ କାରିଆଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ, ଆଗାମୀ ନିଟ୍ ପୁନଃ-ପରୀକ୍ଷାକୁ ଆଖିରେ ରଖି ଆସନ୍ତା ଜୁନ୍ ୨୨ ତାରିଖ ପର୍ଯ୍ୟନ୍ତ ଟେଲିଗ୍ରାମ୍ ଉପରେ କଟକଣା ଜାରି ରହିବ। ଗତ ଜୁନ୍ ୧୬ ତାରିଖରେ କେନ୍ଦ୍ର ସରକାର ଏହି ସାମୟିକ ବ୍ୟାନ୍ ଲଗାଇଥିଲେ। କୋର୍ଟରେ ଦାଖଲ ହୋଇଥିବା ସତ୍ୟପାଠରେ କେନ୍ଦ୍ର ସରକାର ଦର୍ଶାଇଛନ୍ତି ଯେ, ଟେଲିଗ୍ରାମ୍‌ର ଗୋପନୀୟତା ଓ ଅଜ୍ଞାତ ରହିବାର ସୁବିଧା ଯୋଗୁଁ ଏହାକୁ ସାଇବର ଅପରାଧ, ପ୍ରଶ୍ନପତ୍ର ଲିକ୍, ଆତଙ୍କବାଦୀ ପ୍ରଚାର ଏବଂ ଆର୍ଥିକ ପ୍ରତାରଣା ପାଇଁ ବହୁଳ ଭାବେ ବ୍ୟବହାର କରାଯାଉଛି। ଟେଲିଗ୍ରାମ୍ ପକ୍ଷରୁ କୁହାଯାଇଥିଲା ଯେ, କେବଳ ଗୋଟିଏ ଘଟଣା ପାଇଁ ସମ୍ପୂର୍ଣ୍ଣ ଆପ୍‌କୁ ବ୍ୟାନ୍ କରିବା ଅନୁଚିତ। ସରକାରଙ୍କ ସୂଚନା ପାଇବା ପରେ କମ୍ପାନୀ ନିଟ୍ ସମ୍ବନ୍ଧିତ ପ୍ରାୟ ୯୦୦ରୁ ଅଧିକ ବେଆଇନ ଲିଙ୍କ୍‌କୁ ହଟାଇ ଦେଇଛି ଏବଂ ଏଥିପାଇଁ ଏଆଇ ଉପକରଣର ସାହାଯ୍ୟ ନିଆଯାଉଛି।

## ସିନ୍ଧୁ ଜଳ ଚୁକ୍ତି ପୁରୁଣା ହୋଇଯାଇଛି: ଭାରତ

ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି): ଜାତିସଂଘରେ ପାକିସ୍ତାନକୁ ଏକ 'ଫ୍ରାଙ୍କେନଷ୍ଟାଇନ ରାଷ୍ଟ୍ର' (ନିଜେ ସୃଷ୍ଟି କରିଥିବା ସଂକଟରେ ନିଜେ ବୁଡ଼ିଥିବା ଦେଶ) ବୋଲି ଅଭିହିତ କରି ଭାରତ ଶୁକ୍ରବାର ଦିନ କଡ଼ା ସମାଲୋଚନା କରିଛି। ଏଥିସହିତ ଦୀର୍ଘ ଦଶନ୍ଧି ପୁରୁଣା 'ସିନ୍ଧୁ ଜଳ ଚୁକ୍ତି' ବର୍ତ୍ତମାନ ସମୟ ଅନୁଯାୟୀ ଅପ୍ରାସଙ୍ଗିକ ବା ପୁରୁଣା ହୋଇଯାଇଛି ବୋଲି ଭାରତ ପ୍ରକାଶ କରିଛି। ଜାତିସଂଘ ମାନବାଧିକାର ହାଇକମିଶନରଙ୍କ ବାର୍ଷିକ ରିପୋର୍ଟ ଉପରେ ଚାଲିଥିବା ଆଲୋଚନାରେ ଭାରତର ପ୍ରଥମ ସଚିବ ଅନୁପମା ସିଂହ ପାକିସ୍ତାନକୁ ଜବାବ ଦେଇଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ଜମ୍ମୁ-କାଶ୍ମୀର ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ଅଛି ଏବଂ ସଦାସର୍ବଦା ରହିବ। ଭାରତ ପକ୍ଷରୁ କୁହାଯାଇଛି ଯେ, ବର୍ତ୍ତମାନ ଏହି ପ୍ରସଙ୍ଗରେ କେବଳ ଗୋଟିଏ ହେଲେ ସମସ୍ୟାର ସମାଧାନ ବାକି ରହିଛି, ତାହା ହେଉଛି ପାକିସ୍ତାନ ଦ୍ୱାରା ବେଆଇନ ଭାବେ ଅଧିକୃତ ହୋଇଥିବା ଭାରତୀୟ ଭୂଭାଗ (ପିଓଜେକେ) କୁ ମୁକ୍ତ କରି ଭାରତକୁ ଫେରସ୍ତ କରିବା। ସିନ୍ଧୁ ଜଳ ଚୁକ୍ତିକୁ ପୁରୁଣା ବୋଲି ଦର୍ଶାଇ ଭାରତ ଏଥିରେ ପରିବର୍ତ୍ତନର ଆବଶ୍ୟକତା ଥିବା ସଙ୍କେତ ଦେଇଛି। ଅନ୍ତର୍ଜାତୀୟ ମଞ୍ଚରେ ପାକିସ୍ତାନ ସଦାସର୍ବଦା କାଶ୍ମୀର ପ୍ରସଙ୍ଗ ଉଠାଇ ଭାରତକୁ ଘେରିବାକୁ ଚେଷ୍ଟା କରିଆସୁଛି।

**ରାଜ୍ୟସଭାରେ ଏନ୍‌ଡିଏର ଶକ୍ତି ବୃଦ୍ଧି**

## ଦୁଇ-ତୃତୀୟାଂଶ ସଂଖ୍ୟାଠାରୁ ୧୩ ଆସନ ଦୂରରେ

ନୂଆଦିଲ୍ଲୀ, ୧୯ ।୬(ଏଜେନ୍ସି):ଭାରତୀୟ ଜନତା ପାର୍ଟି (ବିଜେପି) ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ରାଜ୍ୟସଭାରେ ନିଜର ସ୍ଥିତିକୁ ଆହୁରି ମଜବୁତ କରିଛି। ସାମ୍ପ୍ରତିକ ପରିପ୍ରେକ୍ଷୀରେ ଅନୁଷ୍ଠିତ ୨୬ଟି ଆସନର ନିର୍ବାଚନ ମଧ୍ୟରୁ ଏନଡିଏ ୧୯ଟି ଆସନରେ ବିଜୟ ହାସଲ କରିଛି। ଅପରପକ୍ଷରେ, କଂଗ୍ରେସ ନେତୃତ୍ୱାଧୀନ 'ଇଣ୍ଡିଆ' ମେଣ୍ଟକୁ ମାତ୍ର ୬ଟି ଆସନ ମିଳିଥିବା ବେଳେ ମିଜୋରାମର ଆଞ୍ଚଳିକ ଦଳ ଜୋରାମ ପିପୁଲ୍ସ ମୁଭମେଣ୍ଟ (ଜେଡପିଏମ) ଗୋଟିଏ ଆସନ ଜିତିବାରେ ସଫଳ ହୋଇଛି। ଏହି ସଫଳତା ସହ ୨୪୫ ସଦସ୍ୟ ବିଶିଷ୍ଟ ଉଚ୍ଚ ସଦନରେ ଏନଡିଏର ସଦସ୍ୟ ସଂଖ୍ୟା ୧୪୮ ରୁ ୧୫୦କୁ ବୃଦ୍ଧି ପାଇଛି।

ସମ୍ବିଧାନ ସଂଶୋଧନ ଭଳି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ କରିବା ପାଇଁ ରାଜ୍ୟସଭାରେ ଦୁଇ-ତୃତୀୟାଂଶ ବହୁମତ ଅର୍ଥାତ ୧୬୩ଟି ଆସନର ଆବଶ୍ୟକତା ରହିଛି। ଏହି ନୂତନ ନିର୍ବାଚନ ଫଳାଫଳ ପରେ ଏନଡିଏ ଏହି ମାଜିକ



ନମ୍ବରଠାରୁ ମାତ୍ର ୧୩ଟି ଆସନ ଦୂରରେ ରହିଛି। ଜୁନ୍ ୧୧ ତାରିଖରେ ୮ ଟି ରାଜ୍ୟରୁ ୨୪ ଜଣ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇସାରିଥିବା ବେଳେ ଝାଡ଼ଖଣ୍ଡ ଏବଂ ମିଜୋରାମର ଫଳାଫଳ ଏହି ଚିତ୍ରକୁ ସ୍ପଷ୍ଟ କରିଛି। ଝାଡ଼ଖଣ୍ଡରେ 'ଇଣ୍ଡିଆ' ମେଣ୍ଟର ବହୁମତ ଥାଇ ମଧ୍ୟ କ୍ରସ୍-ଭୋଟିଂ ଯୋଗୁଁ ଏନଡିଏ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ପରିମଳ ନଥୱାନୀ ଆଶ୍ଚର୍ଯ୍ୟଜନକ ଭାବେ ବିଜୟୀ ହୋଇଛନ୍ତି।

ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଚାଲିଥିବା ଆଭ୍ୟନ୍ତରୀଣ କନ୍ଦଳ ଯୋଗୁଁ ଏନଡିଏର ଆସନ ସଂଖ୍ୟା ଆଗକୁ ଆହୁରି ବଢ଼ିବାର ସମ୍ଭାବନା ଅଛି। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମସି) ର ତିନିଜଣ ସାଂସଦ ଦଳୀୟ ବିବାଦ ଯୋଗୁଁ ଇସ୍ତଫା ଦେଇଛନ୍ତି। ଯଦି ସେହି ତିନୋଟି ଉପ-ନିର୍ବାଚନରେ ଏନଡିଏ ଜିତେ, ତେବେ ଏହାର ସଂଖ୍ୟା ୧୫୩କୁ ବୃଦ୍ଧି ପାଇବ ଏବଂ ଦୁଇ-ତୃତୀୟାଂଶ ବହୁମତ ପାଇଁ ମାତ୍ର ୧୦ଟି ଆସନ ବାକି ରହିବ। ଏହା ପୂର୍ବରୁ ଆମ ଆଦମୀ ପାର୍ଟି (ଆପ୍) ମଧ୍ୟରେ ବିଭାଜନ ଘଟି ରାଘବ ଚଢ଼ାଙ୍କ ନେତୃତ୍ୱରେ ୭ ଜଣ ସାଂସଦ ଏନଡିଏ ଶିବିରକୁ ସମର୍ଥନ କରିବା ଫଳରେ 'ଇଣ୍ଡିଆ' ମେଣ୍ଟର ଶକ୍ତି ହ୍ରାସ ପାଇ ପ୍ରାୟ ୬୪ରେ ପହଞ୍ଚିଛି। ଏନଡିଏ ଦୁଇ-ତୃତୀୟାଂଶ ବହୁମତର ନିକଟତର ହେଉଥିଲେ ମଧ୍ୟ ଏହି ଲକ୍ଷ୍ୟ ହାସଲ କରିବା ଏତେ ସହଜ ହୋଇନପାରେ। ଚଳିତ ବର୍ଷ ଶେଷ ଆଡ଼କୁ ଉତ୍ତରପ୍ରଦେଶରୁ ୧୦ ଜଣ ରାଜ୍ୟସଭା ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଏହା ବ୍ୟତୀତ ୱାଇଏସଆର କଂଗ୍ରେସ (୭ ସାଂସଦ) ଏବଂ ବିଜୁ ଜନତା ଦଳ (୬ ସାଂସଦ) ଭଳି ଆଞ୍ଚଳିକ ଦଳଗୁଡ଼ିକ ଆଗାମୀ ଦିନରେ ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୁଡ଼ିକର ଭୋଟିଂ ସମୟରେ କିଙ୍ଗମେକର ସାଜିବେ। ଉଚ୍ଚ ସଦନ ବା ରାଜ୍ୟସଭାରେ ଏହି ସଫଳତା ଶାସକ ଦଳ ପାଇଁ ବଡ଼ ଆଶ୍ୱସ୍ତି ଆଣିଦେଇଛି, କିନ୍ତୁ ନିମ୍ନ ସଦନ ବା ଲୋକସଭାରେ ଦୁଇ-ତୃତୀୟାଂଶ ବହୁମତ (୩୬୩ ଆସନ) ଠାରୁ ଏନଡିଏ ଏବେ ମଧ୍ୟ ବହୁତ ଦୂରରେ ରହିଛି।



ପ୍ରତ୍ୟାଶାଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-352 ♦SATURDAY ♦20 JUNE 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୩୫୨ ♦ଶନିବାର ♦୨୦ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ୟୁକ୍ରେନର ଭୟାବହ ଆକ୍ରମଣରେ ଥରିଲା ରୁଷିଆ

■ମସ୍କୋ, ୧୯ ।୬ (ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଅତି ଭୟଙ୍କର ରୂପ ଧାରଣ କରିଛି । ୟୁକ୍ରେନ ପକ୍ଷରୁ ରୁଷିଆର ରାଜଧାନୀ ମସ୍କୋ ଉପରେ ଏକ ବଡ଼ ଧରଣର ଡ୍ରୋନ ଆକ୍ରମଣ କରାଯାଇଛି, ଯାହା ଫଳରେ ସେଠାରେ ଥିବା ଏକ ପ୍ରମୁଖ ତୈଳ ବିଶୋଧନାଗାରରେ ନିଆଁ ଲାଗିଯାଇଛି । ଏହି ଅଗ୍ନିକାଣ୍ଡ ଯୋଗୁଁ ସାରା ମସ୍କୋ ସହର କଳା ଧୂଆଁର ଚାଦରରେ ଢାଙ୍କି ହୋଇଯାଇଥିବା ବେଳେ କେତେକ ସ୍ଥାନରେ 'କଳା ବର୍ଷା' ବା ତେଲ ମିଶ୍ରିତ ଜଳବିନ୍ଦୁ ପଡୁଥିବାର ଦେଖାଯାଇଛି । ସୁରକ୍ଷା ଦୃଷ୍ଟିରୁ ସହରର ବିମାନ ଚଳାଚଳକୁ ମଧ୍ୟ ସାମୟିକ ଭାବେ ବନ୍ଦ କରିଦିଆଯାଇଛି । ରୁଷିଆ ରାଷ୍ଟ୍ରପତିଙ୍କ ସରକାରୀ କାର୍ଯ୍ୟାଳୟ ▶ପୃଷ୍ଠା-୭

**ମସ୍କୋ ଆକାଶରେ କଳା ଧୂଆଁ ଓ କଳା ବର୍ଷା**



## ଆଜି ୯ ଜିଲ୍ଲାରେ ଘଡ଼ଘଡ଼ି ସହ ଝଡ଼ବର୍ଷା ସମ୍ଭାବନା

■ ଭୁବନେଶ୍ୱର, ୧୯।୬ (ସମିସ): ବିସ୍ତୃତ ଭାବେ ନହେଲେ ମଧ୍ୟ ଶୁକ୍ରବାର ରାଜ୍ୟର କେତେକ ସ୍ଥାନରେ ମୌସୁମୀ ଜନିତ ବର୍ଷା ହୋଇଛି । ଏହି ବର୍ଷା ଆସନ୍ତା ୨୪ ତାରିଖ ଯାଏଁ ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି ।

କେନ୍ଦ୍ର ପ୍ରଦତ୍ତ ସୂଚନା ଅନୁଯାୟୀ, ଆସନ୍ତାକାଲି (ଶନିବାର) ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ରାୟଗଡା, କୋରାପୁଟ, ମାଲକାନଗିରି ଓ ଗଜପତି ଜିଲ୍ଲାରେ ୫୦ରୁ ୬୦ କିମି ବେଗରେ ପବନ ବହିବା ସହ ବର୍ଷା ସମ୍ଭାବନା ରହିଛି । ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ସତର୍କ ସୂଚନା ଜାରି କରାଯାଇଛି । ସେହିପରି ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡରେ ମଧ୍ୟ ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ସ୍ଥାନେ ସ୍ଥାନେ ବର୍ଷା ହୋଇପାରେ ।

**କେନ୍ଦୁଝର, ମୟୂରଭଞ୍ଜ ଓ ଭଦ୍ରକରେ ପ୍ରବଳ ବର୍ଷିବ!**

ଅପରପକ୍ଷେ କେନ୍ଦୁଝର, ମୟୂରଭଞ୍ଜ ଓ ଭଦ୍ରକରେ କେତେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ରବିବାର ମଧ୍ୟ ୩୦ଟି ଯାକ ଜିଲ୍ଲାରେ ବର୍ଷା ସହ ପବନ ସମ୍ଭାବନା ରହିଥିବା ବେଳେ କୋରାପୁଟ ଜିଲ୍ଲାରେ ପ୍ରବମ୍ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି । ଆଜି ଅପରାହ୍ଣରେ ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱରରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇଥିବା ରେକର୍ଡ କରାଯାଇଛି ।

# କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ଆସନ୍ନ !

■ ନୂଆଦିଲ୍ଲୀ ୧୯।୬ (ସମିସ): ପ୍ରଧାନମନ୍ତ୍ରୀଙ୍କ ତୃତୀୟ ପାଳିର ଦ୍ୱିତୀୟ ବର୍ଷ ଇତିମଧ୍ୟରେ ପୂରଣ ହୋଇଛି । ଏହି ପରିପ୍ରେକ୍ଷୀରେ ମନ୍ତ୍ରିମଣ୍ଡଳରେ ଏକ ବଡ଼ଧରଣର ଅଦଳବଦଳ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଆସନ୍ତାକାଲି ଓଡ଼ିଶାରୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ପ୍ରତ୍ୟାବର୍ତ୍ତନ କରିବା ପରେ ଯେକୌଣସି ମୁହୂର୍ତ୍ତରେ ମନ୍ତ୍ରିମଣ୍ଡଳର ରୂପରେଖ ପରିବର୍ତ୍ତନ ହୋଇପାରେ ବୋଲି କୁହାଯାଉଛି ।

ଦିଲ୍ଲୀର ରାଜନୈତିକ ଏବଂ ପ୍ରଶାସନିକ ମହଲରୁ ମିଳିଥିବା ସୂଚନା ଅନୁସାରେ, ଏହି ଅଦଳବଦଳରେ ପ୍ରାୟ ୩୮ ମନ୍ତ୍ରଣାଳୟ ବା ବିଭାଗକୁ ମିଳିବ ନୂଆ ମନ୍ତ୍ରୀ । ମନ୍ତ୍ରିମଣ୍ଡଳରୁ ଅନ୍ୟୂନ ୧୨ ଜଣ ମନ୍ତ୍ରୀ ବାଦ ପଡ଼ିବେ ଓ କିଛି ମନ୍ତ୍ରୀମାନଙ୍କର ବିଭାଗ ପରିବର୍ତ୍ତନ ହେବ । ଏପରିକି କିଛି ମନ୍ତ୍ରଣାଳୟର ଏକୀକରଣ ବା ପୁନର୍ଗଠନ କରାଯାଇ ଜଣେ ମନ୍ତ୍ରୀଙ୍କ ଅଧୀନରେ ରଖାଯିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଗାମୀ ସମ୍ପ୍ରସାରଣରେ ଯୁବ ନେତୃତ୍ୱ ଉପରେ ଗୁରୁତ୍ୱ ଦେବେ ବୋଲି କୁହାଯାଉଛି । ଏପରିକି ନୂତନ ଭାବରେ ମନ୍ତ୍ରୀ ପଦ ପାଇବାକୁ ଥିବା ବିଜେପି ଓ ଏନ୍‌ଡିଏର ଅଂଶୀଦାର ଦଳଗୁଡ଼ିକରୁ ୪୦ରୁ ୫୫ ବର୍ଷ ବୟସର ନେତାମାନଙ୍କୁ ଅଗ୍ରାଧିକାର ଦିଆଯିବ । ୨୦୨୯ ଲୋକସଭା ନିର୍ବାଚନ ପାଇଁ ଏକ ନୂତନ ପିଢ଼ିର ନେତୃତ୍ୱ ତିଆରି କରିବା ଓ ଯୁବ ଭୋଟରଙ୍କ ମଧ୍ୟରେ ଦଳର ଗ୍ରହଣୀୟତା ବଢ଼ାଇବାକୁ ଏହାକୁ ଏକ କୌଶଳାତ୍ମକ ପଦକ୍ଷେପ ବୋଲି କୁହାଯାଉଛି । ସେହିପରି ଆଞ୍ଚଳିକ ସମୀକରଣକୁ ଗୁରୁତ୍ୱ ଓ ୨୦୨୭ରେ ହେବାକୁଥିବା ଉତ୍ତରପ୍ରଦେଶ ଓ ପଞ୍ଜାବ ପରି ରାଜ୍ୟର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖାଯିବ ।

ସୂଚନା ଅନୁସାରେ ମନ୍ତ୍ରିମଣ୍ଡଳରୁ ବରିଷ୍ଠ ମନ୍ତ୍ରୀ ଗିରିରାଜ ସିଂହ, ହରଦୀପ ପୁରୀ, ରାଓ ଇନ୍ଦ୍ରଜିତ୍ ସିଂଙ୍କ ପରି ବୟସ୍କ ନେତାଙ୍କ ସହ ଜର୍ଜ କୁରିଆନ ଓ ରଭନୀତ ସିଂହ ବିଟୁ ମଧ୍ୟ ବାଦ ପଡ଼ିପାରନ୍ତି । ଅନୁରୂପ ଭାବରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଓ କର୍ପୋରେଟ ବ୍ୟାପାର ମନ୍ତ୍ରୀ ହର୍ଷ ମାଲହୋତ୍ରା ମନ୍ତ୍ରୀ ପଦ ହରାଇପାରନ୍ତି ବୋଲି କୁହାଯାଉଛି । ନୂତନ ▶ପୃଷ୍ଠା-୭

- ▶▶ ଅର୍ଥମନ୍ତ୍ରୀ ପଦ ଚର୍ଚ୍ଚାରେ ପୀୟୂଷ ଓ ଅଶ୍ୱିନୀଙ୍କ ନାମ
- ▶▶ ବାଦ ପଡ଼ିପାରନ୍ତି ଗିରିରାଜ ସିଂହ, ହରଦୀପ ସିଂହ ପୁରୀ
- ▶▶ ପଦ ହରାଇବେ ଜର୍ଜ କୁରିଆନ ଓ ରଭନୀତ ସିଂହ ବିଟ୍ଟୁ
- ▶▶ ରେଳ ଓ ଭୂପୃଷ୍ଠ ପରିବହନ ମିଶି ହେବ ନୂଆ ମନ୍ତ୍ରଣାଳୟ
- ▶▶ ୩୮ ଟି ମନ୍ତ୍ରଣାଳୟର ହେବ ଆମୂଳଚୂଳ ପରିବର୍ତ୍ତନ
- ▶▶ କେନ୍ଦ୍ର ପରେ ରାଜ୍ୟରେ ହେବ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

# ଜନ୍ମମାଟିରେ ମହାମହିମ

## ପ୍ରଧାନମନ୍ତ୍ରୀଙ୍କ ସହ ଆଜି ୪୭,୬୦୦ କୋଟିର ପ୍ରକଳ୍ପ କରିବେ ଶିଳାନ୍ୟାସ, ଉଦ୍‌ଘାଟନ

■ବାରିପଦା, ୧୯ ।୬ (ସମିସ): ଦୁଇଦିନିଆ ଓଡ଼ିଶା ଗସ୍ତ ଅବସରରେ ଶୁକ୍ରବାର ସନ୍ଧ୍ୟାରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ ପହଞ୍ଚିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ପ୍ରତିକୂଳ ପାଗ ଯୋଗୁଁ କେଲେଇକୁଣ୍ଡାରୁ ସଡ଼କ ପଥରେ ଆସି ରାଇରଙ୍ଗପୁରରେ ପହଞ୍ଚିବାବେଳେ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରମୁଖ ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ ଜଣାଇଛନ୍ତି । ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଇରଙ୍ଗପୁର ଆସିବେ ଏବଂ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ୪୭ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ନିଜ ଜନ୍ମଭୂମି ଓ ପ୍ରଥମ କର୍ମଭୂମିରେ ପହଞ୍ଚିବା ପରେ ରାଷ୍ଟ୍ରପତି ଏମ୍ସ ଭୁବନେଶ୍ୱରର ସହାଭାଗିତାରେ ଆୟୋଜିତ ପ୍ରଥମ ମାଗଣା ସ୍ୱାସ୍ଥ୍ୟ ଶିବିରର ଶୁଭାରମ୍ଭ କରିଛନ୍ତି । ଏହାପରେ ରାଷ୍ଟ୍ରପତି କୁସୁମୀ ବ୍ଲକ ପାଇଁ ମେଗା ପାଇପ୍ ▶ପୃଷ୍ଠା-୭

**ପ୍ରତିକୂଳ ପାଗ ପାଇଁ କୋଲେଇକୁଣ୍ଡାରୁ ସଡ଼କ ପଥରେ ଆସିଲେ ରାଷ୍ଟ୍ରପତି**

**ରାଇରଙ୍ଗପୁରରେ ସ୍ପେଶାଲ ସର୍କିଟ ହାଉସ, ନୂତନ ଏସ୍‌ପି ଅଫିସ ଉଦ୍‌ଘାଟନ**



ରାଇରଙ୍ଗପୁରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ମୁଁ କାଲି ମୟୂରଭଞ୍ଜରେ ରହିବି: ମୋଦୀ



■ ଭୁବନେଶ୍ୱର, ୧୯।୬ (ସମିସ): "ମୁଁ ଆସନ୍ତାକାଲି, ୨୦ ଜୁନରେ ଓଡ଼ିଶାର ମୟୂରଭଞ୍ଜରେ ରହିବି । ଏହି ଗସ୍ତ ଉଲ୍ଲେଖନୀୟ ହେବ; କାରଣ ରାଷ୍ଟ୍ରପତି ଜୀ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ମୟୂରଭଞ୍ଜ ମଧ୍ୟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୀଙ୍କ ଗୃହ ଜିଲ୍ଲା । ରାଷ୍ଟ୍ରପତି ଏବଂ ମୁଁ ପାହାଡପୁର ଗାଁକୁ ଯିବୁ ଏବଂ ତାହା ପରେ ଆମେ ବର୍ତ୍ତମାନର ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବୁ ।" ଆସନ୍ତାକାଲି ମୟୂରଭଞ୍ଜ ଗସ୍ତକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସାମାଜିକ ଗଣମାଧ୍ୟମ ଏକ୍ସରେ ଓଡ଼ିଆ ଭାଷାରେ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି ।

### ଭତ୍ତା ଦୁର୍ଦ୍ଦଶା: ମୋହନଙ୍କୁ ଚିଠି ଲେଖିଲେ ନବୀନ

## ଶାସନ ବ୍ୟବସ୍ଥାର ଗମ୍ଭୀର ବିଫଳତା

■ ଭୁବନେଶ୍ୱର, ୧୯।୬ (ସମିସ): ରାଜ୍ୟରେ ଲକ୍ଷ ଲକ୍ଷ ଭତ୍ତା ହିତାଧିକାରୀ ଭତ୍ତା ଟଙ୍କା ନପାଇ ଦୁର୍ଦ୍ଦଶାରେ କାଳ କାଟୁଛନ୍ତି । ସରକାରଙ୍କ ଦାୟିତ୍ୱହୀନତାକୁ ନେଇ ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଉଥିବା ବେଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଏନେଇ ନିଜର ଚିନ୍ତା ପ୍ରକାଶ କରିଛନ୍ତି । ଏହିକ୍ରମରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି ନବୀନ । ଲଗାତାର ତିନି ମାସ ପାଇଁ ପେନସନ୍ ବନ୍ଦ କରିବା କେବଳ ଏକ ପ୍ରକ୍ରିୟାଗତ ବିଳମ୍ବ ନୁହେଁ; ଏହା ଶାସନ ବ୍ୟବସ୍ଥାର ଏକ ଗମ୍ଭୀର ବିଫଳତା ବୋଲି ଚିଠିରେ ନବୀନ କ୍ଷୋଭ ପ୍ରକାଶ କରିଛନ୍ତି । ସମାଜର ଦୁର୍ବଳ ବର୍ଗର ଅନେକ ଲୋକେ ନିଜର ଦୈନନ୍ଦିନ ଜୀବନଧାରଣ ପାଇଁ ଏହି ଭତ୍ତା ଟଙ୍କା ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ ଥାଆନ୍ତି । ତେଣୁ ତୁରନ୍ତ ମାନୁଆଲ ବଣ୍ଟନ ପଦ୍ଧତିରେ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ପ୍ରଦାନ ସହ ଭବିଷ୍ୟତରେ ଯେପରି ଏପରି ତ୍ରୁଟିର ପୁନରାବୃତ୍ତି ନହୁଏ, ତାହା ସୁନିଶ୍ଚିତ କରିବାକୁ ଚିଠିରେ ନବୀନ ଦାବି କରିଛନ୍ତି ।

ଚିଠିରେ ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରି କହିଛନ୍ତି ଯେ ଓଡ଼ିଶାର ପ୍ରାୟ ୧୮ ଲକ୍ଷ ହିତାଧିକାରୀଙ୍କୁ ଗତ ତିନି ମାସ ହେଲା ଭତ୍ତା ପ୍ରଦାନ ନ କରାଯିବା ନେଇ ମୁଁ ଗଭୀର ଉଦବେଗ ଓ କ୍ଷୋଭ ପ୍ରକାଶ ▶ପୃଷ୍ଠା-୭



**ପ୍ରଯୁକ୍ତିବିଦ୍ୟାର ବିଫଳତା ଦର୍ଶାଇ ଲୋକଙ୍କୁ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରାଯାଇ ପାରିବ ନାହିଁ**

**୨୪ ବର୍ଷ ଧରି ମୋ ସରକାର ପ୍ରତି ୧୫ ତାରିଖରେ ଦେଉଥିଲା ଭତ୍ତା**

**ଏହି ମଡେଲ ସୁପ୍ରିମକୋର୍ଟଙ୍କ ଦ୍ୱାରା ହୋଇଥିଲା ପ୍ରଶଂସିତ**

## ଅଲେଖ ଧର୍ମୀ ବାବାଙ୍କୁ ପଥରରେ ଛେଚି ହତ୍ୟା

■ କେନ୍ଦୁଝର, ୧୯।୬ (ସମିସ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଆମୁଣି ଗାଁରେ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି । ଜଣେ ଅଲେଖ ଧର୍ମୀ ବାବାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି । ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଅଁରା ଗ୍ରାମର ଅଲେଖ ଦୀକ୍ଷା ଗ୍ରହଣ କରିଥିବା ବାବା ଶ୍ରୀକାନ୍ତ ମହାକୁଡ଼ଙ୍କୁ ପଥରରେ ଛେଚି ହତ୍ୟା କରିଛନ୍ତି ଜଣେ ଦୁର୍ବୃତ୍ତ । ଘଟଣା ପରେ ଗାଁରେ ଚାପା ଉତ୍ତେଜନା ଦେଖା ଦେଇଛି । ସଦର ଥାନା ପୁଲିସ ତଦନ୍ତ ଜାରି ରଖିଛି । ଶ୍ରୀକାନ୍ତ ବାବା ଗାଁ ପାଖରେ ଥିବା ବିନିଦା ଅଲେଖ ମହିମା ମଠରେ ପୂଜାପାଠ କରନ୍ତି । ପ୍ରତିଦିନ ପରି ଶୁକ୍ରବାର ମଧ୍ୟ ତାଙ୍କ ଘରଠାରୁ କିଛି ଦୂରରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ କେହି ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଥିଲା । ତେବେ ହତ୍ୟାକାଣ୍ଡର କାରଣ ଜଣାପଡିନାହିଁ । ସଦର ଥାନା ପୁଲିସ ଓ ଶୁଆକାଟୀ ଫାଣ୍ଡି ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ହତ୍ୟାକାରୀକୁ ଧରିବାକୁ ପ୍ରୟାସ ଜାରି ରଖିଛି ।

## ଯନ୍ତ୍ରୀ ନା ଜମିଦାର !

**କୋଟି କୋଟି ଟଙ୍କାର ଫାର୍ମ, ୪୯ ପ୍ଲଟ୍ ଠାବ**

■ ଜୟପୁର/କୋଟପାଡ଼, ୧୯ ।୬ (ସମିସ): ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ସେଠୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରାଯାଇଛି । ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ନିର୍ଦ୍ଦେଶକ୍ରମେ ଆଜି ଭୋର୍‌ରୁ ଶ୍ରୀ ସେଠୀଙ୍କ ଜୟପୁର ପାରାବେଢ଼ା ଶ୍ରୀରାମ ନଗର ଅଞ୍ଚଳ ସ୍ଥିତ ଭଡ଼ାଘର, କୋଟପାଡ଼ ସରକାରୀ କାର୍ଯ୍ୟାଳୟ ଓ ବାସଗୃହ, ଖୋର୍ଦ୍ଧା ଜିଲ୍ଲା ଏବଂ ତାଙ୍କ ପୈତୃକ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଥାନା ଅନ୍ତର୍ଗତ ଜହାଙ୍ଗର ଗ୍ରାମ ସମେତ ସମୁଦାୟ ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଛି ।



ଏହି ଚଢ଼ଉ ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ସେଠୀଙ୍କ ବୋରିଗୁମ୍ମା ତହସିଲର ତାରା ଗାଁ ମୌଜାରେ ୧୦ ଏକର ୩ ଡେସିମିଲର ଆମ୍ବ ଏବଂ ନୀଳଗିରି ଗଛ ବଗିଚା ଏବଂ ଉକ୍ତ ମୌଜାରେ ୪ ଏକର ୩୫ ଡେସିମିଲ ଜମିକୁ ମିଶାଇ ସମୁଦାୟ ୧୪ ଏକର ୪୦ ଡେସିମିଲରେ ୨ଟି ଫାର୍ମ ହାଉସ ଏବଂ କୋରାପୁଟ ଜିଲ୍ଲାର ବୋରିଗୁମ୍ମା, କୋଟପାଡ଼, ଜୟପୁର, କୋରାପୁଟ ଏବଂ ପଟାଙ୍ଗି ତହସିଲ ଅଞ୍ଚଳରେ ପ୍ରାୟ ୩୧ ଏକରରୁ ଅଧିକ ଘରବାରି ଜମି ଏବଂ ଅନ୍ୟାନ୍ୟ ଜମକୁ ମିଶାଇ ସମୁଦାୟ ୪୯ଟି ପ୍ଲଟ ଠାବ କରାଯାଇଛି । ସେହିପରି ଖୋର୍ଦ୍ଧା ଜିଲ୍ଲା ଜଟଣୀ ନିକଟସ୍ଥ ହାଇଟେକ୍ ପ୍ଲାଜାରେ ଏକ ହଜାର ବର୍ଗଫୁଟର ଗୋଟିଏ ଫ୍ଲାଟ୍ ଏବଂ ଜୟପୁର ପ୍ରସାଦରାଓ ପେଟା ଇନ୍ଦାର ଛକଠାରେ ବେନାମୀ ଭାବେ ଗୋଟିଏ ଫ୍ଲାଟ୍ ▶ପୃଷ୍ଠା-୭

# ମୌସୁମୀକୁ ରୁନ୍ଧିଛି ବହୁମୁଖୀ ପାଣିପାଗ

■ ନୂଆଦିଲ୍ଲୀ, ୧୯ ।୬ (ଏଜେନ୍ସି): ଭାରତରେ ଚଳିତ ବର୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ ମୌସୁମୀ ବାୟୁ ଆଗମନ କରିଥିଲେ ମଧ୍ୟ ଏବେ ଏହାର ଗତିପଥ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ସକ୍ରିୟ ଥିବା ମୌସୁମୀ ହଠାତ୍ ସ୍ଥାଣୁ ପାଲଟିଯିବା ଫଳରେ ସାରା ଦେଶରେ ବର୍ଷାର ପରିମାଣ ହ୍ରାସ ପାଇଛି, ଯାହା ଚାଷୀକୂଳ ଏବଂ ଜଳ ପରିଚାଳକମାନଙ୍କ ଚିନ୍ତା ବଢ଼ାଇ ଦେଇଛି । ପାଣିପାଗ ବିଜ୍ଞାନୀଙ୍କ ଅନୁସାରେ, କେବଳ ଗୋଟିଏ କାରଣ ନୁହେଁ, ବରଂ ଏକାଧିକ ପ୍ରତିକୂଳ ପାଣିପାଗ ସ୍ଥିତିର ମିଳିତ ପ୍ରଭାବ ଯୋଗୁଁ ମୌସୁମୀର ଅଗ୍ରଗତି ଏଭଳି ଭାବେ ଅଟକି ଯାଇଛି । ପାଣିପାଗ ବିଶେଷଜ୍ଞଙ୍କ ସୂଚନା ଅନୁଯାୟୀ, ଜୁନ୍ ପ୍ରାରମ୍ଭରେ ଭାରତ ମହାସାଗରରେ ସୃଷ୍ଟି ହୋଇଥିବା ମୌସୁମୀ ପ୍ରବାହର କିଛି ଅଂଶ ପ୍ରଶାନ୍ତ ମହାସାଗରର ବାୟୁମଣ୍ଡଳୀୟ ଚଳନ ସହ ମିଶି ପୂର୍ବ ଦିଗକୁ ମୁହାଁଇଥିଲା । ଏହି ଶକ୍ତି ପରବର୍ତ୍ତୀ ସମୟରେ ଏକ ସାମୁଦ୍ରିକ ବାତ୍ୟାର ରୂପ ନେଇଥିଲା । ଫଳରେ ବଙ୍ଗୋପସାଗରରେ ଯେଉଁ ଲଘୁଚାପ ସୃଷ୍ଟି ହେବା କଥା, ତାହା ହୋଇପାରିଲା ନାହିଁ । ଏଥିସହିତ ଉତ୍ତର ଭାରତରେ ସୃଷ୍ଟି ହୋଇଥିବା ପଶ୍ଚିମା ଝଡ଼ ଯୋଗୁଁ ଶୁଷ୍କ ବାୟୁ ପ୍ରବାହିତ ହେଲା, ଯାହା ମେଘ ସୃଷ୍ଟି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ କରିଥିଲା । ନିୟମିତ ଭାବେ ବର୍ଷା କରାଉଥିବା ମୌସୁମୀ ଅକ୍ଷରେଖା ମଧ୍ୟ ଏଥର ସ୍ୱାଭାବିକ ଆଚରଣ କରିନାହିଁ । ବାୟୁର ଗତି ସଳଖ ରହିବା ଯୋଗୁଁ ବଙ୍ଗୋପସାଗରରେ ଆବଶ୍ୟକୀୟ ଜଳୀୟବାଷ୍ପ ଏକାଠି ହୋଇପାରିଲା ନାହିଁ । ଏହା ସହିତ ଏଲ୍ ନିନୋର ସକ୍ରିୟତା ଏବଂ ବିଶ୍ୱବ୍ୟାପୀ ବାୟୁମଣ୍ଡଳୀୟ ପ୍ରବାହ ବା ମାଡେନ୍-ଜୁଲିଆନ୍ ଦୋଳନ ଅନୁକୂଳ ପର୍ଯ୍ୟାୟରେ ନ ଥିବା ଯୋଗୁଁ ଭାରତ ମହାସାଗର ଅଞ୍ଚଳରେ ମେଘ ସୃଷ୍ଟି ହେବା ପାଇଁ କୌଣସି ସହଯୋଗ ମିଳିନଥିଲା । ପଶ୍ଚିମ ଉପକୂଳରେ ଦେଖାଦେଇଥିବା ସାମାନ୍ୟ ବର୍ଷାର ପ୍ରଭାବ ମଧ୍ୟ ଅଳ୍ପ ଦିନରେ ଶେଷ ହୋଇଯାଇଥିଲା । ସାମ୍ପ୍ରତିକ ସ୍ଥିତି ନିରାଶାଜନକ ଥିଲେ ମଧ୍ୟ ପାଣିପାଗ ପୂର୍ବାନୁମାନ ଅନୁଯାୟୀ ଆଗାମୀ ଦିନରେ ସ୍ଥିତି ସୁଧୁରିବାର ସମ୍ଭାବନା ରହିଛି । ଜୁନ୍ ଚତୁର୍ଥ ସପ୍ତାହ ଆଡ଼କୁ ବାୟୁମଣ୍ଡଳୀୟ ସ୍ଥିତି ଅନୁକୂଳ ହେବା ସହ ନିମ୍ନ ଭାଗର ବାୟୁ ପ୍ରବାହ ଏବଂ ପୂର୍ବୀବାୟୁ ଶକ୍ତିଶାଳୀ ହେବ । ଏହି ପରିବର୍ତ୍ତନ ଶୁଷ୍କ ବାୟୁର ପ୍ରଭାବକୁ ଦୂର କରି ଭାରତରେ ମୌସୁମୀକୁ ପୁନର୍ବାର ସକ୍ରିୟ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି ।



**କୃଷିକ୍ଷେତ୍ରକୁ ମାଡ଼ିଆସୁଛି ମହାସଂକଟ**

### ବୁଗୁଡ଼ାରେ ବିଜେପିକୁ ବଡ଼ ଝଟ୍‌କା

## ମୋହ ଭଙ୍ଗ: ବିଜେଡିକୁ ଫେରିଲେ ବ୍ଲକ ଅଧ୍ୟକ୍ଷା, ସମିତି ସଭ୍ୟ

■ ଭୁବନେଶ୍ୱର, ୧୯।୬ (ସମିସ): ରାଜ୍ୟରେ ବିଜେପି ଧୀରେଧୀରେ ଲୋକଙ୍କ ଆସ୍ଥା ହରାଉଛି । ମିଥ୍ୟା ପ୍ରତିଶ୍ରୁତି, ବିକାଶ କାର୍ଯ୍ୟରେ ବାଧାରେ ଅତିଷ୍ଠ ହେଲେଣି । ସେଥିପାଇଁ ସାଧାରଣ ଜନତାଙ୍କ ସହ ଦଳର କର୍ମୀ ଓ ନେତା ଅତିଷ୍ଠ । ଜନ ସେବାର ଅନେକ ଆଶା ନେଇ ବିଜେପିକୁ ଯାଇଥିଲୁ, ମାତ୍ର ସେଠାରେ ସେପରି କାମ କରିବାର ସୁଯୋଗ ନାହିଁ । ତେଣୁ ସମସ୍ତ ସହକର୍ମୀ ଓ ସମର୍ଥକଙ୍କ ସହ ଆମେ ପୁଣି ବିଜେଡିକୁ ଫେରି ଆସିଛୁ ବୋଲି କହିଛନ୍ତି ବୁଗୁଡ଼ା ବ୍ଲକ୍ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ।

ଶୁକ୍ରବାର ପ୍ରିୟଦର୍ଶିନୀଙ୍କ ନେତୃତ୍ୱରେ ହଜାର ହଜାର ବିଜେପି କର୍ମୀ ଓ ସମର୍ଥକ ବିଜେଡ଼ି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ପୁନର୍ବାର ବିଜେଡିରେ ସାମିଲ ହୋଇଛନ୍ତି । ନବୀନ ସେମାନଙ୍କୁ ସ୍ୱାଗତ ଜଣାଇବା ସହ ଦଳ ପାଇଁ ନିଷ୍ଠାପର ଭାବରେ କାମ କରିବା ଓ ଲୋକଙ୍କ ସେବା କରିବାକୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଏବଂ ବିଜେଡିର ସାଧାରଣ ▶ପୃଷ୍ଠା-୭



**ହଜାର ହଜାର କର୍ମୀଙ୍କ ସହ ନବୀନ ନିବାସରେ ମିଶ୍ରଣ**

# କୁକୁଡ଼ା ଫାର୍ମର ସମସ୍ତ ଜମି ଡିଏଚ୍ଏଚ୍‌କୁ ହସ୍ତାନ୍ତର ଦାବି

## ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଅନୁଗୋଳ, ୧୯ ।୬(ସମିସ)



ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍) ନିକଟରେ ଥିବା କୁକୁଡ଼ା ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରି ଏହାର ସମସ୍ତ ଜମିକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର ପାଇଁ ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି । ଡିଏଚ୍ଏଚ୍ ନିକଟରେ କୁକୁଡ଼ା ଫାର୍ମ ଥିବାରୁ ବାର୍ଡ ଫ୍ଲୁ, ସ୍ୱାଇନ୍ ଫ୍ଲୁ ଭଳି ସଂକ୍ରାମକ ରୋଗ ସମୟରେ ଜନସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ଆଶଙ୍କା ଥିବାରୁ ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟିର ବାରମ୍ବାର ଦାବି, ଆନ୍ଦୋଳନ ଫଳରେ ଜିଲ୍ଲା ପ୍ରଶାସନ ଓ କମିଟି ସହ ବୈଠକ ହୋଇ ୨୦୧୮ ଓ ୨୦୧୯ରେ ଏହି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରି ଏହାର ସମସ୍ତ ଜାଗାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶନାମା ସତ୍ତ୍ୱେ ଏପର୍ଯ୍ୟନ୍ତ ଫାର୍ମର ସମସ୍ତ ଜାଗାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର କରାଯାଇନାହିଁ । ବର୍ତ୍ତମାନ ଜିଲ୍ଲା ପ୍ରଶାସନ ପକ୍ଷରୁ ଫାର୍ମ ନିକଟରେ ଥିବା ସରକାରୀ ଜାଗା ଜବରଦଖଲମୁକ୍ତ ପଦକ୍ଷେପକୁ ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ସ୍ୱାଗତ କରାଯାଇଛି । ଶିଳ୍ପସମୃଦ୍ଧ ଅନୁଗୋଳ ଜିଲ୍ଲାରେ ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଉଛି ଏବଂ ତା' ସହ ଜନସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ବୃଦ୍ଧି ପାଉଛି । ଏଥିପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରି ମେଡିକାଲ କଲେଜରେ ପରିଣତ କରିବା ପାଇଁ ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଦାବି ହୋଇଆସୁଅଛି ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟକ୍ଷମ ହେବାକୁଥିବା ଆଇସିୟୁ, ବର୍ଣ୍ଣ ୟୁନିଟ୍, କ୍ୟାନସର ଚିକିତ୍ସା କେନ୍ଦ୍ର, ନର୍ସିଂ କଲେଜ ପାଇଁ ଆହୁରି ଜାଗା ଆବଶ୍ୟକ ରହିଛି । ଏଥିପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ପୂର୍ବ ନିର୍ଦ୍ଦେଶନାମା ଅନୁଯାୟୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା କୁକୁଡ଼ା ଫାର୍ମର ସମସ୍ତ ଜାଗାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର ପାଇଁ ଶୁକ୍ରବାର ଜିଲ୍ଲା ଜନଜୀବନ ସୁରକ୍ଷା କମିଟିର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉପଜିଲ୍ଲାପାଳ ମାୟାଧର ବେହେରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଏ ଦିଗରେ ପଦକ୍ଷେପ ନେବାକୁ ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି । କୁକୁଡ଼ା ଫାର୍ମର ସମସ୍ତ ଜାଗା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର ନ କରି ଅନ୍ୟ କୌଣସି ସଂସ୍ଥାକୁ ଅନ୍ୟ କୌଣସି ଉଦ୍ଦେଶ୍ୟରେ ହସ୍ତାନ୍ତର କରାଗଲେ ଜିଲ୍ଲାର ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଜନସାଧାରଣଙ୍କୁ ନେଇ ଆନ୍ଦୋଳନ କରାଯିବ ବୋଲି ପ୍ରତିନିଧି ମଣ୍ଡଳୀରେ ସାମିଲ ଥିବା କମିଟି ଆବାହକ ଅଭିମନ୍ୟୁ ସ୍ୱାଇଁ, ନିରୋଦ ପାଳ, ପଠାଣୀ ବାରିହା, ତୀର୍ଥବାସୀ ଭୋଇ, ମାନସ ପାଳ, ରବୀନ୍ଦ୍ର ବେହେରା, ଦାମୋଦର ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ବ୍ରାହ୍ମଣୀ ନଦୀରେ ବୁଡ଼ି ବୃଦ୍ଧ ମୃତ

କଣିହାଁ, ୧୯ ।୬(ସମିସ): କଣିହାଁ ବ୍ଲକ ସମଲ ଥାନା ସମଲ ଟିପୋ ଗ୍ରାମ ବ୍ରାହ୍ମଣୀ ନଦୀରେ ବୁଡ଼ି ଶୁକ୍ରବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ସମଲ ଟିପୋ ଗ୍ରାମର ଛବି ବେହେରା (୬୫) । ଅପରାହ୍ନ ପ୍ରାୟ ୨ଟାରେ ଛବି ଗାଧୋଇବାକୁ ନଦୀକୁ ଯାଇଥିବା ବେଳେ ପାଣିରେ ବୁଡ଼ି ନିଖୋଜ ହୋଇଥିଲେ । ଖବର ପାଇ କଣିହାଁ ଅଗ୍ନିଶମ କେନ୍ଦ୍ରର ହାବିଲଦାର ସୁଜିତ ମିଶ୍ରଙ୍କ ନେତୃତ୍ୱରେ କର୍ମଚାରୀ ବାପୁଜୀ ବିଶ୍ୱାଳ, ଅନିଲ ତରେଇ, ବିପିନ ମାଝୀ ଓ ବିବି ସାହୁ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ । ଦୀର୍ଘ ସମୟର ପରେ ଅପରାହ୍ନ ପ୍ରାୟ ୪ଟାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ପୁଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇବା ସହ ତଦନ୍ତ ଆରମ୍ଭ କରିଥିବା ଆଇଆଇସି ମୃଣାଳ କଲୋ ସୂଚନା ଦେଇଛନ୍ତି ।

## ବାମୁରରେ ଶିବ ବିବାହ ଉତ୍ସବ



କିଶୋରନଗର, ୧୯ ।୬(ସମିସ): କିଶୋରନଗର ବ୍ଲକ ବାମୁର ଶିବମନ୍ଦିରରେ ପାଳିତ ହେଉଛି ଶୀତଳଷଷ୍ଠୀ ଯାତ୍ରା । ଏହି ଅବସରରେ ଶିବ-ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି । ଢୋଲବାଦ୍ୟର ତାଳେ ତାଳେ ମହାଦେବଙ୍କୁ ମନ୍ଦିରରୁ କରମଲକଟା ଗାଁକୁ ଶୋଭାଯାତ୍ରାରେ ଅଣାଯାଇ ବରପିତା ବିଜୟ ରଥଙ୍କ ଘରକୁ ନିଆଯାଇଥିଲା । ସେଠାରେ ଯଥାରୀତି ପୂଜାର୍ଚ୍ଚନା ହୋଇଥିଲା । ପରେ ବରଯାତ୍ରୀମାନେ ବିଜୟ ରଥଙ୍କ ସହ ଶୋଭାଯାତ୍ରାରେ ବାହାରି କନ୍ୟାପିତା ବଡ଼ରୋହିଲାର ରୋହିତ ପ୍ରଧାନଙ୍କ ଘରକୁ ଯାଇଥିଲେ । ସେଠାରୁ ବାମୁର ଶିବ ମନ୍ଦିରକୁ ଆସି ପାରମ୍ପରିକ ରୀତିରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

## ସାଂଘାତିକ ! ଛେଳି ଓ କୁକୁଡ଼ା ପୋଖରୀକୁ ଛାଡୁଛନ୍ତି କଂସେଇ



ଅନୁଗୋଳ, ୧୯ ।୬(ସମିସ): ଅନୁଗୋଳ ମିଶ୍ରପଡ଼ା ଛକରୁ ହାଟଛକ ରାସ୍ତାର ବାମ ପାର୍ଶ୍ୱରେ ଜଣେ କଂସେଇ ଖୁଲମଖୁଲା ଛେଳି କାଟୁଥିବା ଅଭିଯୋଗ ହେଉଛି । ସେ ରାସ୍ତା କଡ଼ରେ ମାଂସ କାଟିବା ସହ ରକ୍ତ ଓ ଆବର୍ଜନାକୁ ନିକଟସ୍ଥ ପୋଖରୀରେ ଛାଡ଼ି ଦେଉଛନ୍ତି । ଏହାଦ୍ୱାରା ପୋଖରୀର ଜଳ ଅପରିଷ୍କାର ତଥା ବ୍ୟବହାର ଅନୁପଯୋଗୀ ହେଉଛି । ପୌରପାଳିକା ଆଇନ ସେକ୍ସନ ୩୧୪ ଏବଂ ୨୫୨କୁ ଅମାନ୍ୟ କରି ସର୍ବସାଧାରଣ ସ୍ଥାନରେ ଏଭଳି ମାଂସ କାଟିବା ଦ୍ୱାରା ରାସ୍ତାରେ ଯାଉଥିବା ସ୍କୁଲ ପିଲାଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡୁଛି । ସେହିଭଳି ସେଠାରେ ଥିବା ପାଣିପମ୍ପ ହାଉସକୁ ମାସିକ୧୦ ହଜାର ଟଙ୍କା ଭଡ଼ାରେ ଜଣେ କୁକୁଡ଼ା ଦୋକାନୀଙ୍କୁ ଦିଆଯାଇଥିବା ଅଭିଯୋଗ ହେଉଛି । କୁକୁଡ଼ା ଦୋକାନୀ ମଧ୍ୟ ଖୁଲମଖୁଲା କୁକୁଡ଼ା କାଟି ବେପାର କରୁଛନ୍ତି । ଅନୁଗୋଳ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତିରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

ଅନୁଗୋଳ, ୧୯ ।୬(ସମିସ): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ 'ବିକାଶର ଧାରା, ଓଡ଼ିଶା ସାରା' ସ୍ଲୋଗାନ ସହ ଅନୁଗୋଳରେ ଜିଲ୍ଲାସ୍ତରୀୟ ଉତ୍ସବ ପାଳିତ ହୋଇଛି । ଏହି ଅବସରରେ ସ୍ଥାନୀୟ ସଭାଗୃହରେ ଏକ ବୈଠକ ହୋଇଥିଲା । ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନକାଳରେ ଗରିବଙ୍କ କଲ୍ୟାଣକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି ବୋଲି କହିଥିଲେ । ଏଥିସହ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇ ଓଡ଼ିଶାର ବିକାଶଧାରା ଏବଂ ଭବିଷ୍ୟତର ରୋଡମ୍ୟାପ୍ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ବିଷୟରେ କହିଥିଲେ । ଅନୁଗୋଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ ଅନୁଗୋଳ ଜିଲ୍ଲା ତଥା ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀରେ ଦୁଇବର୍ଷରେ ହୋଇଥିବା ବିକାଶ ସମ୍ପର୍କରେ କହିଥିଲେ । ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଖଣି, କୃଷି ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରଙ୍କ



ବିକାଶମୂଳକ କାର୍ଯ୍ୟ ବିଷୟରେ କହିଥିଲେ ।

ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ତିନିଦିନିଆ ପ୍ରଦର୍ଶନୀ ଶୁଭାରମ୍ଭ ହୋଇଛି । ୮ଟି ଷ୍ଟଲ୍ ଲଗାଯାଇଛି । ପ୍ରତି ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖତର କହିଲେ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହାୟତାରେ ଗତ ଦୁଇବର୍ଷରେ ବହୁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ଯାହାଦ୍ୱାରା ଜିଲ୍ଲାର ଜନସାଧାରଣ ବିଶେଷ ଉପକୃତ ହୋଇପାରିଛନ୍ତି । ଏହି ଅବସରରେ ବିଭିନ୍ନ ବିଭାଗ ତରଫରୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କୁ ସ୍ମାର୍ଟ ଫୋନ୍, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ, ରାସନ କାର୍ଡ, ମଧୁବାବୁ ପେନସନ ଯୋଜନା ଅନ୍ତର୍ଗତ ଭତ୍ତା, ନିଯୁକ୍ତିପତ୍ର, ନିର୍ମାଣ ଶ୍ରମିକ ମୃତ୍ୟୁ ସହାୟତା, ଟ୍ରାଇ ସାଇକେଲ ଆଦି ବଣ୍ଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ସ୍ୱତନ୍ତ୍ର ସମନ୍ୱୟ ବୋର୍ଡ ଅଧ୍ୟକ୍ଷ ବଶିଷ୍ଠ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ଆଶା, ଅଙ୍ଗନବାଡ଼ି କର୍ମୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

## ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତିର ଆଚାର୍ଯ୍ୟ କର୍ମଶାଳା




ନାଲକୋ ନଗର, ୧୯ ।୬(ସମିସ): ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଓଡ଼ିଶା ମଧ୍ୟ ସମ୍ଭାଗଙ୍କ ତତ୍ତ୍ୱାବଧାନରେ ସାମୂହିକ ଆଚାର୍ଯ୍ୟ କର୍ମଶାଳା-୨୦୨୬ ନାଲକୋନଗର ସରସ୍ୱତୀ ବିଦ୍ୟାମନ୍ଦିରରେ ତିନିଦିନ ଧରି ଅନୁଷ୍ଠିତ ହେଉଛି । ଉଦଘାଟନୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ତଥା ନାଲକୋ ସିଜିଏମ (ଓ ଆଣ୍ଡ ଏମ) ସ୍ମେଲ୍ଟର ଭରତ ଚରଣ ମହାରଣା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଶ୍ୱଜିତ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ନାଲକୋ ଜିଏମ (ଏଚ ଆର, ସିପିପି) ପ୍ରସନ୍ନ କୁମାର ସାହୁ, ଶିକ୍ଷା ବିକାଶ ସମିତି ସଭାପତି ଡ. କିଶୋରଚନ୍ଦ୍ର ମହାନ୍ତି, ସମ୍ପାଦକ ଡ. ସରୋଜ କୁମାର ହାତୀ, ପୂର୍ବ କ୍ଷେତ୍ର ସହମନ୍ତ୍ରୀ ହେମନ୍ତ କୁମାର ପାଣିଗ୍ରାହୀ, ମଧ୍ୟ ସମ୍ଭାଗ ସଂଯୋଜକ ମଧୁସୂଦନ ବାରିକ, ବିଦ୍ୟାଳୟ ସମ୍ପାଦକ ଡା. ସୁଧାକର ପାଳ, ଶିକ୍ଷା ବିକାଶ ସମିତି ଓଡ଼ିଶା ପ୍ରାନ୍ତ ନିରୀକ୍ଷକ ଅଶ୍ୱିନୀ କୁମାର ନାୟକ, ପ୍ରାନ୍ତ ବିଦ୍ୟାମନ୍ଦିର ମାଧ୍ୟମିକ ଶିକ୍ଷା ସଂଯୋଜକ କୈଳାସ ଚନ୍ଦ୍ର ମିଶ୍ର, ଜିତେନ୍ଦ୍ର କୁମାର ପଣ୍ଡା, ବିରଞ୍ଚି ନାରାୟଣ ମହାପାତ୍ର, ବିଦ୍ୟାଳୟ ଉପାଧ୍ୟକ୍ଷ ବିଚିତ୍ରାନନ୍ଦ ନାୟକ ଉପସ୍ଥିତି ଥିଲେ । କଲ୍ୟାଣୀ ମହାନ୍ତି, ସୁଶାନ୍ତ ତ୍ରିପାଠୀ, ଚନ୍ଦ୍ରଶେଖର ବେହେରା, ବ୍ରହ୍ମାନନ୍ଦ ସାହୁ, ସଞ୍ଜୁକ୍ତା ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶିକ୍ଷକ ଅନିଲ କୁମାର ବିଶ୍ୱାଳ ପରିଚାଳନା କରିଥିଲେ । ଶିକ୍ଷକ ସୁରେନ୍ଦ୍ର କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱାବଲମ୍ବୀ ଯୁବ-ସମୃଦ୍ଧ ଓଡ଼ିଶା କାର୍ଯ୍ୟକ୍ରମ




କଣିହାଁ, ୧୯ ।୬(ସମିସ): କଣିହାଁ ବ୍ଲକ ପବିତ୍ର ମୋହନ ସଭାଗୃହରେ ଶୁକ୍ରବାର ପୂର୍ବାହ୍ନରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଏବଂ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତଥା କଣିହାଁ ବ୍ଲକ ପ୍ରଶାସନ ମିଳିତ ଆନୁକୂଲ୍ୟରେ 'ସ୍ୱାବଲମ୍ବୀ ଯୁବ-ସମୃଦ୍ଧ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା ପୌରୋହିତ୍ୟ କରିଥିଲେ । ଯୁବବର୍ଗ, ଉଦ୍ୟୋଗୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ଉଦ୍ୟମିତା ଓ ସ୍ୱାବଲମ୍ବନର ବିଭିନ୍ନ ସୁଯୋଗ ସମ୍ପର୍କରେ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଅବସରରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ ଶିଳ୍ପ ଅଧିକାରୀ ଗଦାଧର ମିଶ୍ର ଓ ସତ୍ୟନାରାୟଣ ମହାକୁଡ଼ ତଥା ଖଦି ଓ ଗ୍ରାମୋଦ୍ୟୋଗ ବିଭାଗ ଜୋନାଲ ଉନ୍ନୟନ ଅଧିକାରୀ ରମେଶ ଚନ୍ଦ୍ର ମହାରଣା ଯୋଗଦେଇ ପ୍ରଧାନମନ୍ତ୍ରୀ ରୋଜଗାର ସୃଷ୍ଟି କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ସୂକ୍ଷ୍ମ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଉନ୍ନତି ଯୋଜନା, ମୁଖ୍ୟମନ୍ତ୍ରୀ ସ୍ୱରୋଜଗାର ଯୋଜନା ସମେତ ବିଭିନ୍ନ ଶିଳ୍ପନୀତି, ସରକାରୀ ସହାୟତା ଓ ଆର୍ଥିକ ପ୍ରୋତ୍ସାହନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସଫଳ ଉଦ୍ୟୋଗୀ ନିରଞ୍ଜନ ବିଶ୍ୱାଳଙ୍କୁ ବିଡିଓ ସମ୍ମାନିତ କରିଥିଲେ । ଏବିଡିଓ ସୁତୀକ୍ଷ୍ଣା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ସମାବେଶ

କିଶୋରନଗର, ୧୯ ।୬(ସମିସ): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ଧାରା ଓଡ଼ିଶା ସାରା ବାର୍ତ୍ତା ଦେଇ କିଶୋରନଗର ବ୍ଲକ ପରିସରରେ ବିକାଶ ସମାବେଶ ଅନୁଷ୍ଠିତ ହୋଇଛି । ବିଡିଓ ଶୁଭକାନ୍ତ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ



ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ସରୋଜ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି କୁମୁଦ ଚନ୍ଦ୍ର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ଏବିଡିଓ ହିମାଂଶୁ ନାୟକ ଯୋଗଦେଇ ସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ମତବ୍ୟକ୍ତ କରିବା ସହ ଏହାର ଫାଇଦା ହିତାଧିକାରୀମାନେ ନେବାକୁ ଆହ୍ୱାନ ଦେଇଥିଲେ । ବ୍ଲକ ଜରିଆରେ ଯୋଗାଇ ଦିଆଯାଉଥିବା ଭତ୍ତା, ଆବାସ ଗୃହ, ଅନ୍ନପୂର୍ଣ୍ଣା ଯୋଜନା, ପାଇଖାନା, ରାସନ କାର୍ଡ, ଆୟୁଷ୍ମାନ କାର୍ଡର ଫାଇଦା ନେବାକୁ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ୧୦ଟି ମହିଳା ଗୋଷ୍ଠୀଙ୍କୁ ଗ୍ରୁପ ପିଛା୧୦ ଲକ୍ଷ ଟଙ୍କା ଋଣ, ଅଙ୍ଗନବାଡ଼ି କର୍ମୀଙ୍କୁ ମୋବାଇଲ ଫୋନ, ରଣିଆକଟା, ନାକଚି ଓ ନୁନକାପଶି ପଞ୍ଚାୟତକୁ ଆଇଏସଓ- ୯୦୦ ସାର୍ଟିଫିକେଟ, ହିତାଧିକାରୀଙ୍କୁ ଆୟୁଷ୍ମାନ ଓ ବୟୋବନ୍ଦନା କାର୍ଡ, ଉଦ୍ୟାନ କୃଷି ବିଭାଗ ତରଫରୁ ୪ ଚାଷୀଙ୍କୁ ଆମ୍ବ ବଗିଚା, ଜିଆ ଖତ ଓ ପିଜୁଳି ଚାଷ ପାଇଁ କାର୍ଯ୍ୟାଦେଶ ପ୍ରଦାନ, ହିତାଧିକାରୀଙ୍କୁ ନୂଆ ଭତ୍ତା, ଶ୍ରମିକ କାର୍ଡ ଅନ୍ତ୍ୟୋଦୟ ଗୃହ ଓ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ, ୧୦ ଗ୍ରାମକୁ ଗୋଷ୍ଠୀଜଙ୍ଗଲ ଅଧିକାର ପ୍ରଦାନ କରାଯାଇଥିଲା । ବିଭିନ୍ନ ବିଭାଗ ତରଫରୁ ୧୦ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା । ଜିପିଡିଓ ସୁରେଶ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଧର୍ମପରାୟଣା ମହିଳାଙ୍କ ପରଲୋକ



ବଅଁରପାଳ, ୧୯ ।୬(ସମିସ): ବଅଁରପାଳ ବ୍ଲକ ବୁଢ଼ାପଙ୍କ ଗ୍ରାମର ସ୍ୱର୍ଗତ ପଞ୍ଚୁ ମାଝୀଙ୍କ ଝିଅ କୁନିରାଣୀ ଗଡ଼ନାୟକ (୫୫)ଙ୍କ ଦେହାନ୍ତ ଘଟିଛି । କୁନିରାଣୀ ଏନ୍ତୁଲିଆ ଗ୍ରାମର ବିପିନ ଗଡ଼ନାୟକ (୬୫)ଙ୍କୁ ବିବାହ କରିଥିଲେ । କିଛିଦିନ ହେବ ସେ ଅସୁସ୍ଥ ଥିଲେ । ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା । ସେଠାରେ ତାଙ୍କ ଦେହାନ୍ତ ଘଟିଛି । ତାଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

● କୃଷକ-ବୈଜ୍ଞାନିକ ସଂଳାପ କର୍ମଶାଳା

## 'ଖେତ ବଞ୍ଚାଅ ଅଭିଯାନ' ଉପରେ ଗୁରୁତ୍ୱ

କଣିହାଁ, ୧୯ ।୬(ସମିସ): କଣିହାଁ ବ୍ଲକ ପବିତ୍ର ମୋହନ ସଭାଗୃହରେ ବୁଧବାର କୃଷି ବିଭାଗ ପକ୍ଷରୁ କୃଷକ-ବୈଜ୍ଞାନିକ ସଂଳାପ କର୍ମଶାଳା ଆୟୋଜିତ ହୋଇଛି । କୃଷକମାନଙ୍କ ସହ କୃଷି ଓ ଆନୁଷଙ୍ଗିକ ବିଭାଗର ଅଧିକାରୀ ତଥା ବିଶେଷଜ୍ଞମାନଙ୍କ ସିଧାସଳଖ ସଂଳାପ ସହ କୃଷି କ୍ଷେତ୍ରର ବିଭିନ୍ନ ସମସ୍ୟା ଓ ସମାଧାନ ଉପରେ ଆଲୋଚନା କରାଯାଇଥିଲା । ତାଳଚେର କୃଷି ଜିଲ୍ଲା ଅଧିକାରୀ ଦିଲୀପ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଆଧୁନିକ କୃଷି ପ୍ରଯୁକ୍ତି, ସରକାରୀ ଯୋଜନାର ସଦୁପଯୋଗ ଓ ଉତ୍ପାଦନ ବୃଦ୍ଧି ସମ୍ପର୍କରେ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ




କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା, ଏବିଡିଓ ସୁତୀକ୍ଷ୍ଣା ମହାପାତ୍ର ଏବଂ ଜିଲ୍ଲା କୃଷକ ମୋର୍ଚ୍ଚା ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ କୃଷକଙ୍କ ସାମଗ୍ରିକ ବିକାଶ ଓ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଆଲୋକପାତ କରିଥିଲେ । ବ୍ଲକ କୃଷି ଅଧିକାରୀ ଅନ୍ନପୂର୍ଣ୍ଣା ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଭୂମିକା ମହାନ୍ତ, ଅତିରିକ୍ତ ପ୍ରାଣୀ ଚିକିତ୍ସା ସର୍ଜନ ଡା. ଅଙ୍କିତା ଆରାଧନା, ସହକାରୀ ମତ୍ସ୍ୟ ଅଧିକାରୀ ଶିବସୁନ୍ଦର ଗୁଇଁଆ ଓ ଏଡିଏସସି ସୁମିତ କୁମାର ସାହୁ ନିଜ ବିଭାଗର ଯୋଜନା, ସୁବିଧା ଓ ନୂତନ ପଦକ୍ଷେପ ସମ୍ପର୍କରେ କୃଷକମାନଙ୍କୁ ଅବଗତ କରାଇଥିଲେ । କର୍ମଶାଳାରେ ବିଶେଷ କରି 'ଖେତ ବଞ୍ଚାଅ ଅଭିଯାନ' ଅନ୍ତର୍ଗତ ଫସଲ ସୁରକ୍ଷା, ଜଳବାୟୁ ଅନୁକୂଳ କୃଷି, ଜଳ ସଂରକ୍ଷଣ, ମୃତ୍ତିକା ସ୍ୱାସ୍ଥ୍ୟର ଉନ୍ନତି ଏବଂ ସ୍ଥାୟୀ କୃଷି ପଦ୍ଧତି ଅନୁସରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହାସହ କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀ ଏବଂ କୃଷକଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ଓ ମତବିନିମୟ କାର୍ଯ୍ୟକ୍ରମ ହୋଇଥିଲା । କୃଷକମାନେ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିବା ବେଳେ ସମ୍ପୃକ୍ତ ବିଭାଗର ଅଧିକାରୀ ସେଗୁଡ଼ିକର ସମାଧାନ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ ।

### ଜାତୀୟ ଶିକ୍ଷାନୀତି ଆଧାରରେ ପ୍ରସ୍ତୁତ ଅବୈଜ୍ଞାନିକ ପାଠ୍ୟକ୍ରମ ଓ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବି

## ଏଆଇଡିଏସ୍ଓ ପକ୍ଷରୁ ବିକ୍ଷୋଭ

ଅନୁଗୋଳ, ୧୯ ।୬(ସମିସ)




ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ପ୍ରସ୍ତୁତ ଅବୈଜ୍ଞାନିକ ପାଠ୍ୟକ୍ରମ ଓ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର, ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶନରେ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ, ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି-୨୦୨୦କୁ ସମ୍ପୂର୍ଣ୍ଣ ବାତିଲ ଦାବିରେ ଛାତ୍ର ସଂଗଠନ ଏଆଇଡିଏସଓ ଅନୁଗୋଳ ଜିଲ୍ଲା କମିଟି ପକ୍ଷରୁ ରାଜା ଛକରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି । ଏଥିରେ ଏଆଇଡିଏସଓ ଜିଲ୍ଲା ସମ୍ପାଦକ ନାରାୟଣ ନାୟକ, ଉପସଭାପତି ସରୋଜିନୀ ବେହେରା, ସଂଗଠିକା ନିରୁପମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରସ୍ତୁତ ପାଠ୍ୟପୁସ୍ତକରେ ମୋଟ ୧୭୦୦ ତ୍ରୁଟି ପରିଲକ୍ଷିତ ହୋଇଛି । ଏହାକୁ ନିରିଖି ଦେଖିଲେ ଆହୁରି ଅଧିକ ତ୍ରୁଟି ମଧ୍ୟ ବାହାରିପାରେ । ଅନ୍ୟପଟେ ଦୃଷ୍ଟିକୁ ଆସିଥିବା ୧୭୦୦ ଭୁଲ ମୁଖ୍ୟତଃ ତଥ୍ୟଭିତ୍ତିକ । ମାତ୍ର ପାଠ୍ୟକ୍ରମରେ ଅନେକ ଅବୈଜ୍ଞାନିକ, ଅଯୌକ୍ତିକ ତଥା ମନଗଢ଼ା କାହାଣୀ ଭର୍ତ୍ତି କରାଯାଇ ପାଠ୍ୟକ୍ରମର ଏକ ମୌଳିକ ଭିତ୍ତିଗତ ପରିବର୍ତ୍ତନ କରାଯାଇଛି । ଏହାଦ୍ୱାରା ଛାତ୍ରଛାତ୍ରୀ କେବଳ ତଥ୍ୟଗତ ଭାବେ ଭୁଲ ଶିକ୍ଷା ପାଇବେ ନାହିଁ ବରଂ ବିକୃତ ଶିକ୍ଷା ପାଇବେ । ଯଦ୍ୱାରା ସେମାନଙ୍କ ଚିନ୍ତା କରିବାର କ୍ଷମତା ମଧ୍ୟ ଭୟଙ୍କର ଭାବେ ବାଧାପ୍ରାପ୍ତ ହେବ । ଏହି ଭୁଲ ଶିକ୍ଷା ଗ୍ରହଣ କରି ରାଜ୍ୟର ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରମୟ ହେବ କେବଳ ସେତିକି ନୁହେଁ ଆହୁରି ମଧ୍ୟ ସେମାନେ ଅନ୍ଧତା, କୂପମଣ୍ଡୁକତାର ଶିକାର ହେବେ । ଅସଲରେ ଏହି ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁକରି ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା, ବିଜ୍ଞାନସମ୍ମତ ଶିକ୍ଷାଠାରୁ ଭବିଷ୍ୟତ ପିଢ଼ିକୁ ଦୂରେଇ ରଖିବା ତଥା ଶିକ୍ଷାର ଘରୋଇକରଣ ଓ ବ୍ୟବସାୟୀକରଣ ପାଇଁ ଏକ ସୁଦୂରପ୍ରସାରୀ ଷଡ଼ଯନ୍ତ୍ର ।

ଏଣୁ ତୁରନ୍ତ ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି-୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ଦାବିରେ ସାରା ରାଜ୍ୟରେ ବ୍ୟାପକ ଗଣ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ଅଭିଭାବକ ତଥା ଶିକ୍ଷାପ୍ରେମୀ ଜନସାଧାରଣ ଆଗେଇ ଆସିବାକୁ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି ।

## ପଟ୍ଟାମୁଣ୍ଡାଇରେ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉତ୍ସବ



ପଟ୍ଟାମୁଣ୍ଡାଇ,୧୯।୬(ସମିସ): ବିଜେପି ସରକାର କ୍ଷମତାକୁ ଆସିବାର ଦୁଇବର୍ଷ ପୂରଣ ହୋଇଛି । ସାରା ରାଜ୍ୟରେ ପୂର୍ତ୍ତି ଉତ୍ସବ ପାଳନ କରାଯାଉଛି । ଏହି କ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକରେ ୪ଦିନ ଓ ବିଭିନ୍ନ ପଞ୍ଚାୟତରେ ୩ଦିନ ଧରି ସରକାରଙ୍କ ପୂର୍ତ୍ତି ଉତ୍ସବ ପାଳିତ ହେଉଛି । ଆଜି ପଟ୍ଟାମୁଣ୍ଡାଇ ବ୍ଲକରେ ରାଜ୍ୟ ସରକାରଙ୍କ ପୂର୍ତ୍ତି ଉତ୍ସବ ଅନୁଷ୍ଠିତ ହୋଇଛି । ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ପୂର୍ତ୍ତି ଉତ୍ସବର ଉଦଯାପନୀ ସମାରୋହ ଆୟୋଜିତ ହୋଇଥିଲା । ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଉଦଘାଟନ କରି ରାଜ୍ୟ ସରକାର ବିଗତ ୨ବର୍ଷ ମଧ୍ୟରେ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ, ନୂତନ ଜନକଲ୍ୟାଣକାରୀ ଯୋଜନା, ଏହାର ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ । ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ ବିଭିନ୍ନ ସରକାରୀ ଯୋଜନା ଉପରେ ସୂଚନା ଦେଇଥିଲେ । ବିଡିଓ ଶୀତଲ ଅଗ୍ରୱାଲ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନା ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ବିଏସଏସଓ ସୁଧାଂଶୁ ପ୍ରଧାନ ସମ୍ପର୍କ ସୂଚନା ଦେଇଥିବାବେଳେ ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଲିପିକା ପ୍ରିୟଦର୍ଶନୀ ବେହେରା ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କ ପ୍ରକାଶ କରିଥିଲେ । ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଲିକ, ସହକାରୀ ଯନ୍ତ୍ରୀ ବିନାୟକ ମିଶ୍ର ଓ ପ୍ରସନ୍ନ ରାଉତ, ସିଡିପିଓ ଲକ୍ଷ୍ମୀମଣି ସିଂ, ଯୋଗାଣ ନିରୀକ୍ଷକ ପୁଷ୍ପଲତା ଗାହାଣଙ୍କ ସମେତ ବିଭିନ୍ନ ବିଭାଗ ଅଧିକାରୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇଥିଲେ । ଜିପିଡିଓ ରଞ୍ଜିତ ପରିଡା ଧନ୍ୟବାଦ ଦେଇଥିଲେ ।

## ଦ୍ୱିତୀୟ ଦିନରେ ଜବରଦଖଲ ଉଚ୍ଛେଦ

ପଟ୍ଟାମୁଣ୍ଡାଇ, ୧୯।୬(ସମିସ): ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ଗତକାଲି ଆରମ୍ଭ ହୋଇଥିବା ଜବରଦଖଲ ଉଚ୍ଛେଦ ଅଭିଯାନ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି । ଆଜି ବର୍ଷା ଯୋଗୁଁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ବିଳମ୍ବରେ ଆରମ୍ଭ ହୋଇଥିଲା । ଗତକାଲି ବାକିଥିବା ଜବରଦଖଲ ଉଛେଦ କାର୍ଯ୍ୟକ୍ରମ ଆଜି ସରକାରୀ ଭାବେ ଜାଗା ମାପ କରାଯାଇ ଜେସିବି ଦ୍ୱାରା ରାସ୍ତାରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା । ଆଜି ୪୦୦ ମିଟର ଉଚ୍ଛେଦ କରାଯାଇଛି ଓ ଆସନ୍ତାକାଲି ଜବରଦଖଲ ଉଚ୍ଛେଦ ଅଭିଯାନ ଜାରି ରହିବ ବୋଲି ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାସ କହିଛନ୍ତି । ଏହି ଜବରଦଖଲ ଉଚ୍ଛେଦ ଓ ମାପଚୁପ କାର୍ଯ୍ୟକ୍ରମରେ ଆଳିର ଅତିରିକ୍ତ ତହସିଲଦାର ମାନସ ସ୍ୱାଇଁ, ପଟ୍ଟାମୁଣ୍ଡାଇ ରାଜସ୍ୱ ନିରୀକ୍ଷକ ଲାଲୁ ଚୌଧୁରୀ, ଅମିନ ବବୁଲ କୁମାର ପଢ଼ିହାରୀ, ପୌର ପରିଷଦ କନିଷ୍ଠ ଯନ୍ତ୍ରୀ ପ୍ରମୋଦ ସାମାଲ, ଅମିନ ବିପିନ ସେଠୀ, ଜନସ୍ୱାସ୍ଥ୍ୟ କନିଷ୍ଠ ଯନ୍ତ୍ରୀ ସୁଦାମ ସାହୁ, ପ୍ରଫୁଲ୍ଲ ଦାଶଙ୍କ ସହିତ ପୁଲିସ ଫୋର୍ସ ସାମିଲ ଥିଲେ ।

## ସମାଜସେବୀ ମହେଶ୍ୱର ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



ପଟ୍ଟାମୁଣ୍ଡାଇ,୧୯।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦିହୁଡିପୁର ପଞ୍ଚାୟତ ସୁଜନପୁର ଗ୍ରାମର ସମାଜସେବୀ ତଥା ୧୭ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ କୁମାର ବିଶ୍ୱାଳଙ୍କ ପିତା ମହେଶ୍ୱର ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି । ଯୁବନେତା ରଞ୍ଜନ ବିଶ୍ୱାଳଙ୍କ ପୌରୋହିତ୍ୟରେ ସୁଜନପୁରଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଲେଖ ଜେନା, କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ରାଜନଗର ବ୍ଲକ୍‌ର ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର ରାଉତ, ବରିଷ୍ଠ ବିଜେଡି ନେତା ଯଦୁମଣି ଦାସ, ରାଜନଗର ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ରାଉତ, ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ଗଙ୍ଗାରାମପୁର ସମିତି ସଭ୍ୟ ବିଶ୍ୱରଞ୍ଜନ ଭୂୟାଁ, ଡା ନିରାକାର ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଧନୁର୍ଜୟ ସ୍ୱାଇଁ, ଦିହୁଡିପୁର ସରପଞ୍ଚ ନରେଶ ମଲିକ, ସାନଜରିଆ ସମିତି ସଭ୍ୟ ସୁବାସ ବାରିକ, ବଡ଼ପଡା ସରପଞ୍ଚ ପ୍ରତିନିଧି ପାରେଶ୍ୱର ସେଠୀ, ଦିହୁଡିପୁର ସମିତିସଭ୍ୟା ପ୍ରତିନିଧି ଅଶୋକ ଖଟୁଆ, ପୂର୍ବତନ ସରପଞ୍ଚ ସନ୍ତୋଷ ଦାସ ପ୍ରମୁଖ ଯୋଗଦେଇ ମହେଶ୍ୱର ବିଶ୍ୱାଳଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ନଳିନୀକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଧ୍ରୁବ ଅନ୍ନପୂର୍ଣ୍ଣା କଳା ପରିଷଦ ପକ୍ଷରୁ କଳାକାରମାନେ ଭଜନ ପରିବେଷଣ କରିଥିଲେ । ଅଲେଖ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ସସ୍ମିତା ବିଶ୍ୱାଳ, ଭଞ୍ଜନ ବିଶ୍ୱାଳ, ଅନ୍ତର୍ଯ୍ୟାମୀ ବିଶ୍ୱାଳ ଓ ପ୍ରଫୁଲ୍ଲ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

## ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପୈତୃକ ଘରେ ଭିଜିଲାନ୍ସ ଚଢ଼ଉ

ଡେରାବିଶ, ୧୯।୬(ସମିସ): ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗର କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ସେଠୀ ଆଜି ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ଏ ପରିପ୍ରେକ୍ଷୀରରେ ତାଙ୍କ ପୈତୃକ ଗ୍ରାମ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ପଲେଇ ପଞ୍ଚାୟତ ଅନ୍ତର୍ଗତ ଜହଙ୍ଗର ଗ୍ରାମରେ ଚଢ଼ଉ କରିଥିଲେ । ଭିଜିଲାନ୍ସ ଟିମ୍ ଆଜି ସକାଳୁ ଜହଙ୍ଗରସ୍ଥ ଶ୍ରୀ ସେଠୀଙ୍କ ପୈତୃକ ଘରେ ପହଞ୍ଚି ଛାନଭିନ୍ କରି ଫେରିଛନ୍ତି ।

## କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ପାଳନ




ରାଜନଗର,୧୯।୬(ସମିସ): ରାଜନଗର କଂଗ୍ରେସ ପକ୍ଷରୁ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ୫୬ ତମ ଜନ୍ମଦିବସ ଦିବସ ପାଳନ କରାଯାଇଛି । ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ପ୍ରଶାନ୍ତ ରାଉତଙ୍କ ନେତୃତ୍ୱରେ ପ୍ରଥମେ ରାଜନଗର କଂଗ୍ରେସ ଭବନ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ପରେ କୁନି କୁନି ପିଲାମାନଙ୍କ ଗ୍ରହଣରେ କେକ୍ କଟାଯାଇଥିଲା । ଯୁବନେତା ବିଭୁପ୍ରସାଦ ସାହୁ, ସୁଶୀଲ ପ୍ରଧାନ, ପ୍ରକାଶ ରାଉତ, ନିରଞ୍ଜନ ନାୟକ, ଛାତ୍ର ନେତା ଅଭିକ ଦାସ, ଶୁଭମ ପତି, ଗୋପାଳକୃଷ୍ଣ ଦାସ, ସୁଶାନ୍ତ ସେଠୀ, ଅଜିତ୍ ଦାସ ପ୍ରମୁଖ ଯୋଗଦେଇ ରାହୁଲ ଗାନ୍ଧୀଙ୍କ ଦୀର୍ଘ ଜୀବନ କାମନା କରିଥିଲେ ।

### ବିବି ମଡେଲ ହାଇସ୍କୁଲରେ ହେଉନି ନୂତନ ନିଯୁକ୍ତି

# ନାହାନ୍ତି ଚତୁର୍ଥ ଶ୍ରେଣୀ କର୍ମଚାରୀ; ପରିଚାଳନାରେ ସମସ୍ୟା

ଡେରାବିଶ, ୧୯।୬(ସମିସ)

ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଲୀସ୍ଥ ବନମାଳୀ ବ୍ରହ୍ମଚାରୀ ମଡେଲ ହାଇସ୍କୁଲରେ ଅବ୍ୟବସ୍ଥା ଦେଖାଦେଇଛି । ବର୍ତ୍ତମାନ ଚତୁର୍ଥ ଶ୍ରେଣୀ କର୍ମଚାରୀ କେହି ନ ଥିବା କାରଣରୁ ପରିଚାଳନାରେ ସମସ୍ୟା ଉପୁଜୁଥିବା ଅଭିଯୋଗ ହୋଇଛି । ଡେରାବିଶ ବ୍ଲକ୍‌ରେ ଦେଶ ପରାଧୀନ ଅବସ୍ଥାରେ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟରେ ବର୍ତ୍ତମାନ ଷଷ୍ଠରୁ ଦଶମ ଶ୍ରେଣୀ ଯାଏ ୫ଟି ଶ୍ରେଣୀରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପଢ଼ୁଛନ୍ତି । ଅଞ୍ଚଳର ପୁରାତନ ବିଦ୍ୟାଳୟ ହୋଇଥିବାରୁ ଛାତ୍ରଛାତ୍ରୀଙ୍କ ବିଭିନ୍ନ ବୃତ୍ତି ପରୀକ୍ଷା ଓ ମାଟ୍ରିକ ବୋର୍ଡ ପରୀକ୍ଷା କେନ୍ଦ୍ର ଏଠାରେ ହୋଇଥାଏ । ଏସବୁ କାର୍ଯ୍ୟ ସହିତ ମଧ୍ୟାହ୍ନଭୋଜନରେ ସହଯୋଗ ପାଇଁ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଭୂମିକା ରହିଛି । ଏହି ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ଥିବା ଚାରୋଟି ପଦରେ ଥିବା କର୍ମଚାରୀଙ୍କ ଅବସର ପରେ ନୂତନ କର୍ମଚାରୀ ନିଯୁକ୍ତି ଦିଆଯାଇନାହିଁ । ଶେଷରେ ଥିବା ଏକମାତ୍ର କର୍ମଚାରୀଙ୍କୁ ଜିଲ୍ଲା କାର୍ଯ୍ୟାଳୟକୁ ଡେପୁଟେସନ୍‌ରେ ନେବା ପରେ ଏବେ ତାଙ୍କୁ ସେଠାରେ ସ୍ଥାୟୀ କରାଯିବା ଦ୍ୱାରା ବର୍ତ୍ତମାନ ଏହି ହାଇସ୍କୁଲରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଶୂନ୍ୟ ହୋଇଯାଇଛି । ପ୍ରଥମେ କିଛିବର୍ଷ ତଳେ ରାତ୍ର ଜଗୁଆଳି ଭାବେ ରଘୁନାଥ ନାୟକଙ୍କ ଅବସର ଓ ଏହାର କିଛିମାସ ପରେ ସଚ୍ଚିଦାନନ୍ଦ ନାୟକଙ୍କ ପରଲୋକ, ପରେ ତ୍ରୈଲୋକ୍ୟନାଥ ଦାସଙ୍କ ଅବସର ଗ୍ରହଣ ପରେ ତାଙ୍କ ବଦଳରେ କୌଣସି ନୂତନ କର୍ମଚାରୀ ନିଯୁକ୍ତି ହୋଇନାହାଁନ୍ତି । ଶେଷରେ ଏକମାତ୍ର କର୍ମଚାରୀ ସତ୍ୟବ୍ରତ ପତି ଏଠାରେ କାର୍ଯ୍ୟ କରୁଥିଲେ । କିଛିଦିନ ତଳେ ତାଙ୍କୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟକୁ ଡେପୁଟେସନ୍‌ରେ ନେବା ଓ ପରେ ସେଠାରେ ତାଙ୍କୁ ସ୍ଥାୟୀ କରାଯିବା ପରେ ଏହି ବିଦ୍ୟାଳୟରେ ପିରିୟଡ ଘଣ୍ଟି ବଜାଇବାକୁ ବି କେହି ଚତୁର୍ଥ ଶ୍ରେଣୀ କର୍ମଚାରୀ ନାହାଁନ୍ତି । ଏହି ବିଦ୍ୟାଳୟରେ ଖାଲି ପଡ଼ିଥିବା ଚାରୋଟି ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦ ତୁରନ୍ତ ପୂରଣ କରିବା ପାଇଁ ପୁରାତନ ଛାତ୍ର ସଂସଦ ଓ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି ।

## ବିପର୍ଯ୍ୟୟ ପ୍ରସ୍ତୁତି, ବାତ୍ୟାବନ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ



ପଟ୍ଟାମୁଣ୍ଡାଇ,୧୯।୬(ସମିସ): ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ସମ୍ଭାବ୍ୟ ବାତ୍ୟା ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ପ୍ରଶାସନ ସବୁ ମତେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ତହସିଲଦାର ପଞ୍ଚାନନ ନାୟକ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବିଡିଓ ଶୀତଲ ଅଗ୍ରୱାଲ, ବ୍ଲକ ସହନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଲିକ, ଅନ୍ୱେଷଣ ସମ୍ପାଦକ ଅନନ୍ତ କର, ଦିହୁଡିପୁର ସରପଞ୍ଚ ନରେଶ ମଲିକ, ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, କଖାରୁଣୀ ସରପଞ୍ଚ ରମେଶ ମଲ୍ଲିକ, ପେଣ୍ଟପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ, ନରସିଂହପୁର ସରପଞ୍ଚ ଦୀପ୍ତିମୟୀ ପରିଡା, ଅମୃତମଣୋହି ସରପଞ୍ଚ ନିରୁପମା ଦାସ, ଦୋଷିଆ ସରପଞ୍ଚ ସ୍ମୃତିରେଖା ସ୍ୱାଇଁ, ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁ, ଦୀପ୍ତିରଞ୍ଜନ ବେହୁରା, ସୁନୀଲ ନାୟକ, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ସୁଦାମ ସାହୁ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ବିଶ୍ୱଜିତ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ଅନ୍ୱେଷଣ ସମ୍ପାଦକ ଅନନ୍ତ କରଙ୍କ ତତ୍ତ୍ୱାବଧାନରେ ୧୪ଟି ବାତ୍ୟାବନ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଡିପିଓ ଅଜୟ ମହାନ୍ତି ଯୋଗଦେଇ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଓଡ଼ିଶାର ସୁନାମ ଓ ଗୁରୁତ୍ୱ ଉପରେ ଆଲୋକପାତ କରି ସଫଳ ମୁକାବିଲା କୌଶଳ ଉପରେ ସୂଚନା ଦେଇଥିଲେ । ସେହିପରି ଦିହୁଡିପୁର ବାତ୍ୟା ଆଶ୍ରୟସ୍ଥଳୀରେ ସରପଞ୍ଚ ନରେଶ ମଲିକ, ଶଙ୍ଖପୁର ବାତ୍ୟା ଆଶ୍ରୟସ୍ଥଳୀରେ ସଭାପତି ସରପଞ୍ଚ ଅନୀଲ ଲେଙ୍କା ଓ ସମ୍ପାଦକ ସୁବ୍ରତ ବାରିକ, ବିଲିକଣା ବାତ୍ୟା ଆଶ୍ରୟସ୍ଥଳୀରେ ସଭାପତି ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ସାତକୁଡ଼ିଆ ବାତ୍ୟା ଆଶ୍ରୟସ୍ଥଳୀରେ ସତ୍ୟବ୍ରତ ଛାଟୋଇ, ବଢ଼େଇପଡା ବାତ୍ୟା ଆଶ୍ରୟସ୍ଥଳୀରେ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ବିଶ୍ୱାଳ, ବାଲିପାଟଣା ବାତ୍ୟା ଆଶ୍ରୟସ୍ଥଳୀରେ ସତ୍ୟବ୍ରତ ଓଝା, ଦାଣ୍ଡିସାହି ବାତ୍ୟା ଆଶ୍ରୟସ୍ଥଳୀରେ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ ଓ ଅଖିଳ ପ୍ରଧାନ, ସିଂହଗାଁ ବାତ୍ୟା ଆଶ୍ରୟସ୍ଥଳୀରେ ସରପଞ୍ଚ ଗଣେଶ ଦାସ, ଦୋଷିଆ ବାତ୍ୟା ଆଶ୍ରୟସ୍ଥଳୀରେ ସରପଞ୍ଚ ସ୍ମୃତିରେଖା ସ୍ୱାଇଁ, ପାଳପାଟଣାରେ ସଭାପତି ସରପଞ୍ଚ ସସ୍ମିତା ସେଠୀ ଓ ସମ୍ପାଦକ ଉମାକାନ୍ତ ମହାନ୍ତି, ନରସିଂହପୁରରେ ସରପଞ୍ଚ ଦୀପ୍ତିମୟୀ ପରିଡାଙ୍କ ତତ୍ତ୍ୱାବଧାନରେ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା । ଜିତେନ୍ଦ୍ର ତ୍ରିପାଠୀ, ସତ୍ୟବ୍ରତ ରାଉତ, ସୁନାକାର ବେହେରା, ସୂର୍ଯ୍ୟକାନ୍ତ ବାରିକ ପରିଚାଳନା କରିଥିବାବେଳେ ପଟ୍ଟାମୁଣ୍ଡାଇ ଅଗ୍ନିଶମ ଅଧିକାରୀ ବସନ୍ତ ପାତ୍ର, ସାଗର ସେଠୀ, ସୁବାସ ନନ୍ଦ, ମଧୁସୂଦନ ସିଂହ, ସନ୍ତୋଷ ନାଥ, ସ୍ମୃତିରଞ୍ଜନ ମହାନ୍ତି ପ୍ରମୁଖ ଡେମୋ ଶିଖାଇ ଥିଲେ ।

## ସମାଜସେବୀ ବରାହ ସାମଲଙ୍କ ୮୦ତମ ଜୟନ୍ତୀ



ପଟ୍ଟାମୁଣ୍ଡାଇ,୧୯।୬(ସମିସ): ବାଛରା ପଞ୍ଚାୟତ ମଣ୍ଡପଡ଼ା ଗ୍ରାମର ସମାଜସେବୀ ବରାହ ସାମଲ (କାହ୍ନୁ)ଙ୍କ ୮୦ତମ ଜୟନ୍ତୀ ପାଳିତ ହୋଇଯାଇଛି । ସରୋଜିନୀ ସାମଲ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଜୟନ୍ତୀରେ ସାମ୍ବାଦିକ ଚିତ୍ତରଂଜନ ମଲ୍ଲିକ ସଂଯୋଜନା କରିଥିଲେ । ଏଥିରେ ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପୂର୍ବତନ ବିଧାୟକ ଅଲେଖ ଜେନା, ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର, ଆଦର୍ଶ ଥାନା ଅଧିକାରୀ ବନ୍ଦନା ପାତ୍ର, ମାର୍ଶାଘାଇ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ସଞ୍ଜୟ ଲେଙ୍କା, ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ମାନସ ସାମଲ, ବରିଷ୍ଠ ସାମ୍ବାଦିକ ତଥା ୱାର୍ଲ୍ଡ ଓଡିଶା ସୋସାଇଟି ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ହେଲ୍‌ପ ପ୍ରତିଷ୍ଠାତା ମନସ୍ମିତା ଜେନା ନାୟକ, ଯୁବନେତା ମିଟୁ ମନୋଜ ନାୟକ, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ ପ୍ରମୁଖ ଯୋଗଦେଇ କାହ୍ନୁ ବାବୁ ପଟ୍ଟାମୁଣ୍ଡାଇ, ଆଳି, ରାଜନଗର ଅଞ୍ଚଳରେ ବିଭିନ୍ନ ବିଭିନ୍ନ ସାମାଜିକ, ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ ବିକାଶ ପାଇଁ ନିରନ୍ତର ପ୍ରୟାସ ଜାରି ରଖିଥିବାରୁ ପ୍ରଶଂସା କରିବା ସହିତ ସମ୍ବର୍ଦ୍ଧିତ କରି ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ଏ ଅବସରରେ ପରିବେଶବିତ୍ ବିଜୟ କବି, ଏମବିଏ ଓଡିଶା ଟପର ତ୍ରିବିକ୍ରମ ପ୍ରଧାନ, ଲୋକପ୍ରିୟ ଚିକିତ୍ସକ ଇନ୍ଦ୍ରଭାନୁ ପ୍ରଧାନ, ଉଚ୍ଚ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସୁବ୍ରତ ସାମଲ, ଯୁବ ସମାଜସେବୀ ସଂଗ୍ରାମ ସାମଲ, ଆଡଭୋକେଟ କ୍ଷୀରୋଦ ପ୍ରଧାନ, ପ୍ରଭାତ ସାହୁ, ସମୀର ପ୍ରଧାନ, ବିଭୁପ୍ରସାଦ ସାହୁ, ଶ୍ରୀକାନ୍ତ ବେହେରା, ସତ୍ୟବ୍ରତ ସାମଲ, ସୁଧାଂଶୁ ସାମଲ, ଶର୍ମିଷ୍ଠା ନାୟକ, ସନତ ସାମଲ ପ୍ରମୁଖ ପରିଚାଳନା କରିଥିଲେ ।

## ଦେସାହିରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ଗୋବିନ୍ଦପୁର,୧୯।୬(ସମିସ): ଆଲୋକ ଶିଖା ପରିବାର ପକ୍ଷରୁ ଦେସା।ହି ମା' ମଙ୍ଗଳା ୟୁଥ୍ କ୍ଲବ୍‌ରେ ରଜ ଉପଲକ୍ଷେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଲୋକ ଶିଖା ପରିବାରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏଆଇ ଦୁନିଆରେ ଲୁଚିଯାଇଥିବା ପରମ୍ପରା, ସଂସ୍କୃତି, ଗାଁର ଚାଟଶାଳୀ ଓ ଗାଁର ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା । ଏଆଇ କେବେ ଆଇମାଆ ଜାଗା ନେଇପାରିବ ନାହିଁ କି, ବର୍ତ୍ତମାନର ଏସି ଗାଁ ମୁଣ୍ଡ ବରଗଛର ଜାଗା ନେଇପାରିବ ନାହିଁ । ତେଣୁ ଗାଁର ପ୍ରତିଭା ଓ ଚାଟଶାଳୀ ଶିକ୍ଷକଙ୍କୁ ଆମେ ସମ୍ମାନିତ କରିଛୁ । ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ପରିବେଶବିତ୍ ବିନୋଦ ନାୟକ, ଚାଟଶାଳୀ ଶିକ୍ଷକ ଉଦୟନାଥ କାଣ୍ଡି, ସାମ୍ବାଦିକ ଅନଙ୍ଗ ଉଦୟ ବେଉରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ସଂଗୀରେ ରାନୀ ମଲ୍ଲିକ ପ୍ରଥମ, ନୃତ୍ୟରେ ପ୍ରିୟଙ୍କା ମଲ୍ଲିକ ପ୍ରଥମ, ମନୋଜ ଦ୍ୱିତୀୟ, କୁନି ତୃତୀୟ ହୋଇଥିଲେ । କବିତାରେ ରୀନୀ ମଲ୍ଲିକ ପ୍ରଥମ, ସସ୍ମିତା ତର୍କ ପ୍ରତିଯୋଗିତାର ପ୍ରଥମ, ଆର୍ଯ୍ୟ ଦ୍ୱିତୀୟ ସ୍ଥାନ ଲାଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଲୋକ ଶିଖା ପରିଚାଳନା ପରିଷଦର ସଭାପତି ରବିନ୍ଦ୍ର ଆଚାର୍ଯ୍ୟ, ଦଧିବାମନ ସାହିତ୍ୟ ସଂସଦ ସମ୍ପାଦକ ସନ୍ତୋଷ ବେହୁରିଆ, ଦଧିବାମନ ସାହିତ୍ୟ ସଂସଦ ଉପସଭାପତି ଶିଶିର ଜେନା, ଶିକ୍ଷାବିତ୍ କମଳାକାନ୍ତ ମହାଳିକା, ଶ୍ରୀକାନ୍ତ ସାହୁ, ପ୍ରଫୁଲ୍ଲ ମଲ୍ଲିକ, ଉମେଶ ମଲ୍ଲିକ, ଆଲୋକ ଶିଖା ଯୁଗ୍ମ ସଚିବ ଗୋପୀନାଥ ତ୍ରିପାଠୀ, ଯାଜପୁର ଜିଲ୍ଲା ସଂଯୋଜକ ଶୁଭକେତନ ରଥ, ଯାଜପୁର ଜିଲ୍ଲା ପରାମର୍ଶଦାତା ଅଭୟ ଦାସ, ସମ୍ପାଦକ ସୁରେଶ ବିଶ୍ୱାଳ, ଆଲୋକ ଶିଖା ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ଅଧ୍ୟାପକ ରତ୍ନାକର ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ । ଆଲୋକ ଶିଖା ୟୁଥ୍‌ର ସଦସ୍ୟ ରିତେଶ ମଲ୍ଲିକ, ଦୀପକ ମଲ୍ଲିକ, ଶଙ୍କରା ସେଠୀ, ଟୁଲୁଆ ମଲ୍ଲିକ, ଶ୍ରୀକାନ୍ତ ମଲ୍ଲିକ, ମନୋଜ ମଲ୍ଲିକ, କାହ୍ନା ମଲ୍ଲିକ, ଲିଟୁ ମଲ୍ଲିକ, ନୀଳମାଧବ ମଲ୍ଲିକ, ଜୁନିୟର ଅଫିସର ବଳରାମ ନାୟକ, ଶୁଭମ ସାହୁ, ମହେଶ୍ୱର ମଲ୍ଲିକ, ସ୍ୱାତୀ ମଲ୍ଲିକ, ଶ୍ରାବଣୀ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ ।

## ୪୫ଟି ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ



ରାଜନଗର,୧୯।୬(ସମିସ): ରାଜନଗର ବ୍ଲକରେ ଓଏସଡିଏମଏ (ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ) ପକ୍ଷରୁ ପ୍ରତ୍ୟେକ ବର୍ଷ ଜୁନ ୧୯ ତାରିଖରେ ବାତ୍ୟା ଆଶ୍ରୟସ୍ଥଳୀ ଓ ରେଡକ୍ରସରେ ବିପର୍ଯ୍ୟୟ ନିରାପତ୍ତା ଓ ମକ୍‌ଡ୍ରିଲ କାର୍ଯ୍ୟକ୍ରମ କରାଯାଇଆସୁଛି । ଏ ବର୍ଷ ମଧ୍ୟ ରାଜନଗର ବ୍ଲକ ଅନ୍ତର୍ଗତ ୪୫ଟି ଆଶ୍ରୟସ୍ଥଳୀ (୩୫ଟି ଓଏସଡିଏମଏ ଓ ୧୦ଟି ରେଡକ୍ରସ)ରେ ବିପର୍ଯ୍ୟୟ ନିରାପତ୍ତା ଓ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ତାଲିମ ଓ ସମନ୍ୱୟର ଜେନେରାଲ ମ୍ୟାନେଜର ସୁନୀଲ ସାହୁ, ବାର୍ତ୍ତା ଆଦାନ ପ୍ରଦାନ ବିଶେଷଜ୍ଞ ତ୍ରିଲୋଚନ ରାଉତ, ରାଜନଗର ମଣ୍ଡଳ ଉନ୍ନୟନ ଅଧିକାରୀ ଅଶୋକ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅଜୟ ମହାନ୍ତି, ଜିଲ୍ଲା ଜରୁରିକାଳୀନ ଅଧିକାରୀ ନିତ୍ୟରଞ୍ଜନ ସାମଲ, ରାଜନଗର ନୋଡାଲ ଏନଜିଓ ଜୀବନଦୀପର ସେକ୍ରେଟାରୀ ଅମୂଲ୍ୟ ରାଉତ, କୋଷାଧ୍ୟକ୍ଷ ଶ୍ରୀନିବାସ ଦାସ, ଓଏସଡିଏମଏର ତାଲିମଦାତା କମଳାକାନ୍ତ ସାହୁ, କନିଷ୍ଠ ଯନ୍ତ୍ରୀ ପ୍ରଭାତ ମାଝୀ ପ୍ରମୁଖ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀରେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ । ସେହିପରି ରାଜନଗରରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ସମ୍ପାଦକ ପ୍ରଭାତ ମିଶ୍ରଙ୍କ ନେତୃତ୍ୱରେ ବିପର୍ଯ୍ୟୟ ନିରାପତ୍ତା ଓ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା । ନୋଡାଲ ଅଫିସର ସବିତା ପାତ୍ର, ପ୍ରଧାନଶିକ୍ଷକ ସୁଶାନ୍ତ ସେଠୀ, ବାଇଧର ସେଠୀ, ସୋମନାଥ ବାରିକ, ସତ୍ୟବାନ ସେଠୀ, ବାସୁଦେବ ସାହୁ, ଉମେଶ ଦାସ, ଭିକାରୀ ବଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ବାଉଁଶକଣି କୃଷି ସେବା ସମବାୟ ସମିତି ଉଦ୍‌ଘାଟିତ



ରାଜନଗର,୧୯।୬(ସମିସ): ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତର ବାଉଁଶକଣିଠାରେ ନୂତନ ପ୍ରାଥମିକ କୃଷି ସେବା ସମବାୟ ସମିତି ଉଦଘାଟିତ ହୋଇଛି । ସମବାୟବିତ ମହେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ କେନ୍ଦ୍ରାପଡ଼ା ଉପନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଶ୍ରୀ ବିଶ୍ୱାଳ କହିଥିଲେ, ସମବାୟ ଆନ୍ଦୋଳନକୁ ଗ୍ରାମାଞ୍ଚଳରେ ଘରେ ଘରେ ପହଞ୍ଚାଇବା ସହ ସମବାୟ ମାଧ୍ୟମରେ ସମୃଦ୍ଧି ଆଣିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଚାନ୍ଦିବାଉଁଶମୂଳ ପ୍ରାଥମିକ କୃଷି ସେବା ସମବାୟ ସମିତି ସମ୍ପାଦକ ଅଲେଖ ବେହେରା, ପ୍ରାକ୍ତନ ପ୍ରଧାନଶିକ୍ଷକ ମହେଶ୍ୱର ରାଉତ, ସରପଞ୍ଚ ପ୍ରତିନିଧି ଶକ୍ତିକାନ୍ତ ମାହୁନ୍ତ, ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ସମବାୟବିତ ଅମର ରାଉତ, ମଗ୍ଗୁଳି ସ୍ୱାଇଁ, ବୈକୁଣ୍ଠ ଦାସ, ନବକିଶୋର ମହାନ୍ତି, ବିରଞ୍ଚି ନାରାୟଣ ସ୍ୱାଇଁଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ । ବିବେକାନନ୍ଦ ରାଉତ ଧନ୍ୟବାଦ ଦେଇଥିଲେ ।

## ଦୁଇବର୍ଷର ହିସାବ ଦେଲେ ପାଟକୁରା ବିଧାୟକ



ଗରଦପୁର,୧୯।୬(ସମିସ): ଜନପ୍ରତିନିଧି ଭାବେ ଦୁଇ ବର୍ଷ ପୂର୍ତ୍ତି ଅବସରରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ନିଜର କାର୍ଯ୍ୟକାଳର ସଫଳତା ଓ ଆଗାମୀ ଦିନର ବିକାଶ ଯୋଜନା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଇଛନ୍ତି । ସେ କହିଛନ୍ତି, ଦୁଇବର୍ଷ ପୂର୍ବେ ପାଟକୁରାବାସୀଙ୍କ ଭଲ ପାଇବା, ଆସ୍ଥା ଓ ଆଶୀର୍ବାଦକୁ ପାଥେୟ କରି ସେ ଜନସେବାର ଏହି ପବିତ୍ର ଦାୟିତ୍ୱ ଗ୍ରହଣ କରିଥିଲେ ଓ ସେହି ବିଶ୍ୱାସକୁ ସମ୍ମାନ ଦେଇ ନିରନ୍ତର ଭାବେ ଅଞ୍ଚଳର ସାମଗ୍ରିକ ବିକାଶ ଓ ଜନକଲ୍ୟାଣ ପାଇଁ କାର୍ଯ୍ୟ କରିଆସୁଛନ୍ତି । ସେ ସର୍ବଦା ଲୋକଙ୍କ ସୁଖଦୁଃଖର ସହଯାତ୍ରୀ ହୋଇଛନ୍ତି । ଜନପ୍ରତିନିଧିଙ୍କ ପ୍ରମୁଖ କର୍ତ୍ତବ୍ୟ ହେଉଛି ଲୋକଙ୍କ ସ୍ୱରକୁ ସଶକ୍ତ କରିବା ଓ ସେମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସର୍ବଦା ସଜାଗ ରହିବା ବୋଲି ସେ ମତ ପ୍ରକାଶ କରିଥିଲେ । ଗତ ଦୁଇବର୍ଷ ମଧ୍ୟରେ ପାଟକୁରାରେ ରାସ୍ତା, ପାନୀୟଜଳ, ସ୍ୱାସ୍ଥ୍ୟ ଓ ଶିକ୍ଷା ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଥିବା ସେ କହିଥିଲେ । ପ୍ରାୟ ୯୦ ପ୍ରତିଶତ ପାନୀୟଜଳ ଓ ରାସ୍ତା ସମସ୍ୟାର ସମାଧାନ କରାଯାଇଥିବାବେଳେ ଆଗାମୀ ଦିନରେ ଅବଶିଷ୍ଟ ସମସ୍ୟାର ମଧ୍ୟ ସ୍ଥାୟୀ ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ପାଟକୁରାରୁ ଦାଦନ ଶ୍ରମିକ ପ୍ରବୃତ୍ତିକୁ ରୋକିବା ପାଇଁ ମିନି ଶିଳ୍ପ ପ୍ରତିଷ୍ଠା, ସ୍ଥାନୀୟ ଯୁବକଙ୍କୁ ବ୍ୟବସାୟରେ ଅଗ୍ରାଧିକାର, କୃଷକଙ୍କୁ କମ୍ ସୁଧରେ ଋଣ ସୁବିଧା, କୃଷିଜାତ ସାମଗ୍ରୀର ବଜାର ବ୍ୟବସ୍ଥା ଓ ଶୀତଳଭଣ୍ଡାର ପ୍ରତିଷ୍ଠା ଭଳି ଯୋଜନା କାର୍ଯ୍ୟ ଚାଲିଥିବା ସୂଚନା ଦେଇଥିଲେ । ମୋ ପାଟକୁରା, ମୋ ପରିବାର ମନ୍ତ୍ରକୁ ନେଇ ସେ ଆଗାମୀ ଦିନରେ ଜନସେବା ଓ ବିକାଶ ଧାରାକୁ ଆହୁରି ତ୍ୱରାନ୍ୱିତ କରିବାକୁ ସଂକଳ୍ପବଦ୍ଧ ବୋଲି କହିଥିଲେ । ଏ ଅବସରରେ ମହେନ୍ଦ୍ର ସିଂ, ବାଲିଆ ସରପଞ୍ଚ ସରୋଜ ନାୟକ, ସନ୍ତୋଷ ମାହାଳି, ଶୈଳେନ୍ଦ୍ର ମହାନ୍ତି, ତଳକୁସୁମା ସରପଞ୍ଚ ପ୍ରଭାତ ନଳିନୀ ଜେନା, ବିଧାୟକଙ୍କ ପ୍ରତିନିଧି କ୍ଷତୀଶ ଦାସ ଓ ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ ପ୍ରମୁଖ ଉପସ୍ଥିତ ଥିଲେ ।

### ରାଜକନିକା ଡାକ୍ତରଖାନାରେ ଅବ୍ୟବସ୍ଥା

# ରୋଗୀଙ୍କୁ ମିଳୁନି ବେଡସିଟ୍, ସାଧାରଣରେ ଅସନ୍ତୋଷ

ରାଜକନିକା,୧୯।୬(ସମିସ)



ସରକାର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବାକୁ ଯୋଜନା କରୁଥିବାବେଳେ ପ୍ରଶାସନିକ ଅବହେଳା ରାଜକନିକା ଡାକ୍ତରଖାନାରେ ଦେଖିବାକୁ ମିଳିଛି । ଏହି ଡାକ୍ତରଖାନାରେ ରୋଗୀଙ୍କୁ ମିଳୁନି ବେଡସିଟ୍ ମିଳୁନି । ଖଟିଆ ଉପରେ ଯନ୍ତ୍ରଣା ପାଇ ଚିକିତ୍ସା ହେବାକୁ ଆସିଥିବା ରୋଗୀ ଜୀବନ ବିକଳରେ ଖାଲି ବେଡ୍‌ରେ ଶୋଇ ଚିକିତ୍ସା ହେବାର ଦୃଶ୍ୟ ବେଶ ଅସହଜ ମନେ ହେଉଛି । ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ସରକାର ଚିକିତ୍ସା ପାଇଁ ସମସ୍ତ ସୁବିଧା ଯୋଗାଇ ଦେଉଥିବା କହୁଥିବାବେଳେ ରୋଗୀଙ୍କୁ ବେଡ୍‌ସିଟ୍ ନ ମିଳିବା ଭଳି ଘଟଣା ଏଠାକାର ଡାକ୍ତର ଓ କର୍ମଚାରୀଙ୍କ ଖାମଖିଆଲ ମନୋଭାବ ଓ ପରିଚାଳନା ଗତ ତ୍ରୁଟିକୁ ସାମ୍ନାକୁ ଆଣିଛି । ରୋଗ ବିକଳରେ ରୋଗୀ ଉପଶମ ପାଇଁ ଡାକ୍ତରୀ ଚିକିତ୍ସା ହେବାକୁ ଶୋଇବାକୁ ପଡୁଥିବାବେଳେ ସେଠାରେ ବିନା ବେଡ୍‌ସିଟ୍‌ରେ ଶୋଇ ସାଲାଇନ ନେବା ଅଧିକ ସଂକ୍ରମଣକୁ ଡାକି ଆଣିଛି । ତେବେ ଏ ସମ୍ପର୍କରେ ମେଡିକାଲ ଅଫିସରଙ୍କୁ ପଚାରିଥିଲେ ହେଁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ । ତେବେ ସ୍ୱାସ୍ଥ୍ୟ ମିଶନର ସବୁ ସାମଗ୍ରୀ ଯୋଗାଣ, ସର୍ବନିମ୍ନ ଆବଶ୍ୟକତାକୁ ପୂରଣ କରିବାରେ ଅସମର୍ଥ । ଏହି ଡାକ୍ତରଖାନାରେ ଆଗରୁ ଷ୍ଟ୍ରେଚର ନ ଥିବା ଓ ଏବେ ବେଡସିଟ ନ ପଡିବା ଭଳି ଗୁରୁତର ତ୍ରୁଟି ସୁଧାର ପାଇଁ ସିଡିଏମଓ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଗର୍ତ୍ତେଶ୍ୱର ଶୈବ ପୀଠରେ ସରିଲା ଦେବବିବାହ



ରାଜନଗର,୧୯।୬(ସମିସ): ଗୋସିଗାଁସ୍ଥ ଉପକୂଳ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଗର୍ତ୍ତେଶ୍ୱର ମହାଦେବଙ୍କ ପୀଠରେ ଶୀତଳଷଷ୍ଠୀ ଉତ୍ସବ ଗତକାଲି ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଛି । ୫ ଦିନ ଧରି ଚାଲିଥିବା ଏହି ପବିତ୍ର ଉତ୍ସବରେ କଳସ ଯାତ୍ରା, ସହସ୍ର କୁମ୍ଭାଭିଷେକ, ଗୀତା ଯଜ୍ଞ, ସୂର୍ଯ୍ୟପୂଜା, ଗୋମାତା ପୂଜା, ଶ୍ରୀମଦ ଗୀତାଯଜ୍ଞ ପରେ ବେଦମନ୍ତ୍ରରେ ଶୈବପୀଠ ଚଳଚଞ୍ଚଳ ହୋଇଉଠିଥିଲା । ଗର୍ତ୍ତେଶ୍ୱର ମହାଦେବଙ୍କ ଚଳନ୍ତି ପ୍ରତୀମାକୁ ସୁସଜ୍ଜିତ ପୁଷ୍ପକ ବିମାନରେ ଶ୍ରଦ୍ଧାଳୁ ଶଙ୍ଖ ଧ୍ୱନି, ସଂକୀର୍ତ୍ତନ ମଧ୍ୟରେ ପାଛୋଟି ନେଇଥିଲେ । ଗୋପାଳପୁର ଗ୍ରାମର ବରପିତା ଶ୍ରୀ ସ୍ୱାଇଁଙ୍କ ଘରେ ସକାଳେ ସଂକୀର୍ତ୍ତନ ମଧ୍ୟରେ ମହାଦେବଙ୍କ ପ୍ରତୀମା ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଚନ୍ଦନପୁର ଗାଁର କନ୍ୟାପିତା ଶ୍ରୀ ଜେନାଙ୍କ ଘରକୁ ମା' ଆଦିଶକ୍ତିଙ୍କ ପ୍ରତୀମାକୁ ସୁସଜ୍ଜିତ ବିମାନରେ ଶୈବ ପୀଠରୁ ନିଆଯାଇ ସ୍ଥାପନ କରାଯାଇଥିଲା । ଶୈବ ପରମ୍ପରା ଅନୁଯାୟୀ କନ୍ୟାପିତାଙ୍କ ଘରୁ ବର ନିମନ୍ତ୍ରଣ ଯିବାପରେ ବରପିତାଙ୍କ ଘରେ ପୂର୍ବରୁ ସ୍ଥାପିତ ହୋଇଥିବା ଗର୍ତ୍ତେଶ୍ୱର ମହାଦେବଙ୍କ ପ୍ରତୀମାକୁ ପାଲିଙ୍କିରେ ବସାଯାଇ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରି କନ୍ୟାପିତାଙ୍କ ଘରକୁ ନିଆଯାଇଥିଲା । ସେଠାରୁ ମା' ଆଦିଶକ୍ତିଙ୍କୁ ଧରି ମନ୍ଦିରରେ ପହଞ୍ଚିଥିଲେ । ବିଳମ୍ବିତ ରାତିରେ ବର ଓ ବଧୂ ବେଶରେ ଦେବ ଦମ୍ପତି ମନ୍ଦିର ବେଢାରେ ପହଞ୍ଚିବା ପରେ ସେଠାରେ ପୂଜକ ଅକ୍ଷୟ ମିଶ୍ର, ଅଭୟ ମିଶ୍ର, ହର ମିଶ୍ର, ବୀରକିଶୋର ଦାଶ, ପ୍ରମୋଦ ପାଣି, ନିତ୍ୟାନନ୍ଦ ମିଶ୍ର ପ୍ରମୁଖ ବିବାହ ଉତ୍ସବ ବୈଦିକ ରୀତିରେ ସମାପନ କରିଥିଲେ । ଏହାକୁ ଦେଖିବାକୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ । ଶୀତଳ ଷଷ୍ଠୀ ପୂଜା କମିଟି ଓ ଗୋସିଗାଁ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆଜି ଦେବଦମ୍ପତିଙ୍କୁ ସୁସଜ୍ଜିତ ଯାନରେ ପାରମ୍ପରିକ ବାଦ୍ୟ, ଘଣ୍ଟ, ବାଣ ରୋଷଣୀରେ ନଗର ପରିକ୍ରମା କରାଯାଇଥିଲା ।

ସକାଳ
THE SAKALA

# ସମ୍ପାଦକୀୟ



ପ୍ରତ୍ୟେକ ଯଥାର୍ଥ କଳାକୃତିରେ ଦିବ୍ୟ ଈଶ୍ୱରୀୟ ସତ୍ତାର ସ୍ପର୍ଶ ଦେଖିବାକୁ ମିଳିଥାଏ।
-ମାଇକେଲ୍ ଆଞ୍ଜେଲୋ

## ପଦଚାରୀଙ୍କ ଅଧିକାର

ଫୁଟ୍‌ପାଥରେ ସୁରକ୍ଷିତ ଭାବେ ଯାଆସ କରିବା ଭାରତୀୟ ନାଗରିକଙ୍କ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର। ଫୁଟପାଥ୍‌ର ସ୍ପଷ୍ଟ ଚିହ୍ନଟକରଣ, ନିର୍ମାଣ, ରକ୍ଷଣାବେକ୍ଷଣ ଜରିଆରେ ଯେଉଁଭଳି ଏହି ଅଧିକାରକୁ ସୁରକ୍ଷିତ ରଖିବାରେ ସ୍ଥାନୀୟ ମହାନଗର ନିଗମ, ପୌରପାଳିକା ଓ ନଗରପାଳିକା ଆଦିକୁ ଉତ୍ତରଦାୟୀ କରାଯାଇପାରିବ ସେଥିଲାଗି ସରକାର ବିହିତ ଆଇନ ଆଣିବାକୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କିତ ବିହିତ ବୈଧାନିକ ପଦକ୍ଷେପ ନେବା ପାଇଁ ରାୟର ଏକ ନକଲ ଜାତୀୟ ବିଧି ଆୟୋଗକୁ ମଧ୍ୟ ପ୍ରେରଣ କରାଯାଇଛି। ଏକ ମୋଟର ଦୁର୍ଘଟଣା ମାମଲାର ବିଚାର ଅବସରରେ ଦେଶର ସର୍ବୋଚ୍ଚ ଅଦାଲତଙ୍କ ଦୁଇଜଣିଆ ଖଣ୍ଡପୀଠ କହିଛନ୍ତି ଯେ ସଡ଼କ ପଥ ସହିତ ଫୁଟ୍‌ପାଥ ରହିବା ଅନିବାର୍ଯ୍ୟ। କିନ୍ତୁ ସମ୍ପୃକ୍ତ ବିଭାଗ ଓ ପ୍ରଶାସନ କେବଳ ଯାନବାହନ ପାଇଁ ସଡ଼କ ପଥ ନିର୍ମାଣ କରି ଫୁଟ୍‌ପାଥ ପ୍ରତି ଗୁରୁତ୍ୱ ଦେଉନାହାନ୍ତି, ଯାହା ପଦଚାରୀଙ୍କ ଯାଆସକୁ ଅସୁରକ୍ଷିତ କରୁଛି। ମୋଟର ଯାନ ଆଇନ -୧୯୮୮ ମଧ୍ୟ ପଥଚାରୀଙ୍କ ସୁରକ୍ଷା ପ୍ରତି ଆଦୌ ଦୃଷ୍ଟି ଦେଇନାହିଁ। ସୁରକ୍ଷିତ ଗମନାଗମନ ଜୀବନର ସୁରକ୍ଷା ସହିତ ସଂଶ୍ଳିଷ୍ଟ। ସମ୍ବିଧାନର ଧାରା ୧୯(ଡି) ଅନୁଯାୟୀ ଅବାଧ ଓ ସୁରକ୍ଷିତ ବିଚରଣ ସମସ୍ତ ନାଗରିକଙ୍କ ମୌଳିକ ଅଧିକାର। ତେଣୁ ସ୍ପଷ୍ଟ ଚିହ୍ନିତ ଫୁଟ୍‌ପାଥର ଅନୁପସ୍ଥିତି ସ୍ଥାନୀୟ ପ୍ରଶାସନର ସାମ୍ବିଧାନିକ ଅଧିକାର ଉଲ୍ଲଙ୍ଘନ ଭାବେ ଧରାଯିବ। ଏହାଛଡ଼ା ଦେଶର ସାଂସ୍କୃତିକ ଓ ସାମାଜିକ ଉତ୍ତରଣରେ ସଡ଼କ ପଥ ଓ ପଦଯାତ୍ରାର ଏକ ମହତ୍ତ୍ୱପୂର୍ଣ୍ଣ ଅବଦାନ ଥିବାରୁ ସମ୍ବିଧାନର ଧାରା ୫୧(ଏ) ସମେତ ଧାରା ୨୧ ମଧ୍ୟ ବିଚାରକୁ ଆସୁଛି।

ବରିଷ୍ଠ ନାଗରିକ, ମହିଳା, ଶିଶୁ, ଦିବ୍ୟାଙ୍ଗମାନେ କିମ୍ବା ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ ପାଇଁ ପଥଚାରଣ ଏବେ ବି ସର୍ବୋତ୍କୃଷ୍ଟ ବିକଳ୍ପ। କିନ୍ତୁ ବିଡ଼ମ୍ବନା ଏୟା ଯେ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟର ସଡ଼କ ଦୁର୍ଘଟଣା ପରିସଂଖ୍ୟାନରେ ପଥଚାରୀଙ୍କ ସଂଖ୍ୟା ପ୍ରାୟ ୨୦%। ଗତ ଦଶବର୍ଷ ଭିତରେ ଏହି ସଂଖ୍ୟା ଦୁଇଗୁଣା ବୃଦ୍ଧି ପାଇଛି। ଏହି ଦୃଷ୍ଟିରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଓ ସ୍ୱାଗତଯୋଗ୍ୟ। ପୂର୍ବରୁ ମଧ୍ୟ ଏକାଧିକ ଥର ସର୍ବୋଚ୍ଚ ନ୍ୟାୟାଳୟ ଫୁଟ୍‌ପାଥ୍ ଓ ପଥଚାରୀଙ୍କ ସୁରକ୍ଷା ପ୍ରସଙ୍ଗକୁ ଗୁରୁତ୍ୱ ଦେଇଛନ୍ତି। ପର୍ଯ୍ୟାପ୍ତ ଫୁଟ୍‌ପାଥ୍‌ର ଅଭାବରେ ଘଟୁଥିବା ସଡ଼କ ଦୁର୍ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ଏଥିରେ ଯଥାଶୀଘ୍ର ସୁଧାର ଆଣିବା ପାଇଁ ମଝିରେ ମଝିରେ ସରକାରଙ୍କୁ ନିର୍ଦ୍ଦେଶ ଦେଉଛନ୍ତି। କିନ୍ତୁ ଏହି ନିର୍ଦ୍ଦେଶନାମା କେବଳ କାଗଜକଲରେ ସୀମିତ ରହିଯାଉଛି। ଏହି ପୃଷ୍ଠଭୂମିରେ ଫୁଟ୍‌ପାଥ୍ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କୁ ଉତ୍ତରଦାୟୀ କରିବା ଲାଗି ଆଇନ ଆଣିବାକୁ ସରକାରଙ୍କୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେବା ପ୍ରଣିଧାନଯୋଗ୍ୟ।

ପଥଚାରୀଙ୍କ ପାଇଁ ସଡ଼କରେ ଯେଉଁଭଳି ବ୍ୟବସ୍ଥା କରିବା କଥା ତାହାର ଅଭାବରୁ ସଡ଼କ ଦୁର୍ଘଟଣାମାନ ଘଟୁଥିବା ସମସ୍ତେ ଜାଣିଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ଅବହେଳା, ଦାୟିତ୍ୱହୀନତା ଓ ଉଦାସୀନତାରେ ପରିବର୍ତ୍ତନ ଆସିପାରୁନାହିଁ। ପଥଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଫୁଟ୍‌ପାଥ ବା ପାଦଚଲା ସ୍ଥାନ ବୁଲାବିକାଳୀମାନେ ମାଡ଼ି ବସୁଥିବା ବେଳେ ବାହୁବଳ ଓ ଅର୍ଥବଳରେ ଫୁଟ୍‌ପାଥକୁ କବ୍‌ଜା କରୁଥିବା ସ୍ଥାୟୀ ଦୋକାନୀମାନଙ୍କ ସଂଖ୍ୟା କମ୍ ନୁହେଁ। ଫୁଟ୍‌ପାଥକୁ ଜବରଦଖଲମୁକ୍ତ କରିବା କାମ କାହାର ସେ ଭାଗବଣ୍ଟା ଛିଣ୍ଡୁ ନଥିବାରୁ ଜଣେ ଆଉ ଜଣଙ୍କ ମୁଣ୍ଡକୁ ଦାୟିତ୍ୱ ଠେଲି ଦେଇ ଖସିଯାଉଛନ୍ତି ଏବଂ ବିଚରା ପଥଚାରୀ ହିଁ ପରାଭବ ଭୋଗିବା ସାର ହେଉଛି। ଏହାଛଡ଼ା ପଥଚାରୀମାନେ ଜନଗହଳିପୂର୍ଣ୍ଣ ରାସ୍ତା ଓ ଛକକୁ ସୁରକ୍ଷିତ ଭାବେ ପାରି ହେବା ପାଇଁ ଅନେକ ସ୍ଥାନରେ ବ୍ୟବସ୍ଥା ନାହିଁ; ଯେଉଁଠାରେ ବ୍ୟବସ୍ଥା ଅଛି ତାହାର ଅନୁପାଳନ ହେଉନାହିଁ। ଏ ସମସ୍ୟାକୁ ହୃଦୟଙ୍ଗମ କରି ସର୍ବୋଚ୍ଚ ନ୍ୟାୟାଳୟ ପଥଚାରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇଛନ୍ତି।

ଭାରତୀୟ ରୋଡ୍ କଂଗ୍ରେସର ମାର୍ଗଦର୍ଶିକା ଅନୁଯାୟୀ, ପଥଚାରୀଙ୍କ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ବିଧେୟ। ଏଥିପାଇଁ ଫୁଟ୍‌ପାଥ୍‌ର ଡିଜାଇନ୍ ମଧ୍ୟ ପରିକଳ୍ପନା କରାଯାଇଛି। ଆଇଆରସି ମାର୍ଗଦର୍ଶିକା ୧୦୩-୨୦୨୨ ଅନୁଯାୟୀ ଫୁଟ୍‌ପାଥର ଚଉଡ଼ା ଆବାସିକ ଅଞ୍ଚଳରେ ୪ ମିଟର ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ୬.୫ ମିଟର ଏବଂ ଉଚ୍ଚତା ୧୫୦ ମିଲିମିଟର ରହିବା ବିଧେୟ। କିନ୍ତୁ ଆମ ଫୁଟ୍‌ପାଥଗୁଡ଼ିକର ସ୍ଥିତି କ'ଣ ତାହା ଆମେ ଅନ୍ତେବହୁତେ ଜାଣିଛେ। ତେଣୁ ପ୍ରାଥମିକ ପର୍ଯ୍ୟାୟରେ ମେଟ୍ରୋ ସହରମାନଙ୍କରେ ଫୁଟ୍‌ପାଥର ସ୍ଥିତି ଯାଞ୍ଚ କରି ରିପୋର୍ଟ ଦେବାକୁ ନ୍ୟାୟାଳୟ କିଛି ମାସ ତଳେ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ଧାର୍ମିକ ଅନୁଷ୍ଠାନ, ଐତିହ୍ୟସ୍ଥଳ, ଶିକ୍ଷାୟତନ, ସ୍ୱାସ୍ଥ୍ୟକେନ୍ଦ୍ର, ସାଧାରଣ ଅଭିଯୋଗ କାର୍ଯ୍ୟାଳୟ, ଅଦାଲତ, ବଜାର, ହାଟ, ପାର୍କ, ସିନେମା ହଲ୍ ଆଦି ନିକଟରେ ପଥଚାରୀଙ୍କ ଦୁର୍ଘଟଣା ଅଧିକ ହେଉଥିବାରୁ ସେଠାରେ ବିହିତ ସୁରକ୍ଷା ବ୍ୟବସ୍ଥା ପ୍ରତି କର୍ତ୍ତୃପକ୍ଷ ଅଧିକ ଯତ୍ନଶୀଳ ହେବାକୁ ସର୍ବୋଚ୍ଚ ନ୍ୟାୟାଳୟ ପରାମର୍ଶ ଦେବା ସହିତ ପଥଚାରୀମାନଙ୍କ ଫୁଟ୍‌ପାଥ୍ ସମ୍ବନ୍ଧୀୟ ଅଭିଯୋଗ ଦାଖଲ ଏବଂ ସମସ୍ୟା ସମାଧାନ ପାଇଁ ଅନ୍‌ଲାଇନ୍ ପୋର୍ଟାଲ୍ ଖୋଲିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ ଓ ପୌରପାଳିକାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶନାମାର ଅନୁପାଳନର ସ୍ଥିତି କ'ଣ ତାହା ଅସ୍ପଷ୍ଟ।

ଆମେ ଏହି ପୃଷ୍ଠଭୂମିରେ କର୍କଶ ହର୍ଣ୍ଣ ଓ ଦ୍ରୁତ ଗାଡ଼ିଚାଳନାର ପ୍ରତିଯୋଗିତାକୁ ଯେପରି ନିରୁତ୍ସାହିତ କରାଯାଇପାରିବ ସେ ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରୁଛୁ। କାରଣ ସଡ଼କ ଦୁର୍ଘଟଣାରେ ଏହି ଦୁଇ କାରକର ମଧ୍ୟ ଅଧିକ ଭୂମିକା ରହିଛି। ଏ ସମ୍ପର୍କିତ ନିର୍ଦ୍ଧାରିତ କଟକଣାର ତଦାରଖ ପ୍ରକ୍ରିୟାକୁ ଯେପରି ଗତିଶୀଳ ଓ ନିୟମିତ କରାଯାଇପାରିବ ସେ ଦିଗରେ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପ୍ରଶାସନକୁ ବିହିତ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରୁଛୁ। ପ୍ରଭାବଶାଳୀ ତଦାରଖ ବ୍ୟବସ୍ଥାର ଅନୁପସ୍ଥିତିରେ ନିର୍ଦ୍ଦେଶ ଓ କାର୍ଯ୍ୟାନ୍ୱୟନ ମଧ୍ୟରେ ବହୁ ସମୟ ବ୍ୟବଧାନ ରହିଯାଉଥିବାରୁ ସମୟୋପଯୋଗୀ ମହତ୍ ଲକ୍ଷ୍ୟ ସାଧିତ ହୋଇପାରୁନାହିଁ। ଅତୀତରେ ପୁରୀ ଜିଲ୍ଲା ଅଞ୍ଚଳରେ ସ୍କୁଲ୍ ପିଲାମାନଙ୍କର ରାସ୍ତାପାରି ସମସ୍ୟା ଦୀର୍ଘଦିନ ଧରି ଅସମାହିତ ରହିବା ପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଆଞ୍ଚଳିକ ଅଧିକାରୀଙ୍କୁ ପ୍ରତ୍ୟକ୍ଷ ଭାବେ ରାସ୍ତା ପାରି ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସମସ୍ୟା ସମାଧାନ ହୋଇଥିଲା। ସେଭଳି ଅଦାଲତୀ କାର୍ଯ୍ୟାନୁଷ୍ଠାନ ଜନସମୁଦାୟ ଆଶା କରନ୍ତି। ●

## ଅର୍ଥନୀତିର ଅଗ୍ନିପରୀକ୍ଷାରେ ଭାରତ

**ରାକେଶ କୁମାର ପାଢ଼ୀ**

ଦେଶ ବିକାଶର ମହାଯଜ୍ଞରେ ମଗ୍ନ। ରାଜପଥର ଚକଚକିଆ ପିଚୁ, ଆକାଶଛୁଆଁ ଅଟ୍ଟାଳିକା, ବନ୍ଦେ ଭାରତର ଗତି, ଡିଜିଟାଲ ବିପ୍ଳବର ଢୋଲ ଓ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିର ଗର୍ବ। ସବୁକିଛି ଏକ ନୂଆ ଭାରତର ଚିତ୍ର ଆଙ୍କୁଛି। କିନ୍ତୁ ଏହି ଚିତ୍ରର ଫ୍ରେମ ବାହାରେ ଠିଆ ହୋଇଛି ସେହି ସାଧାରଣ ନାଗରିକ, ଯିଏ ପ୍ରତିଦିନ ବଜାରକୁ ଯାଇ ପନିପରିବାର ଦର ଶୁଣି ଚମକି ଉଠୁଛି, ପେଟ୍ରୋଲ ପମ୍ପରେ ଗାଡ଼ି ରଖି ଦୀର୍ଘ ନିଃଶ୍ୱାସ ଛାଡୁଛି ଏବଂ ମାସ ଶେଷରେ ଆୟ ଓ ବ୍ୟୟର ଅଙ୍କ ମେଳାଇ କଳବଳ ହେଉଛି। ଏହା ହେଉଛି ସେହି ଭାରତ, ଯେଉଁଠାରେ ଜିଡିପି ବଢ଼ୁଛି, କିନ୍ତୁ ଜନସାଧାରଣଙ୍କ କ୍ରୟକ୍ଷମତା ସଙ୍କୁଚିତ ହେଉଛି। ନିର୍ବାଚନ ଶେଷ ହେବାର କିଛିଦିନ ପରେ ଇନ୍ଧନ ଦର ବୃଦ୍ଧି ପୁଣି ଥରେ ରାଜନୈତିକ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟୁଛି। ସରକାର କହୁଛନ୍ତି, ଏହା ଆନ୍ତର୍ଜାତିକ ପରିସ୍ଥିତିର ପ୍ରଭାବ। ବିରୋଧୀ କହୁଛନ୍ତି, ଏହା ନୀତିଗତ ବିଫଳତାର ପରିଣାମ। ସତ୍ୟ ବୋଧହୁଏ ଏହି ଦୁଇ ମତର ମଧ୍ୟବର୍ତ୍ତୀ ସ୍ଥାନରେ ଲୁଚି ରହିଛି।

ଦେଶର ଅର୍ଥନୀତିକୁ ନେଇ ଆଜି ଦୁଇଟି ଭାରତର କାହାଣୀ ଲେଖାଯାଉଛି। 'ପ୍ରଥମ ଭାରତ' ହେଉଛି 'ସରକାରୀ ରିପୋର୍ଟର ଭାରତ' ଯେଉଁଠାରେ ଜିଡିପି ବଢ଼ୁଛି, ଷ୍ଟକ୍ ମାର୍କେଟ୍ ଉଚ୍ଚତା ଛୁଉଁଛି ଏବଂ ବିଦେଶୀ ନିବେଶ ଆସୁଛି। 'ଦ୍ୱିତୀୟ ଭାରତ' ହେଉଛି 'ସାଧାରଣ ଲୋକଙ୍କ ଭାରତ', ଯେଉଁଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ଘର ଭଡ଼ା, ଇନ୍ଧନ ଓ ଖାଦ୍ୟ ସାମଗ୍ରୀର ଦର ଦିନକୁ ଦିନ ବଢ଼ୁଛି। ସାଧାରଣ ନାଗରିକଙ୍କ ପାଇଁ 'ବିକାଶ'ଠାରୁ 'ଜୀବନଧାରଣ' ବଡ଼ ପ୍ରଶ୍ନ ହୋଇଯାଇଛି। ଏପରିସ୍ଥିତିରେ ସ୍ୱତଃସ୍ଫୂର୍ତ୍ତ ପ୍ରଶ୍ନ ଉଠେ ସମ୍ପ୍ରତି ବିଶ୍ୱ ବଜାରରେ ଭାରତ ସ୍ଥିତି କେଉଁଠି? ବିଶ୍ୱର ବୃହତ୍ତମ ଅର୍ଥନୀତିମାନଙ୍କ ମଧ୍ୟରେ ଭାରତର ସ୍ଥାନ ନିଶ୍ଚିତ ଭାବେ ଗୌରବର ବିଷୟ। କିନ୍ତୁ ଅର୍ଥନୀତିର ପ୍ରକୃତ ସଫଳତା ଜିଡିପିରେ ନୁହେଁ, ବରଂ ସାଧାରଣ ନାଗରିକଙ୍କ ଜୀବନମାନରେ ପ୍ରତିଫଳିତ ହେବା ଦରକାର। ଯଦି ଜିଡିପି ବଢ଼ୁଛି କିନ୍ତୁ ଯୁବକଙ୍କୁ ଚାକିରି ମିଳୁନାହିଁ, ଚାଷୀ ନ୍ୟାୟସଙ୍ଗତ ଦର ପାଉନାହାନ୍ତି ଏବଂ ମଧ୍ୟବିତ୍ତ ପରିବାର ସଞ୍ଚୟ କରିପାରୁନାହିଁ, ତେବେ ଅର୍ଥନୈତିକ ବିକାଶର ଅର୍ଥ ଅଧୁରା ରହିଯାଏ। ମହଙ୍ଗା ମାଡ଼, ବେକାରୀ ଓ ଅର୍ଥନୈତିକ ଅସମାନତାର ସମାଧାନ କେବଳ ଆର୍ଥିକ ପ୍ୟାକେଜ୍ କିମ୍ବା ସୁଧହାର ନିୟନ୍ତ୍ରଣରେ ସମ୍ଭବ ନୁହେଁ। ଏଥିପାଇଁ ଆବଶ୍ୟକ କ୍ଷେତ୍ରସ୍ତରରୁ ଏକ ସୁସଂଗଠିତ ବିକାଶ ମଡେଲ।

ଆଜି ମଧ୍ୟ ଦେଶର ବିପୁଳ ଜନସଂଖ୍ୟା କୃଷି ଉପରେ ନିର୍ଭରଶୀଳ। କିନ୍ତୁ କୃଷି ଜମି ସୀମିତ ଓ ଆୟ ଅନିଶ୍ଚିତ। ତେଣୁ ଶିଳ୍ପ, ସେବା ଓ କ୍ଷୁଦ୍ର ଉଦ୍ୟୋଗ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ବଢ଼ାଇ କୃଷି ଉପରେ ପଡୁଥିବା ଅତ୍ୟଧିକ ଚାପ କମାଇବା ଆବଶ୍ୟକ। ଯୁବପିଢ଼ିକୁ କେବଳ ଚାକିରି ପ୍ରାର୍ଥୀ ନୁହେଁ, ବରଂ ଚାକିରି ସୃଷ୍ଟିକାରୀ ଭାବେ ଗଢ଼ି ତୋଳିବାକୁ ହେବ। ସେହିପରି ଭାରତର ଇନ୍ଧନ ନିର୍ଭରତା ଦୀର୍ଘମିଆଦୀ ଅର୍ଥନୈତିକ ଦୁର୍ବଳତା। ସୌର ଶକ୍ତି, ସବୁଜ ହାଇଡ୍ରୋଜେନ, ଇଲେକ୍ଟ୍ରିକ୍ ଯାନ ଓ ବିକଳ୍ପ ଶକ୍ତି କ୍ଷେତ୍ରରେ ନିବେଶ ବୃଦ୍ଧି ନକଲେ ଭବିଷ୍ୟତରେ ବିଶ୍ୱ ବଜାରର ପ୍ରତ୍ୟେକ ଅସ୍ଥିରତା ଦେଶର ଅର୍ଥନୀତିକୁ ଦୋହଲାଇ ଦେବ। ବିକାଶର ସଫଳତା ଜିଡିପିର ଅଙ୍କରେ ନୁହେଁ; ବରଂ ସାଧାରଣ ନାଗରିକଙ୍କ ମୁହଁରେ ଫୁଟିଥିବା ହସରେ ମାପାଯିବା ଉଚିତ। ସେହିଦିନ ଭାରତ କେବଳ ଏକ ବଡ଼ ଅର୍ଥନୀତି ନୁହେଁ, ବରଂ ଏକ ସମୃଦ୍ଧ, ସନ୍ତୁଳିତ ଓ ଅନ୍ତର୍ଭୁକ୍ତିମୂଳକ ରାଷ୍ଟ୍ର ଭାବେ ବିଶ୍ୱ ସମ୍ମୁଖରେ ଉଭା ହେବ।

ଏହି ପୃଷ୍ଠଭୂମିରେ ପଡ଼ୋଶୀ ଚୀନ୍ ସହିତ ଆମେ ନିଜକୁ ତୁଳନା କଲେ ଅର୍ଥନୀତିର ଚିତ୍ର ଆହୁରି ସ୍ପଷ୍ଟ ହେବ। ଆଜି ବିଶ୍ୱ ଅର୍ଥନୀତିରେ ଚୀନର ସ୍ଥାନ କେବଳ ତାହାର ଜିଡିପି ଆକାର ପାଇଁ ନୁହେଁ; ବରଂ ଦୀର୍ଘମିଆଦୀ ବିକାଶ ଯୋଜନା, ଉତ୍ପାଦନ କ୍ଷମତା ଓ ଜାତୀୟ ସ୍ୱାର୍ଥକେନ୍ଦ୍ରିକ ଅର୍ଥନୈତିକ ଦୃଷ୍ଟିକୋଣ ପାଇଁ ପରିଚିତ। ଚାରି ଦଶନ୍ଧି ମଧ୍ୟରେ ଚୀନ ନିଜକୁ କୃଷିନିର୍ଭର ଅର୍ଥନୀତିରୁ ବିଶ୍ୱର ଉତ୍ପାଦନ କେନ୍ଦ୍ରରେ ପରିଣତ କରିଛି। ଚୀନର ସଫଳତାର ମୂଳମନ୍ତ୍ର ଥିଲା, 'ପ୍ରଥମେ ଉତ୍ପାଦନ, ପରେ ଉପଭୋଗ'। ସେମାନେ ବନ୍ଦର, ଶିଳ୍ପାଞ୍ଚଳ, ରେଳପଥ, ବିଦ୍ୟୁତ୍ ଓ ରପ୍ତାନିଭିତ୍ତିକ ଶିଳ୍ପ ଉପରେ ବିପୁଳ ନିବେଶ କରିଥିଲେ। ଫଳସ୍ୱରୂପ କୋଟି କୋଟି ଲୋକ କୃଷି କ୍ଷେତ୍ରରୁ ଶିଳ୍ପ ଓ ସେବା କ୍ଷେତ୍ରକୁ ସ୍ଥାନାନ୍ତର ହୋଇଥିଲେ। ଏହା ନିଯୁକ୍ତି ବୃଦ୍ଧି ସହିତ ଉତ୍ପାଦନ ଖର୍ଚ୍ଚ କମାଇ ଚୀନକୁ ବିଶ୍ୱ ବଜାରରେ ପ୍ରତିଯୋଗୀ କରିଥିଲା। ଆମେରିକା ସହ ବାଣିଜ୍ୟ ଯୁଦ୍ଧ, କୋଭିଡ୍ ମହାମାରୀ ଓ ବିଶ୍ୱ ବଜାରର ମାନ୍ଦାବସ୍ଥା ସତ୍ତ୍ୱେ ଚୀନ ନିଜର ଉତ୍ପାଦନ କ୍ଷମତାକୁ ଦୁର୍ବଳ ହେବାକୁ ଦେଇନଥିଲା। ସେମାନେ ନୂତନ ପ୍ରଯୁକ୍ତି, ଇଲେକ୍ଟ୍ରିକ୍ ଯାନ, ସୌର ଶକ୍ତି, ସେମିକଣ୍ଡକ୍ଟର ଓ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ବିପୁଳ ନିବେଶ କରି ବିକଳ୍ପ ଅର୍ଥନୈତିକ ଶକ୍ତି ସୃଷ୍ଟି କରିଛନ୍ତି। ଚୀନର ଆଉ ଏକ ବଡ଼ ଶକ୍ତି ହେଉଛି ଶକ୍ତି ସୁରକ୍ଷା। ବିଶ୍ୱର ବିଭିନ୍ନ ଦେଶରେ ଖଣି, ତୈଳ କ୍ଷେତ୍ର ଓ ଜଳବିଦ୍ୟୁତ ପ୍ରକଳ୍ପରେ ନିବେଶ କରି ସେମାନେ ନିଜର ଇନ୍ଧନ ଯୋଗାଣକୁ ବିବିଧୀକୃତ କରିଛନ୍ତି। ତେଣୁ ଯେକୌଣସି ଆନ୍ତର୍ଜାତିକ ସଂଘର୍ଷର ପ୍ରଭାବକୁ ସେମାନେ ତୁଳନାତ୍ମକ ଭାବେ ଭଲ ଭାବରେ ସାମ୍ନା କରିପାରନ୍ତି। ଅପରପକ୍ଷରେ ଆମ ପାଖରେ ବିଶାଳ ଯୁବ ଜନସଂଖ୍ୟା, ପ୍ରାକୃତିକ ସମ୍ପଦ ଓ ବଜାର ଥିବା ସତ୍ତ୍ୱେ ଉତ୍ପାଦନ କ୍ଷେତ୍ରର ଅବଦାନ ଆଶାନୁରୂପ ବଢ଼ିପାରିନାହିଁ। ଏବେ ମଧ୍ୟ ବିପୁଳ ସଂଖ୍ୟକ ଲୋକ କୃଷି ଉପରେ ନିର୍ଭରଶୀଳ। ଖଣିଜ ସମ୍ପଦରୁ ଆରମ୍ଭ କରି ଶିଳ୍ପାୟନ ପର୍ଯ୍ୟନ୍ତ ଅନେକ କ୍ଷେତ୍ରରେ ନୀତି ଓ କାର୍ଯ୍ୟାନ୍ୱୟନ ମଧ୍ୟରେ ଦୂରତା ରହିଛି। ଏହାର ଅର୍ଥ ନୁହେଁ ଯେ ଭାରତକୁ ଚୀନର ପ୍ରତ୍ୟେକ ମଡେଲ୍ ଅନୁସରଣ କରିବାକୁ ହେବ। କିନ୍ତୁ ଚୀନରୁ ଶିଖିବାର ବିଷୟ ହେଉଛି; ଦୀର୍ଘମିଆଦୀ ଯୋଜନା, ଉତ୍ପାଦନମୁଖୀ ଶିଳ୍ପାୟନ, ପ୍ରଯୁକ୍ତିରେ ନିବେଶ, ଶକ୍ତି ସୁରକ୍ଷା ଓ ଦ୍ରୁତ କାର୍ଯ୍ୟାନ୍ୱୟନ।

ଚୀନ ବନାମ ଭାରତର ନିମ୍ନୋକ୍ତ ତୁଳନାତ୍ମକ ଚିତ୍ରରୁ ଛବି ଆହୁରି ସ୍ପଷ୍ଟ ହୋଇପାରିବ। ଗତ ଏକମାସରେ ଭାରତରେ ତୈଳ ମୂଲ୍ୟ ୯୪.୭୭ ରୁ ୧୦୨.୨୨ ପ୍ରତି ଲିଟର ବୃଦ୍ଧି ପାଇଛି। ଅଥଚ ଯୁଦ୍ଧ ଚାପ ସତ୍ତ୍ୱେ ଚୀନ ସରକାର ମୂଲ୍ୟ ନିୟନ୍ତ୍ରଣ କରିଥିଲେ। ଦରବୃଦ୍ଧିର ପ୍ରାୟ ୭.୭ ପ୍ରତିଶତ ପ୍ରଭାବ ଭାରତ ଉପଭୋକ୍ତାଙ୍କ ଉପରେ ପଡ଼ିଥିବା ବେଳେ ଚୀନରେ ତାହା ଆଦୌ ହୋଇନାହିଁ ସେହିପରି ସରକାରୀ ନୀତି ଅନୁସାରେ ଆନ୍ତର୍ଜାତିକ ତୈଳ ଦର ବୃଦ୍ଧି ଭାରତ ପାଇଁ ବଜାର ସ୍ଥିତି ଓ କର ଆଧାରିତ। ଅପରପକ୍ଷରେ ଚୀନରେ ଏହା ପ୍ରଶାସନିକ ନିୟନ୍ତ୍ରିତ ମୂଲ୍ୟ ବ୍ୟବସ୍ଥା। ବୈଦ୍ୟୁତିକ (ଇଭି) ଯାନ ବିକ୍ରି କ୍ଷେତ୍ରରେ ଇଭି/ପ୍ଲଗ-ଇନ ହାଇବ୍ରିଡ ଅଂଶ୍ ଚୀନରେ ପ୍ରାୟ ୫୪%; ଭାରତରେ ଏହା କେବଳ ୩ରୁ ୪%ରେ ସୀମିତ। ମୋଟ ମୋଟରଯାନ ମଧ୍ୟରୁ ଚୀନରେ ଇଭି ପ୍ରାୟ ୧୨% ରହିଥିବା ବେଳେ ଭାରତରେ ୧% ରୁ କମ। ବିଶ୍ୱରେ ବୈଦ୍ୟୁତିକ ଯାନ ବିନିଯୋଗରେ ଚୀନର ସ୍ଥାନ ପ୍ରଥମ ଥିବା ବେଳେ ଭାରତ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ସୌର ଶକ୍ତି ଓ ବିକଳ୍ପ ଇନ୍ଧନ ବିନଯୋଗ କ୍ଷେତ୍ରରେ ଚୀନ ଆଜି ବିଶ୍ୱର ସର୍ବବୃହତ ସୌର ପ୍ୟାନେଲ, ବ୍ୟାଟେରୀ ଓ ଇଭି ଉତ୍ପାଦକ ଭାବେ ପରିଚିତ। ସେମାନଙ୍କର ଦୀର୍ଘମିଆଦୀ ନୀତି ହେଉଛି 'ତୈଳ ଆମଦାନୀ ନିର୍ଭରତା କମାଅ, ବିଦ୍ୟୁତ ଚାଳିତ ଅର୍ଥନୀତି ଗଢ଼। ଭାରତ ମଧ୍ୟ ସୌର ଶକ୍ତି ଦିଗରେ ଦ୍ରୁତ ଅଗ୍ରସର ହେଉଛି, କିନ୍ତୁ ପରିବହନ କ୍ଷେତ୍ରରେ ପେଟ୍ରୋଲ-ଡିଜେଲ ନିର୍ଭରଶୀଳତା ଏବେ ମଧ୍ୟ ଅତ୍ୟଧିକ। ତେଣୁ ପଶ୍ଚିମ ଏସିଆରେ ଯୁଦ୍ଧ ଭାରତୀୟ ଅର୍ଥନୀତିକୁ ଅଧିକ ପ୍ରଭାବିତ କରିଛି।

ଯେତେବେଳେ ଭାରତ ନିଜର ଖଣିଜ ସମ୍ପଦକୁ ମୂଲ୍ୟଯୁକ୍ତ ଉତ୍ପାଦନରେ ପରିଣତ କରିବ, କୃଷିରୁ ଅତିରିକ୍ତ ଶ୍ରମଶକ୍ତିକୁ ଶିଳ୍ପ ଓ ସେବା କ୍ଷେତ୍ରକୁ ସ୍ଥାନାନ୍ତରିତ କରିବ, ବିକଳ୍ପ ଶକ୍ତି ଉପରେ ନିର୍ଭରତା ବଢ଼ାଇବ ଏବଂ ପରିବେଶ ସନ୍ତୁଳନକୁ ସୁରକ୍ଷିତ ରଖିବ, ସେତେବେଳେ ହିଁ ବିକାଶର ଲାଭ ତୃଣମୂଳସ୍ତରରେ ଅନୁଭୂତ ହେବ। ବିକାଶର ଅସଲ ପରୀକ୍ଷା ଯୁଦ୍ଧ କିମ୍ବା ସଙ୍କଟ ସମୟରେ ହୋଇଥାଏ। ଯେଉଁ ଅର୍ଥନୀତି ବାହ୍ୟ ଝଟକାକୁ ସହିପାରେ, ନିଜର ଉତ୍ପାଦନ ଓ ନିଯୁକ୍ତିକୁ ସୁରକ୍ଷିତ ରଖିପାରେ, ସେହି ଅର୍ଥନୀତି ହିଁ ପ୍ରକୃତ ଅର୍ଥରେ ଶକ୍ତିଶାଳୀ। ଭାରତ ପାଇଁ ଏହା କେବଳ ଏକ ଆହ୍ୱାନ ନୁହେଁ, ବରଂ ଏକ ଐତିହାସିକ ସୁଯୋଗ ମଧ୍ୟ। ଭାରତ ଆଜି ଏକ ଦ୍ୱିମୁଖୀ ପଥରେ ଠିଆ ହୋଇଛି। ଏକପଟେ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି, ଅନ୍ୟପଟେ ବଢ଼ୁଥିବା ଜୀବନଯାପନ ଖର୍ଚ୍ଚ। ବିକାଶର ମୂଲ୍ୟ ସେତେବେଳେ ସାର୍ଥକ ହେବ, ଯେତେବେଳେ ସେହି ବିକାଶର ଲାଭ ସମାଜର ଶେଷ ଧାଡ଼ିର ଲୋକ ପର୍ଯ୍ୟନ୍ତ ପହଞ୍ଚିବ। ●

ଜୟପୁର(କୋରାପୁଟ)
ମୋ: ୮୨୪୯୨୭୭୭୬୩

## ବିକାଶ ବନାମ ବିଧ୍ୱଂସ

**ମମତା ମହାନ୍ତି**

ଦିନ ଥିଲା, ଆମର ସକାଳ ଆରମ୍ଭ ହେଉଥିଲା ବାଡ଼ିବଗିଚାରୁ ଭାସି ଆସୁଥିବା କୁଆର କାଆ କାଆ ରାବରୁ ଏବଂ ବାରଣ୍ଡାରେ ଖେଳୁଥିବା ଘରଚଟିଆମାନଙ୍କର କିଚିରିମିଚିରି ଶବ୍ଦରୁ। ଓଡ଼ିଆ ଘରର ପରମ୍ପରାରେ ସକାଳେ କୁଆଟିଏ ରାବିଲେ ଘରକୁ ଅତିଥି ଆସିବାର ସଙ୍କେତ ମିଳେ। ମାଆ-ଖୁଡ଼ୀ ସେମାନଙ୍କ ପାଇଁ ଭାତ ଗୁଣ୍ଡାଏ ନେଇ ବାହାର ଅଗଣାରେ ଥୋଇଦେଇ ଆସନ୍ତି। ବାଡ଼ିପଟ ଅଗଣାରେ ଖେଳୁଥିବା ଘରଚଟିଆ, ସେମାନଙ୍କର ଛୋଟ ଛୋଟ ଡେଣାର ଫଡ଼ଫଡ଼ ଶବ୍ଦ, ଘର ଭିତରେ ଜୀବନର ସ୍ପନ୍ଦନ ଆଣିଦେଉଥିଲା। ସେହିପରି ପ୍ରତି ଓଡ଼ିଆ ଘରର ବାରଣ୍ଡା କିମ୍ବା କାନ୍ଥରେ ଦଉଡ଼ିରେ ବନ୍ଧା ହୋଇଥିବା ମାଟି ହାଣ୍ଡିଟିଏ ସ୍ୱତନ୍ତ୍ର ଭାବେ ଝୁଲୁଥିଲା, ଯାହା ଭିତରେ ପାରାମାନେ ନିଜର ସୁରକ୍ଷିତ ବସା ଗଢୁଥିଲେ ଏବଂ ସେମାନଙ୍କର ମଧୁର 'ଘୁମୁରୁ ଘୁମୁ' ଶବ୍ଦରେ ପୂରା ଘର ମୁଖରିତ ହେଉଥିଲା।

ବିଜ୍ଞାନ ଏବଂ ସାମାଜିକ ଜୀବନରେ ଏହି ପକ୍ଷୀମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କୁଆ ହେଉଛି ପରିବେଶ ବିଜ୍ଞାନରେ 'ପ୍ରାକୃତିକ ସଫେଇ କର୍ମଚାରୀ' - ଯିଏ ସହର, ନାଳନର୍ଦ୍ଦମାରୁ ଆବର୍ଜନା ସଫା କରି ସହରକୁ ଜୀବାଣୁ ବ୍ୟାପିବାରେ ରୋକିଥାଏ। ସେହିପରି ଘରଚଟିଆ ଓ ପାରାମାନେ କୀଟପତଙ୍ଗ ନିୟନ୍ତ୍ରଣ ଓ ବୀଜ ବିସ୍ତାରରେ ପ୍ରକୃତିକୁ ସାହାଯ୍ୟ କରନ୍ତି। ମାତ୍ର ଆଜିର ଆଧୁନିକ କଂକ୍ରିଟ୍ ସହରରେ ଏହି ପରିଚିତ ପକ୍ଷୀମାନେ ଯେମିତି କୁଆଡ଼େ ନିଖୋଜ ହୋଇଯାଉଛନ୍ତି। ଆଜିର ଚେୟାର୍-ଟେବୁଲ୍ ସଂସ୍କୃତି ଓ ଆପାର୍ଟମେଣ୍ଟ ଜୀବନରେ ଆଉ କୁଆ ପାଇଁ ଭାତ ଗୁଣ୍ଡାଏ ବାଢ଼ିଦେବାକୁ ନା ଅଗଣା ଅଛି, ନା ସେମାନଙ୍କ ପାଇଁ କାହା ପାଖରେ ସମୟ ଟିକିଏ ଅଛି। ସହରର ବର୍ଜ୍ୟବସ୍ତୁ ଓ ପ୍ଲାଷ୍ଟିକ୍‌ଯୁକ୍ତ ଦୂଷିତ ଖାଦ୍ୟ ଖାଇ ସେମାନଙ୍କ ସ୍ୱାସ୍ଥ୍ୟ ବାରମ୍ବାର ବିଗିଡ଼ିବାରେ ଲାଗୁଛି। ଅପରପକ୍ଷରେ, ପକ୍କା ଘରର କାନ୍ଥଗୁଡ଼ିକ ଚିକ୍କଣ ଓ ଆଧୁନିକ ହେବା ଯୋଗୁଁ ଘରଚଟିଆମାନଙ୍କୁ ବସା ବାନ୍ଧିବାକୁ କେଉଁଠି ହେଲେ ଟିକେ ଫାଙ୍କା ଜାଗା ମିଳୁନାହିଁ ଏବଂ ସହର ସାରା ବିଛେଇ ହୋଇଛି ମାଳମାଳ ମୋବାଇଲ୍ ଟାୱାର। ଏଇ ଟାୱାରଗୁଡ଼ିକରୁ ବାହାରୁଥିବା ଅଦୃଶ୍ୟ ବିକିରଣ (ରେଡିଏସନ) ଏହି କୋମଳମତି ପକ୍ଷୀମାନଙ୍କୁ ବଂଶବିସ୍ତାର କରିବାରେ ବାଧା ସୃଷ୍ଟି କରୁଛି।

ସତରେ ଆମେ ତ ଆମ ବିକାଶର ସୁଉଚ୍ଚ ପ୍ରାସାଦ ଠିଆ କରିଦେଲୁ, କିନ୍ତୁ ଆମ ପିଲାଦିନର ସେହି ସାଥୀ କୁଆ, କପୋତ ଓ ଘରଚଟିଆଙ୍କୁ ସହରରୁ ଏକାବେଳକେ ତଡ଼ି ବିଦା କରିଦେଲୁ! ବିକାଶର ଏହି ଅନ୍ଧଦୌଡ଼ରେ ଆମେ ଏଭଳି ଭାବରେ ଦୌଡ଼ୁଛୁ ଯେ ଆମ ପାଦ ତଳେ ଥିବା ସବୁଜ ମାଟି କେତେବେଳେ ଯେ ସିମେଣ୍ଟ ଆସ୍ତରଣ ପାଲଟିଗଲାଣି, ତାହା ଆମ ଆଖିଆଗରେ। ପ୍ରଗତିର ଉଚ୍ଚ ଅଟ୍ଟାଳିକା ନିର୍ମାଣ କରିବାକୁ ଯାଇ ଆମେ ପ୍ରକୃତିର ସବୁଜ ଆଶ୍ରୟସ୍ଥଳୀଗୁଡ଼ିକୁ ଛାରଖାର କରିପକାଉଛୁ। କିନ୍ତୁ ଆମେ ଭୁଲିଯାଉଛୁ ଯେ ଆମ ପ୍ରକୃତି ନିର୍ଜନ ନିଃଶବ୍ଦରେ କାନ୍ଦୁଛି। ସେହି କାନ୍ଦଣାର ପ୍ରତିଧ୍ୱନି ଆଜି ଅଦିନିଆ ବାତ୍ୟା, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଏବଂ ଧୂସର ପରିବେଶ ଭିତରେ ସ୍ପଷ୍ଟ ବାରି ହୋଇପଡୁଛି।

ସହରୀକରଣ ଓ ଶିଳ୍ପାୟନ ଆଜି ସଭ୍ୟତାର ପରିଚୟ ସାଜିଛି। ଚଉଡ଼ା ରାସ୍ତା, ଉଡ଼ନ୍ତାପୋଲ ଏବଂ ଆକାଶଛୁଆଁ ଅଟ୍ଟାଳିକା ତିଆରି କରିବା ପାଇଁ ହସୁଥିବା ସବୁଜ ପାହାଡ଼ ଓ ଶହ ଶହ ବର୍ଷର ପୁରୁଣା ବର, ଓସ୍ତ, କିମ୍ବା ଆମ୍ବ ଗଛଗୁଡ଼ିକୁ ନିର୍ଦ୍ଦୟ ଭାବେ କାଟି ସଫା କରିଦିଆଯାଉଛି। ଗଛଟିଏ କେବଳ କାଠ ବା ଛାଇ ପାଇଁ ଲୋଡ଼ା ନୁହେଁ, ବରଂ ଏକ ସଂପୂର୍ଣ୍ଣ ପ୍ରାକୃତିକ ସଂସାର ବା ବାସ୍ତୁତନ୍ତ୍ର। ବୈଜ୍ଞାନିକ ଦୃଷ୍ଟିରୁ ଗୋଟିଏ ପୂର୍ଣ୍ଣାଙ୍ଗ ବୃକ୍ଷ ନିଜ ଜୀବନକାଳ ଭିତରେ ବାୟୁମଣ୍ଡଳରୁ ପ୍ରଚୁର ପରିମାଣର ଦୂଷିତ ଅଙ୍ଗାରକାମ୍ଳ ଗ୍ୟାସ ଶୋଷଣ କରି ପରିବେଶକୁ ସନ୍ତୁଳିତ ରଖେ। ଗଛଗୁଡ଼ିକ କାଟିଦେବା ଫଳରେ ପ୍ରକୃତିର ଅଙ୍ଗାରକାମ୍ଳ ଶୋଷଣ କରିବାର କ୍ଷମତା କମିବାରେ ଲାଗୁଛି, ଯାହାଦ୍ୱାରା ବାୟୁମଣ୍ଡଳର ତାପମାତ୍ରା କ୍ରମାଗତ ଭାବେ ବଢ଼ି ଚାଲିଛି। ଆଜି ସହରଗୁଡ଼ିକରେ ପିଚୁ ଓ ସିମେଣ୍ଟର ଆସ୍ତରଣ ଯୋଗୁଁ ମାଟି ତା'ର ସ୍ୱାଭାବିକ ଜଳ ଶୋଷଣ କ୍ଷମତା ହରାଇ ବସୁଛି। ଫଳରେ ବର୍ଷା ଜଳ ଭୂତଳକୁ ନ ଯାଇ ରାସ୍ତାଘାଟରେ ଜମିରହୁଛି। ସାମାନ୍ୟ ବର୍ଷାରେ ବି ସହର ଭିତରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି ଏବଂ ଭୂତଳ ଜଳସ୍ତର ସଂକଟଜନକ ଭାବେ ତଳକୁ ତଳ ଖସି ଚାଲିଛି। ଏହା ସହିତ କଂକ୍ରିଟ୍ ଅଟ୍ଟାଳିକାଗୁଡ଼ିକ ଦିନ ତମାମ ସୂର୍ଯ୍ୟକିରଣରୁ ଉତ୍ତାପ ଶୋଷି ରଖି ରାତିରେ ବିକିରଣ କରନ୍ତି, ଯାହା ସହରଗୁଡ଼ିକୁ ଏକ ସହରୀ ଉତ୍ତାପ ଦ୍ୱୀପ ବା ଗରମ ଭାଟିରେ ପରିଣତ କରୁଛି।

ସତରେ ସମୟର ସତର୍କ ଘଣ୍ଟି ଆମକୁ ସୂଚେଇ ଦେଲାଣି - ପ୍ରକୃତିକୁ ଆଘାତ ଦେଇ ମଣିଷ କେବେ ସୁଖରେ ବଞ୍ଚିପାରିବ ନାହିଁ। ତେଣୁ ବିକାଶର ସଂଜ୍ଞାକୁ ବଦଳାଇବାକୁ ହେବ। ବିକାଶ ଜରୁରୀ, କିନ୍ତୁ ପ୍ରକୃତିକୁ ବଳି ଦେଇ କିମ୍ବା ବିଧ୍ୱଂସ କରି ନୁହେଁ। ଆମକୁ ନିଶ୍ଚୟ 'ସବୁଜ ଓ ସନ୍ତୁଳିତ ବିକାଶ' ଆଡ଼କୁ ଅଗ୍ରସର ହେବାକୁ ପଡ଼ିବ। ସହରର ପ୍ରତ୍ୟେକ ବ୍ୟକ୍ତି ନିଜ ଛାତ ଉପରେ ବଗିଚା କରିବା ସହ ସରକାରୀ ସ୍ତରରେ ସହର ଭିତରେ 'ଛୋଟ ଛୋଟ ସବୁଜ ବଳୟ' ସୃଷ୍ଟି କରିବା ଉଚିତ୍। ଏଥିପାଇଁ ସରକାରୀ ସ୍ତରରେ ନିୟମ କରାଯିବା ଦରକାର। ବିଶେଷକରି ନୂତନ ପିଢ଼ିର ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ୍ ସ୍ତରରୁ ହିଁ ପରିବେଶ ସୁରକ୍ଷା ଓ ବୈଜ୍ଞାନିକ ସଚେତନତା ସହିତ ସାମିଲ୍ କରିବାକୁ ହେବ। ଯଦି ଆଜି ଆମେ ଆତ୍ମକୈନ୍ଦ୍ରିକ ଓ ସ୍ୱାର୍ଥପର ସାଜି ପ୍ରକୃତିର ଏହି ନିଃଶବ୍ଦ କାନ୍ଦଣାକୁ ଅଣଦେଖା କରିବା, ତେବେ ଆଗାମୀ ଦିନରେ ମାନବ ସମାଜର କାନ୍ଦଣାକୁ ଶୁଣିବାକୁ ଏ ସୃଷ୍ଟିରେ କେହି ନଥିବେ। ବାସ୍ତବିକ୍ 'ପ୍ରକୃତି ବଞ୍ଚିଲେ ହିଁ ମଣିଷ ବଞ୍ଚିବ।' ●

ବାମପଦା, (ବାଲେଶ୍ୱର),
ମୋ: ୮୬୩୭୨୭୨୭୩୯

## ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

### ଓଡ଼ିଶାର ବୌଦ୍ଧ ପରମ୍ପରା

**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*

ମାତ୍ର କୌଣସିମତେ ଆମେ ତ୍ରୟୋଦଶ ଶିଳାଲେଖର ଶବ୍ଦକୁ ପ୍ରତ୍ୟାଖ୍ୟାନ କରିପାରିବା ନାହିଁ। କାରଣ ସେଗୁଡ଼ିକ ସ୍ୱୟଂ ସମ୍ରାଟଙ୍କର। ଏହା ଦର୍ଶାଯାଇଛି ଯେ, ମୁଖ୍ୟ ଶିଳାଲେଖଗୁଡ଼ିକରେ ଉଲ୍ଲିଖିତ 'ଧମ୍ମ' (ଧର୍ମ)ର ଅର୍ଥ କେବଳ ବୌଦ୍ଧ ଧର୍ମ ନୁହେଁ। ଏହାହେଉଛି ଏକ ସରଳ ନୈତିକ ଆଚରଣ, ଯାହା ସେହିସମୟର ଭାରତର ବିଭିନ୍ନ ଧର୍ମ ଓ ପରମ୍ପରାର ନୈତିକ ନିୟମ ଭିତରେ ସାଧାରଣ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିର୍ଯାସ। ତଥାପି ଅଶୋକଙ୍କର କେତେକ କ୍ଷୁଦ୍ର ଶିଳାଲେଖ ତଥା ପରମ୍ପରା, ଅଶୋକ ଯେ ବ୍ୟକ୍ତିଗତ ଭାବେ ଜଣେ ଆନ୍ତରିକ ତଥା ନିଷ୍ଠାବାନ ବୌଦ୍ଧଧର୍ମାବଲମ୍ବୀ ଥିଲେ ଏହା ନିଶ୍ଚିତ କରିଥା'ନ୍ତି।

ଅଶୋକ କଳିଙ୍ଗ ଯୁଦ୍ଧର ନରସଂହାର ଦେଖି ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ ହୋଇଥିଲେ। ତାଙ୍କର କ୍ଷୁଦ୍ର ଶିଳାଲେଖଗୁଡ଼ିକ, ଯେପରିକି ମାସ୍କି ବା ଗୁଜରା ଶିଳାଲେଖ ତାଙ୍କର ବ୍ୟକ୍ତିଗତ ଧର୍ମବିଶ୍ୱାସକୁ ଦର୍ଶାଏ, ଯେଉଁଥିରେ ସେ ନିଜକୁ ନିଷ୍ଠାବାନ ବୌଦ୍ଧ ଭାବେ ପ୍ରକାଶ କରିଛନ୍ତି। ତଥାପି, ଉପରେ ଉଦ୍ଧୃତ ପ୍ରସିଦ୍ଧ ପରିଚ୍ଛେଦଟି କଳିଙ୍ଗରେ ତାଙ୍କ ଭୟାବହ ଅଭିଜ୍ଞତା ତଥା ଅନୁଭୂତି ଯୋଗୁଁ ହିଁ ଯେ ସେ ବୌଦ୍ଧଧର୍ମ ଗ୍ରହଣ କରିଥିବା ବିଷୟ ଦର୍ଶାଏ ନାହିଁ। ବୌଦ୍ଧମାନେ ନିଜେ ଏହି ଯୁଦ୍ଧର କୌଣସି ସ୍ମୃତି ରଖିନାହାନ୍ତି। ଏହା ନିଶ୍ଚିତଭାବେ ସୂଚାଇଥାଏ ଯେ ତାଙ୍କର ଧର୍ମ ପରିବର୍ତ୍ତନ (ବୌଦ୍ଧଧର୍ମ ଗ୍ରହଣ) ଯୁଦ୍ଧ ପୂର୍ବରୁ କିମ୍ବା ପରେ ହୋଇଥିଲା। ଏହି ଯୁଦ୍ଧ କେବଳ ତାଙ୍କର ନୈତିକ ଦାୟିତ୍ୱବୋଧ ଏବଂ ଅନାବଶ୍ୟକ ଦୁଃଖକଷ୍ଟ ପ୍ରତି ଘୃଣାଭାବକୁ ଅଧିକ ବଢ଼ାଇବାରେ ଏକ ସାଧନ ମାତ୍ର ଥିଲା।

କେତେକ ଗବେଷକଙ୍କ ମତରେ କଳିଙ୍ଗ ଯୁଦ୍ଧ ସମୟକୁ ଅଶୋକ ବୌଦ୍ଧ ଧର୍ମାବଲମ୍ବୀ ହିଁ ଥିଲେ। କଳିଙ୍ଗ ଯୁଦ୍ଧ ପରେ ଅଶୋକ ହଠାତ୍ ବୌଦ୍ଧ ହୋଇଯାଇଥିଲେ ବୋଲି ଯେଉଁକଥା କୁହାଯାଏ, ତାହାର ସଠିକ୍ ଐତିହାସିକ ପ୍ରମାଣ ନାହିଁ। ଏହା କେବଳ କାହାଣୀରେ ରହିଛି। ପ୍ରକୃତ କଥା ହେଉଛି, ଅଶୋକ ଧୀରେ ଧୀରେ ବୌଦ୍ଧ ଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ ସମୟ ସହିତ ତାଙ୍କର ଏହି ଭକ୍ତି ବଢ଼ିବାକୁ ଲାଗିଲା। ସେହି ସମୟରେ ଭାରତରେ ଧର୍ମ ଅଥବା ଧାର୍ମିକ ବିଶ୍ୱାସଗୁଡ଼ିକ ପରସ୍ପର ବିରୋଧୀ କିମ୍ବା ସଂପୂର୍ଣ୍ଣ ଅଲଗା ନଥିଲେ ଏବଂ ପରସ୍ପରକୁ ସଂପୂର୍ଣ୍ଣ ବର୍ଜନ କରୁ ନ ଥିଲେ ବା ବିରୋଧ କରୁ ନ ଥିଲେ। ନିଃସନ୍ଦେହରେ ଓଡ଼ିଶାରେ (କଳିଙ୍ଗ ଯୁଦ୍ଧରେ) ଅଶୋକଙ୍କ ଅଭିଜ୍ଞତା ବୌଦ୍ଧ ଧର୍ମ ପ୍ରତି ତାଙ୍କର ବିଶ୍ୱାସକୁ ଅଧିକ ଦୃଢ଼ କରିଥିଲା ଏବଂ ତାଙ୍କୁ କ୍ଷମା ଓ ଅହିଂସା, ଯାହାକି ବୌଦ୍ଧଧର୍ମର ପ୍ରମୁଖ ବିଶେଷତ୍ୱ ସେହି ନୈତିକତା ଆଡ଼କୁ ଅଧିକ ଦୃଢ଼ଭାବରେ ଟାଣି ନେଇଥିଲା ଏବଂ ବୌଦ୍ଧ ଧର୍ମ ପ୍ରତି ତାଙ୍କର ଆସ୍ଥାକୁ ଅଧିକ ମଜଭୁତ କରିଥିଲା।

ଅଶୋକଙ୍କ ସମୟ ପୂର୍ବରୁ ଓଡ଼ିଶାରେ ବୌଦ୍ଧ ଧର୍ମର ପ୍ରଚଳନ ଥିବାର ଯଥେଷ୍ଟ ପ୍ରାମାଣିକ ତଥ୍ୟ ରହିଛି। ଏହା ନିଃସନ୍ଦେହ ଯେ ଅଶୋକଙ୍କ ଦ୍ୱାରା ଓଡ଼ିଶା ବିଜୟ ଫଳରେ ଏହି ଅଞ୍ଚଳରେ ବୌଦ୍ଧଧର୍ମର ବ୍ୟାପକ ବିକାଶ ଘଟିଥିଲା। ତଥାପି ମଧ୍ୟ ଅଶୋକ ଜିତିଥିବା ଅଞ୍ଚଳ କଳିଙ୍ଗ ପ୍ରତି କିଭଳି ନୀତି ଆପଣେଇ ଥିଲେ ସେ ବିଷୟରେ ଅଲୋକପାତ କରୁଥିବା ଧଉଳି ଓ ଜଉଗଡ଼ ଅଭିଲେଖ ସଂପର୍କରେ ସମ୍ୟକ୍ ଅଲୋଚନା କରିବା - 'ଏହି ଦୁଇଟି ପ୍ରମୁଖ ଶିଳାଲେଖର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଶେଷତ୍ୱ ହେଲା ଏଥିମଧ୍ୟରେ ଏକାଦଶ, ଦ୍ୱାଦଶ ଓ ତ୍ରୟୋଦଶ ଶିଳାଲେଖଗୁଡ଼ିକ ଅନ୍ତର୍ହିତ ହୋଇଛି ଏବଂ ସେଗୁଡ଼ିକ ସ୍ଥାନରେ ସ୍ୱତନ୍ତ୍ର କଳିଙ୍ଗ ଶିଳାଲେଖ ନାମରେ ଅନ୍ୟ ଦୁଇଗୋଟି ଶିଳାଲେଖ ଭର୍ତ୍ତି କରାଯାଇଛି। ଏହି ପରିବର୍ତ୍ତନର କାରଣ ସ୍ଥାପନ ନିମନ୍ତେ ଆମକୁ କେବଳ ସେଇ ଦୁଇଟି ସ୍ୱତନ୍ତ୍ର ଅନୁଶାସନ ନୁହେଁ, ବରଂ ବାଦ ପଡ଼ିଥିବା ଅନୁଶାସନଗୁଡ଼ିକୁ ମଧ୍ୟ ଭଲଭାବରେ ପରୀକ୍ଷା-ନିରୀକ୍ଷା କରିବାକୁ ହେବ। ଏହା ମଧ୍ୟ ଯୁକ୍ତିଯୁକ୍ତ ଧାରଣା ଯେ ଅଶୋକଙ୍କର ଏହି ପରିବର୍ତ୍ତନ ପଛରେ ନିଶ୍ଚିତ ଭାବେ କିଛି ସ୍ୱତନ୍ତ୍ର ଉଦ୍ଦେଶ୍ୟ ରହିଥିଲା। (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଚାମେଲୀ ଓଝାଙ୍କୁ ଆକ୍ରମଣ ଘଟଣା

# ତଦନ୍ତକୁ ଜୋରଦାର କଲା ପୁଲିସ; ଆଉଜଣେ ଗିରଫ

କେନ୍ଦ୍ରାପଡ଼ା/ମହାକାଳପଡ଼ା, ୧୯।୬(ସମିସ): ବହୁଚର୍ଚ୍ଚିତ ତିଖିରି ପଞ୍ଚାୟତ ସରପଞ୍ଚ ଚାମେଲୀ ଓଝାଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ ଅଭିଯୋଗ ମାମଲାରେ ମହାକାଳପଡ଼ା ଥାନା ପୁଲିସ ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ମହାକାଳପଡ଼ା ବ୍ଲକ୍ ଆମ୍ବାର ଅଧ୍ୟକ୍ଷ ହିମାଂଶୁ ଶେଖର ପ୍ରଧାନ। ଘଟଣା ସହ ତାଙ୍କର ସମ୍ପୃକ୍ତି ନେଇ ତଥ୍ୟ ଓ ପ୍ରମାଣ ମିଳିବା ପରେ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡ଼ିଛି। ସରପଞ୍ଚ ଚାମେଲୀ ଓଝାଙ୍କ ଅଭିଯୋଗ ସହ ଘଟଣାସ୍ଥଳରେ ଉପଲବ୍ଧ ସିସିଟିଭି ଓ ଭିଡିଓ ଫୁଟେଜକୁ ଆଧାର କରି ତଦନ୍ତ କରାଯାଇଥିଲା। ତଦନ୍ତ ସମୟରେ ହିମାଂଶୁ ଶେଖର ପ୍ରଧାନଙ୍କ ସମ୍ପୃକ୍ତି ସଂକ୍ରାନ୍ତରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ମିଳିଥିବାରୁ ଶୁକ୍ରବାର ଏକଲପୁର ଗ୍ରାମରୁ ତାଙ୍କୁ ଗିରଫ କରାଯାଇଛି।

ସୂଚନା ମୁତାବକ, ମହାକାଳପଡ଼ା ବ୍ଲକ୍ କାର୍ଯ୍ୟାଳୟର ବିଡିଓଙ୍କ ଚାମ୍ବରରେ ଘଟିଥିବା ବିବାଦ ଓ ସରପଞ୍ଚଙ୍କୁ ଦୁର୍ବ୍ୟବହାର ଘଟଣାକୁ ନେଇ ଏହି ମାମଲା ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ଘଟଣାରେ ପୂର୍ବରୁ ପାର୍ଥସାରଥୀ ସାମନ୍ତରାୟଙ୍କୁ ମହାକାଳପଡ଼ା ପୁଲିସ ଗିରଫ କରିଥିବାବେଳେ ହିମାଂଶୁ ଶେଖର ପ୍ରଧାନଙ୍କ ଗିରଫ ପରେ ମାମଲାରେ ଗିରଫ ସଂଖ୍ୟା ଦୁଇରେ ପହଞ୍ଚିଛି। ଘଟଣାକୁ ନେଇ ଅଞ୍ଚଳରେ



ରାଜନୈତିକ ତାତି ବଢ଼ିଥିବାବେଳେ ମହାକାଳପଡ଼ାର ବିଜେପି ଯୁବ ନେତା ସୌଭାଗ୍ୟ ପରିଡ଼ା କହିଛନ୍ତି, ହିମାଂଶୁ ଶେଖର ପ୍ରଧାନ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଓ ଏଥିରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କୁ ମଧ୍ୟ ଚିହ୍ନଟ କରି ଆଇନ ଆଗକୁ ଆଣିବା ଆବଶ୍ୟକ। ଅନ୍ୟପକ୍ଷରେ ପୁଲିସ ପକ୍ଷରୁ କୁହାଯାଇଛି ଯେ ସରପଞ୍ଚଙ୍କ ଅଭିଯୋଗ ଓ ଉପଲବ୍ଧ ପ୍ରମାଣକୁ ଆଧାର କରି ଆଇନଗତ ପଦକ୍ଷେପ ଗ୍ରହଣ କରାଯାଇଛି। ଘଟଣାରେ ଆଉ କେହି ସଂପୃକ୍ତ ଅଛନ୍ତି କି ନାହିଁ, ସେ ନେଇ ତଦନ୍ତ ଜାରି ରହିଥିବାରୁ ଆଗାମୀ ଦିନରେ ଅଧିକ ତଥ୍ୟ ସାମ୍ନାକୁ ଆସିବାର ସମ୍ଭାବନା ରହିଛି।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

### ୟୁକ୍ରେନର ଭୟାବହ...

କ୍ରେମଲିନ୍‌ଠାରୁ ମାତ୍ର ୧୫ କିଲୋମିଟର ଦୂରରେ ଅବସ୍ଥିତ ଏହି ତୈଳ ବିଶୋଧନାଗାରଟି ସହରର ପ୍ରାୟ ଏକ ତୃତୀୟାଂଶ ଇନ୍ଧନ ଆବଶ୍ୟକତା ପୂରଣ କରିଥାଏ। ୟୁକ୍ରେନର ଏହି ଆକ୍ରମଣ ପରେ ମସ୍କୋର ଚାରୋଟି ପ୍ରମୁଖ ବିମାନବନ୍ଦରରେ ଉଡ଼ାଣ ବାତିଲ କରାଯାଇଥିଲା। ରୁଷିଆର ପ୍ରତିରକ୍ଷା ମନ୍ତ୍ରଣାଳୟ ଦାବି କରିଛି ଯେ ସେମାନଙ୍କ ପ୍ରତିରକ୍ଷା ବ୍ୟବସ୍ଥା ପ୍ରାୟ ୫୫୫ଟି ଡ୍ରୋନ୍‌କୁ ଆକାଶରେ ଧ୍ୱଂସ କରିଦେଇଛି, ଯେଉଁଥିରୁ ପ୍ରାୟ ୨୦୦ଟି କେବଳ ମସ୍କୋ ଆଡ଼କୁ ଆସୁଥିଲା। ତଥାପି କେତେକ ଡ୍ରୋନ୍ ନିଜର ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଛନ୍ତି, ଯାହାଦ୍ୱାରା କେତେକ ଆବାସିକ ଗୃହ ନଷ୍ଟ ହେବା ସହ ଅତିକମରେ ୧୭ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି। ମସ୍କୋର ଦକ୍ଷିଣ-ପୂର୍ବ ଅଞ୍ଚଳର ବାସିନ୍ଦାମାନେ ଅଭିଯୋଗ କରିଛନ୍ତି ଯେ ଆକାଶରୁ ପଡୁଥିବା କଳା ରଙ୍ଗର ତେଲ ବୁନ୍ଦା ଯୋଗୁଁ ସେମାନଙ୍କ ଗାଡ଼ି ଓ ପୋଷାକପତ୍ର ନଷ୍ଟ ହୋଇଯାଉଛି। ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ଝରକା ବନ୍ଦ ରଖିବାକୁ ଏବଂ ଶ୍ୱାସକ୍ରିୟା ଜନିତ ସମସ୍ୟା ଥିବା ବ୍ୟକ୍ତି ଓ ଶିଶୁମାନଙ୍କୁ ସାମୟିକ ଭାବେ ସେହି ଅଞ୍ଚଳ ଛାଡ଼ିବାକୁ ପରାମର୍ଶ ଦିଆଯାଇଛି। ଅପରପକ୍ଷରେ, ବିଦେଶ ଗସ୍ତରେ ଥିବା ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଏହି ଆକ୍ରମଣକୁ ସ୍ୱୀକାର କରି କହିଛନ୍ତି ଯେ ଯଦି ୟୁକ୍ରେନ ଜଳିବ, ତେବେ ମସ୍କୋ ମଧ୍ୟ ଜଳିବ। ରୁଷିଆର ଆକ୍ରମଣର ଅନ୍ତ ଘଟାଇବା ଏବଂ ସେମାନଙ୍କୁ ଶାନ୍ତି ଆଲୋଚନା ପାଇଁ ବାଧ୍ୟ କରିବାକୁ ଏଭଳି ପଦକ୍ଷେପ ନିଆଯାଉଛି ବୋଲି ସେ ପ୍ରକାଶ କରିଛନ୍ତି। ଏହି ଆକ୍ରମଣର ଜବାବରେ ରୁଷିଆ ମଧ୍ୟ ୟୁକ୍ରେନର ବିଭିନ୍ନ ସହର ଯଥା ସୁମି ଏବଂ ଖାରକିଭ୍ ଉପରେ କ୍ଷେପଣାସ୍ତ୍ର ଓ ବୋମା ବର୍ଷଣ କରିଛି। ଏହି ପାଲଟା ଆକ୍ରମଣରେ ଦୁଇ ଜଣ ୟୁକ୍ରେନ ନାଗରିକ ପ୍ରାୟ ହରାଇଥିବା ବେଳେ ଶିଶୁଙ୍କ ସମେତ ଅନେକ ଲୋକ ଆହତ ହୋଇଛନ୍ତି। ଏହା ସହିତ ରୁଷିଆ ନିୟନ୍ତ୍ରଣରେ ଥିବା ୟୁରୋପର ସବୁଠାରୁ ବଡ଼ ଜାପୋରିଜିଆ ଆଣବିକ ଶକ୍ତି କେନ୍ଦ୍ର ଉପରେ ମଧ୍ୟ ବ୍ୟାପକ ଡ୍ରୋନ୍ ଆକ୍ରମଣ ହୋଇଥିବା ସୂଚନା ମିଳିଛି, ଯାହା ସେଠାକାର କେତେକ ଗୃହକୁ କ୍ଷତିଗ୍ରସ୍ତ କରିଛି। ବିଶ୍ୱର ପ୍ରମୁଖ ଶକ୍ତିଶାଳୀ ଦେଶଗୁଡ଼ିକର ବୈଠକ ଏବଂ ଆନ୍ତର୍ଜାତୀୟ ସ୍ତରରେ ଶାନ୍ତି ପ୍ରତିଷ୍ଠା ପାଇଁ କୂଟନୈତିକ ପ୍ରୟାସ ଚାଲିଥିବା ବେଳେ, ରୁଷିଆ-ୟୁକ୍ରେନ ଯୁଦ୍ଧ ଏକ ନୂତନ ଓ ଅଧିକ ବିପଜ୍ଜନକ ପର୍ଯ୍ୟାୟରେ ପହଞ୍ଚିଛି।

### କେନ୍ଦ୍ର ମନ୍ତ୍ରିମଣ୍ଡଳରେ...

ଅର୍ଥମନ୍ତ୍ରୀ ପଦ ପାଇଁ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନାମ ଚର୍ଚ୍ଚା ହେଉଛି। ସେହିପରି କିଛି ମନ୍ତ୍ରଣାଳୟର ପୁନଃ ସଂରଚନା ଓ ଗଠନାତ୍ମକ ପରିବର୍ତ୍ତନ କରାଯାଇପାରେ ବୋଲି କୁହାଯାଉଛି । ପୁନଶ୍ଚ କିଛି ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଓ ପୂର୍ବତନ ବ୍ୟୁରୋକ୍ରାଟଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେବା ନେଇ ମଧ୍ୟ ଚିନ୍ତା କରାଯାଉଛି। ରେଳ ମନ୍ତ୍ରଣାଳୟ ଓ ସଡ଼କ ପରିବହନ ମନ୍ତ୍ରଣାଳୟକୁ ଏକତ୍ର କରି ଏକ ବୃହତ୍ 'ସର୍ଫେସ ଟ୍ରାନ୍ସପୋର୍ଟ' ମନ୍ତ୍ରଣାଳୟ ଗଠନ କରାଯାଇପାରେ ବୋଲି ଆଲୋଚନା ଚାଲିଛି। ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଦଳ "ଏକ ବ୍ୟକ୍ତି, ଏକ ପଦ" ନୀତିକୁ କଡ଼ାକଡ଼ି ଭାବେ ଲାଗୁ କରିବ ଓ ସମ୍ପ୍ରତି ସଂଗଠନରେ ନୂଆ ଦାୟିତ୍ୱ ପାଇଥିବା କିଛି ନେତାଙ୍କୁ ମନ୍ତ୍ରିମଣ୍ଡଳରୁ ବିଦାୟ ଦିଆଯିବ ବୋଲି ଜଣାପଡ଼ିଛି ।

ଅନ୍ୟପକ୍ଷରେ କେନ୍ଦ୍ର କ୍ୟାବିନେଟ୍ ଅଦଳବଦଳ ପରେ ଓଡ଼ିଶାରେ ମୋହନ ସରକାରଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ବୋଲି ସୂଚନା ମିଳିଛି । ଦୀର୍ଘଦିନ ଧରି ଓଡ଼ିଶାରେ ମନ୍ତ୍ରିମଣ୍ଡଳ ଚର୍ଚ୍ଚା ଚାଲିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ । ଖାଲି ପଡ଼ିଥିବା ୬ଟି ମନ୍ତ୍ରୀପଦ ପୂରଣ ସହ କିଛି ମନ୍ତ୍ରୀଙ୍କ ବିଭାଗ ପରିବର୍ତ୍ତନ ଓ କିଛି ମନ୍ତ୍ରୀଙ୍କୁ ସରକାରରୁ ବାଦ ଦିଆଯାଇପାରେ ବୋଲି କୁହାଯାଉଛି ।

### ଜନ୍ମମାଟିରେ ମହାମହିମ...

ଜଳଯୋଗାଣ ପ୍ରକଳ୍ପ, ବ୍ରହ୍ମାକୁମାରୀ ସଂଗଠନର ନୂତନ ଭବନ, ସ୍ପେଶାଲ ସର୍କିଟ ହାଉସ ଓ ନବଗଠିତ ରାଇରଙ୍ଗପୁର ପୁଲିସ ଜିଲ୍ଲାର ନୂତନ ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ ସମେତ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଜନହିତକର ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ସମସ୍ତ ପ୍ରକଳ୍ପର ଲୋକାର୍ପଣ ଉତ୍ସବ ସମୟରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ମନ୍ତ୍ରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ଆସନ୍ତାକାଲି (୨୦ ଜୁନ) ଓଡ଼ିଶା ଇତିହାସରେ ଏକ ସ୍ମରଣୀୟ ଦିନ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମୟୂରଭଞ୍ଜ ଗସ୍ତରେ ଆସି ରାଷ୍ଟ୍ରପତିଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ। ଓଡ଼ିଶାରେ ବିଜେପି ସରକାରର ଦୁଇବର୍ଷ ପୂର୍ତ୍ତି ଅବସରରେ ରାଇରଙ୍ଗପୁରର ଦାଣ୍ଡବୋଷ ପଡ଼ିଆରେ ଆୟୋଜିତ 'ବିକାଶର ଧାରା, ଓଡ଼ିଶା ସାରା' ସମାବେଶରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଯୋଗଦେବେ। ପ୍ରତିକୂଳ ପାଗ ପାଇଁ ଶୁକ୍ରବାର ରାଷ୍ଟ୍ରପତି କୋଲେଇକୁଣ୍ଡାରୁ ସଡ଼କ ପଥରେ ବାୟୁସେନାର ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ଖଡ଼ଗପୁର, ବହଳାଗୋଡା, ଝାରପୋଖରିଆ, ବାଙ୍ଗିରିପୋଷି, ଦୁଆରଶୁଣି ଘାଟି ଓ ବିଶୋଇ ହୋଇ ଦୀର୍ଘ ୧୩୫ କିମି ଗସ୍ତ କରି ରାଇରଙ୍ଗପୁର ହୋଲିଡେ ହୋମରେ ପହଞ୍ଚିଥିଲେ। ରାତିରେ ରାଇରଙ୍ଗପୁରସ୍ଥ ବାସଭବନରେ ରାତ୍ରୀଯାପନ କରିବେ।

### ଶାସନ ବ୍ୟବସ୍ଥାର...

କରୁଛି। ଏହି ପେନସନଭୋଗୀମାନେ ଆମ ସମାଜର ସବୁଠାରୁ ଅସହାୟ ବର୍ଗ ମଧ୍ୟରେ ଆସନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କ ଦୈନନ୍ଦିନ ଜୀବନଧାରଣ ପାଇଁ ସମ୍ପୂର୍ଣ୍ଣରୂପେ ଏହି ଭତ୍ତା ଉପରେ ନିର୍ଭରଶୀଳ। ଲଗାତାର ତିନି ମାସ ଧରି ଏହି ଜରୁରୀ ସହାୟତା ପ୍ରଦାନ ନ କରିବା ଯୋଗୁଁ ଆମର ଅସହାୟ ନାଗରିକମାନେ ଅତ୍ୟନ୍ତ ଦୁର୍ଦ୍ଦଶରାର ସମ୍ମୁଖୀନ ହେବା ସହ ଭୋକରେ ରହିବା ଭଳି ବିପଦର ସମ୍ମୁଖୀନ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ାର ସାବିତ୍ରୀ ଦୋରା ଭତ୍ତା ସୁବିଧାରୁ ବଞ୍ଚିତ ହେବା ପରେ ନିଜ ଜୀବନ ହରାଇଛନ୍ତି। ନିଜର ଦୁର୍ବଳ ନାଗରିକମାନଙ୍କୁ ସୁରକ୍ଷା ଦେବାକୁ ପ୍ରତିଶ୍ରୁତିବଦ୍ଧ ରାଜ୍ୟରେ ଏପରି ପରିସ୍ଥିତି ଗ୍ରହଣୀୟ ନୁହେଁ। ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଯେ ଏହି ଦୀର୍ଘକାଳୀନ ବିଳମ୍ବ ସଫ୍ଟୱେର୍-ସମ୍ବନ୍ଧୀୟ ସମସ୍ୟା ଯୋଗୁଁ ଘଟିଥିବା ଜଣାପଡିଛି। ଏହା ସରକାରଙ୍କ ଗମ୍ଭୀର ଅବହେଳା ଏବଂ ମୌଳିକ ଦାୟିତ୍ୱରୁ ବିଚ୍ୟୁତ ହେବା ନେଇ ଇଙ୍ଗିତ କରୁଛି। ଲୋକଙ୍କ ଅଧିକାରକୁ ବୈଷୟିକ ତ୍ରୁଟି ଉପରେ ଛାଡ଼ି ଦିଆଯାଇପାରିବ ନାହିଁ ବୋଲି ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଗତ ୨୪ ବର୍ଷ ଧରି ମୋ ସରକାର ପ୍ରତି ମାସ ୧୫ ତାରିଖରେ ନିୟମିତ ଭାବେ ଭତ୍ତା ବଣ୍ଟନ ନିଶ୍ଚିତ କରିଥିଲେ, ଯାହାକୁ ଜନ ସେବା ଦିବସ ଭାବେ ପାଳନ କରାଯାଉଥିଲା। ହିତାଧିକାରୀମାନେ ଗ୍ରାମ ପଞ୍ଚାୟତ ସ୍ତରରେ ସ୍ୱଚ୍ଛ ଏବଂ ମାନବୀୟ ଉପାୟରେ ସେମାନଙ୍କ ଭତ୍ତା ଟଙ୍କା ପାଉଥିଲେ। ଯେଉଁ ହିତାଧିକାରୀମାନେ ଏହି ଦିବସରେ ଉପସ୍ଥିତ ରହିପାରୁନଥିଲେ, ସେମାନଙ୍କ ଘରେ ଭତ୍ତା ରାଶି ଯେପରି ପହଞ୍ଚିପାରିବ, ତାହା ଅଧିକାରୀମାନେ ସୁନିଶ୍ଚିତ କରୁଥିଲେ। ଏହି ନାଗରିକ-କୈନ୍ଦ୍ରିକ ମଡେଲ୍ ବ୍ୟାପକ ପ୍ରଶଂସା ଅର୍ଜନ କରିଥିଲା, ଏପରିକି ସୁପ୍ରିମକୋର୍ଟଙ୍କ ଦ୍ୱାରା ମଧ୍ୟ ପ୍ରଶଂସିତ ହୋଇଥିଲା। ଆମେ ବ୍ୟାଙ୍କ-ଆଧାରିତ ପେନସନ୍ ବଣ୍ଟନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରିବା ପାଇଁ ପଡୁଥିବା ଚାପକୁ ପ୍ରତ୍ୟାଖ୍ୟାନ କରିଥିଲୁ, କାରଣ ଆମର ମଡେଲ୍ ସମୟାନୁବର୍ତ୍ତୀ ବଣ୍ଟନ, ବ୍ୟକ୍ତିଗତ ଉତ୍ତରଦାୟିତ୍ୱ ଏବଂ ହିତାଧିକାରୀଙ୍କ ସମ୍ମାନକୁ ସୁନିଶ୍ଚିତ କରୁଥିଲା ବୋଲି ନବୀନ ଉଲ୍ଲେଖ କରିଛନ୍ତି। ବର୍ତ୍ତମାନର ସଙ୍କଟ ସେହି ପଦ୍ଧତିର ଉପାଦେୟତାକୁ ପ୍ରମାଣିତ କରୁଛି। ତେଣୁ ତୁରନ୍ତ ମାନୁଆଲ୍ ବଣ୍ଟନ ପଦ୍ଧତିରେ ସମସ୍ତ ବକେୟା ପେନସନ୍ ପ୍ରଦାନ ସହ ଏପରି ପରିସ୍ଥିତି ଯେପରି ଆଉ କେବେ ନ ଘଟେ ତାହା ନିଶ୍ଚିତ କରନ୍ତୁ ବୋଲି ନବୀନ ଚିଠିରେ ଦାବି କରିଛନ୍ତି। ଏହି ବିଫଳତା ପାଇଁ ସରକାର ଉତ୍ତର ଦାୟିତ୍ୱ ନିର୍ଦ୍ଧାରଣ କରିବା ସହିତ ପେନସନଭୋଗୀଙ୍କ ଅଧିକାର ସହ ଭବିଷ୍ୟତରେ କୌଣସି ସାଲିସ କରାଯିବ ନାହିଁ ବୋଲି ସେମାନଙ୍କୁ ଆଶ୍ୱସନା ଦେବା ଉଚିତ୍ ବୋଲି ନବୀନ ପରାମର୍ଶ ଦେଇଛନ୍ତି।

### ଯନ୍ତ୍ରୀ ନା...

ରହିଛି। ଜୟପୁର ବାସଭବନରୁ ୫ଲକ୍ଷ ୪୮ ହଜାର ନଗଦ ଟଙ୍କା, ୯୪୦,୬୬ ଗ୍ରାମର ସୁନା ଅଳଙ୍କାର, ୨କିଲୋ ୪୯୩ ଗ୍ରାମର ରୂପା ସାମଗ୍ରୀ ଏବଂ ୬୦ ଲକ୍ଷ ୯୨ ହଜାର ୫୪୮ ଟଙ୍କାର ପୋଷ୍ଟାଲ ଜମା, ଅନ୍ୟାନ୍ୟ ଅର୍ଥ ଲଗାଣକାରୀ ସଂସ୍ଥାରେ ନିୟୋଜିତ ସ୍ଥାୟୀ ଜମାଟଙ୍କାର କାଗଜପତ୍ର, ବେନାମୀ ଭାବେ ଗୋଟିଏ ନାମୀଦାମୀ କାର ଓ ବାଇକ୍, ୫ ଲକ୍ଷ ୫୨ ହଜାର ଟଙ୍କାର ଘରୋଇ ବ୍ୟବହୃତ ସାମଗ୍ରୀ ଭିଜିଲାନ୍ସ ଚଢ଼ଉ ବେଳେ ଠାବ କରାଯାଇଛି। ଏଥିସହ ତାଙ୍କର କିଛି ସହଯୋଗୀଙ୍କ ନାମରେ ଜମି ଓ ଗାଡ଼ି ରହିଥିବା ନେଇ ଯାଞ୍ଚ କରୁଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚଢ଼ଉରେ ଭିଜିଲାନ୍ସ ବିଭାଗର ୭ଜଣ ଡିଏସ୍‌ପି, ୯ଜଣ ଇନ୍‌ସପେକ୍ଟର, ୧୧ ଜଣ ଏଏସ୍‌ଆଇଙ୍କ ସମେତ ବହୁ କର୍ମଚାରୀ ସାମିଲ ଥିଲେ। ଅଭିଯୁକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ସେଠୀଙ୍କୁ ଭିଜିଲାନ୍ସ ଅଟକ ରଖି ଅଧିକ ପଚରାଉଚରା ଜାରି ରହିଥିବା ଜୟପୁର ଭିଜିଲାନ୍ସ ଏସ୍‌ପି ଏସ. ସୁଶ୍ରୀ ସୂଚନା ଦେଇଛନ୍ତି। ଶ୍ରୀ ସେଠୀ ୧୯୯୮ ମସିହାରେ କୋଲାବ ଜଳସେଚନ ବିଭାଗରେ କନିଷ୍ଠ ଯନ୍ତ୍ରୀ ଭାବେ ମାତ୍ର ୭୧୦୦ ଟଙ୍କା ମାସିକ ଦରମାରେ ଯୋଗ ଦେଇଥିଲେ। ଏହାପରେ ନବରଙ୍ଗପୁର ଜିଲ୍ଲାର ଝରିଗାଁ ଏବଂ ଚନ୍ଦାହାଣ୍ଡି ବ୍ଲକକୁ ଡେପୁଟେସନରେ କନିଷ୍ଠ ଯନ୍ତ୍ରୀ ଏବଂ ଏହାପରେ ଜୟପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାକୁ କନିଷ୍ଠ ଯନ୍ତ୍ରୀ ଭାବେ ବଦଳି ହୋଇଥିଲା। ୨୦୧୫ ମସିହାରେ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ଦିଆଯାଇ କୋଟପାଡ଼ ବ୍ଲକରେ ନିଯୁକ୍ତି ଦିଆଯାଇଥିଲା ଏବଂ ବୋରିଗୁମ୍ମା ବ୍ଲକ ସହକାରୀ ଯନ୍ତ୍ରୀ ଭାବେ ବଦଳି ହୋଇଥିଲେ। ୨୦୨୫ ସେପ୍ଟେମ୍ବରରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇ ପୁଣି କୋଟପାଡ଼ ଆସିଥିଲେ।

### ବିଜେଡିକୁ ଫେରିଲେ...

ସମ୍ପାଦିକା ରଞ୍ଜିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନବୀନ କହିଛନ୍ତି, ବିଜେଡି ପ୍ରତି ଲୋକଙ୍କର ବିଶ୍ୱାସ ଅତୁଟ ରହିଛି। ବିଜୁ ଜନତା ଦଳ ଆହୁରି ମଜଭୁତ ହେଉଛି। ଲୋକଙ୍କ ସ୍ୱର ସାଜି ଦୃଢ଼ତାର ସହ ଆଗକୁ ବଢ଼ିବା ପାଇଁ ବିଜେଡିରେ ସାମିଲ ହୋଇଥିବା ବୁଗୁଡ଼ା ବ୍ଲକ ଅଧ୍ୟକ୍ଷ, ୪ଜଣ ସମିତିସଭ୍ୟ ସଦସ୍ୟ ଏବଂ କର୍ମୀମାନଙ୍କୁ ନବୀନ ଆହ୍ୱାନ ଦେଇଛନ୍ତି।

## ଖଣିଜ ପଦାର୍ଥ ଥିବା ଜମି ଉପରେ ଟିକସ ଏବଂ ସେସ୍ ଲାଗୁ ପ୍ରସଙ୍ଗ

# କାର୍ଯ୍ୟକାରୀ କରିନି ଓଡ଼ିଶା, ପ୍ରଚୁର ଆର୍ଥିକ କ୍ଷତି

ଭୁବନେଶ୍ୱର,୧୯।୬(ସିମସ): 'ଖଣିଜ ଦ୍ରବ୍ୟ ଉପରେ ରୟାଲ୍ଟି ଏକ ଟିକସ ନୁହେଁ' ଏବଂ ରାଜ୍ୟଗୁଡ଼ିକ ଖଣିଜ ପଦାର୍ଥ ଏବଂ ଖଣିଜ ପଦାର୍ଥ ଥିବା ଜମି ଉପରେ ଟିକସ ଏବଂ ସେସ୍ ଲଗାଇବାର ସାମ୍ବିଧାନିକ ଅଧିକାର ରଖିଛନ୍ତି। ୨୦୨୪ରେ ଆସିଥିବା ଏହି ଐତିହାସିକ ରାୟକୁ ପ୍ରାୟ ଦୁଇ ବର୍ଷ ବିତିଗଲାଣି। ଦୁର୍ଭାଗ୍ୟବଶତଃ, ଓଡ଼ିଶା ସରକାର ଏହାକୁ କାର୍ଯ୍ୟକାରୀ କରିନାହାଁନ୍ତି। ଝାଡ଼ଖଣ୍ଡ, କର୍ଣ୍ଣାଟକ ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟଗୁଡ଼ିକ ସେମାନଙ୍କର ଆର୍ଥିକ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ପଦକ୍ଷେପ ଆରମ୍ଭ କରିସାରିଛନ୍ତି, କିନ୍ତୁ ଓଡ଼ିଶା ଚୁପ୍ ରହିଛି। ଏହି ନିଷ୍କ୍ରିୟତା ରାଜ୍ୟକୁ ପ୍ରଚୁର ଆର୍ଥିକ କ୍ଷତି ପହଞ୍ଚାଉଛି। ଓଡ଼ିଶା ଭବିଷ୍ୟତର ଅତିରିକ୍ତ ରାଜସ୍ୱରେ ବାର୍ଷିକ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଏବଂ ପଶ୍ଚାତ୍ଵାଳୀନ ଦେୟରେ ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କା ପାଇବାକୁ ଯାଉଛି। ପ୍ରତିଦିନ ବିଳମ୍ବ ହେବା ଫଳରେ ଓଡ଼ିଶାର ଜନସାଧାରଣଙ୍କ ଅଧିକାରରେ ଥିବା ସମ୍ପଦ ନଷ୍ଟ ହେଉଛି ଏବଂ ଜନ କଲ୍ୟାଣ ଏବଂ ବିକାଶର ମୂଲ୍ୟରେ କର୍ପୋରେଟ୍ ହାଉସ୍ ଏବଂ ଖଣି ସିଣ୍ଡିକେଟ୍ ଗୁଡ଼ିକ ଲାଭବାନ ହେଉଛନ୍ତି। ଯଦି ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ରାୟ ଉପରେ ତୁରନ୍ତ କାର୍ଯ୍ୟ କରିଥାନ୍ତେ, ତେବେ ଏହି ଅତିରିକ୍ତ ରାଜସ୍ୱ ଯୁବକମାନଙ୍କୁ ବେକାରୀ ସହାୟତା, ମହିଳାମାନଙ୍କ ପାଇଁ କଲ୍ୟାଣକାରୀ ପଦକ୍ଷେପ, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷାକୁ ସୁଦୃଢ଼ କରିବା ଏବଂ ରାଜ୍ୟବ୍ୟାପୀ ସାର୍ବଜନୀନ ଭିତ୍ତିଭୂମିର ଉନ୍ନତି ପାଇଁ ବ୍ୟବହାର କରାଯାଇପାରିଥାନ୍ତା ବୋଲି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲେଖିଥିବା ଏକ ଚିଠିରେ କହିଛନ୍ତି।


## AFFIDAVIT

By virtue of an affidavit dtd-18/06/2026 sworn before The Notary Public, Bhubaneswar. I, **Sasmita Behera** (new name), W/o- Manoj Kumar Behera, resident of Flat No. 201, Good Will Residency, Block-B, Jail Road, Jharpada, PO: Budheswari, PS: Laxmisagar, Bhubaneswar-6, Dist- Khurda, Odisha declare that I have changed my name from **Susmita Behera** (old name) to **Sasmita Behera** (new name). Henceforth, I shall be known as **Sasmita Behera** (new name) for all purposes.

**Sasmita Behera**

## AFFIDAVIT

I, Chitta Ranajan Pradhan, aged about 45 years, S/o- Kumuda Chandra Pradhan, resident of At-Plot No. N/6-228, IRC Village, Jayadev Vihar, Nayapalli, Bhubaneswar, Dist- Khordha, Odisha, PIN-751015 declared by this affidavit No. 1271, dtd-19/06/2026 that now onwards I shall be known as **CHITTARANJAN PRADHAN** for all future purposes.

## AFFIDAVIT

By virtue of an affidavit (CF No.10, dtd- 19/06/2026) sworn before The Executive Magistrate, Bhubaneswar. I, **Yadham Ishwar Rao** (new name), S/o Y. Jaga Rao, permanent resident of QR-VA-19/1, Unit-2, Ashok Nagar, Bhubaneswar, Dist- Khordha, PIN-751009, Odisha declare that I have changed my name from **Y. Eswar Rao** (old name) to **Yadham Ishwar Rao** (new name). Henceforth, I shall be known as **Yadham Ishwar Rao** (new name) for all purposes.

**Yadham Ishwar Rao**

## AFFIDAVIT

By virtue of an affidavit (CF No. 97, dtd- 18/06/2026) sworn before The Executive Magistrate, Bhubaneswar. I, **Dharmananda Majhi** (applicant name), S/o Braja Kishor Majhi, resident of At/Po- Golapokhari, Ps- Fhategada, Dist- Nayagarh, Odisha, PIN-752063 declare that I have changed my minor daughter's name from **Stiti** (old name) to **Stitiprangya Majhi** (new name). Henceforth, she shall be known as **Stitiprangya Majhi** (new name) for all purposes.

**Dharmananda Majhi**

## NOTICE

By virtue of an affidavit sworn before Executive Magistrate, Kantamal, dated 24/04/2026 I, Suresh Karna, Address At-Khaliamunda, Po-Gudvelipadar, Ps-Manamunda, Dist- Boudh, Odisha,Pin - 762016 declare that I have changed the name of my son from Sundhp Karna to Sandeep Karna. Henceforth, he shall be known as **Sandeep Karna** for all purposes.

**Suresh Karna**

## AFFIDAVIT

By virtue of an affidavit vide no.55 dated 04.06.2026, I, Sri Manoj Kumar Pradhan, S/o- Pyarilal Pradhan, R/o- Vill.- Ghuchapali, Po.- Bhandarpuri, Ps.- Jharbandh, Dist.- Bargarh state that, my son's actual name and date of birth YASH PRADHAN, **DOB- 17.01.2015**. But in his Aadhar Card in his name has been wrongly mentioned as Yoshabant Pradhan. That, **Yash Pradhan** and **Yoshabant Pradhan** is one and same person.

## AFFIDAVIT

ମୁଁ ପାୟଲ ଦାସ, ବୟସ ୧୯ବର୍ଷ, ପିତା- ପ୍ରଦୀପ ଦାସ, ଗ୍ରାମ- ଗଜଗିରି, ପୋ- ବାଲିଗାଁ, ଥାନା- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ, ଏହିକି **PAN** କାର୍ଡ ଓ ଆଧାର କାର୍ଡରେ ମୋର ନାମ ପାୟଲ ଦାସ ଉଲ୍ଲେଖ ଥାଇ ସୁକନ୍ୟା ସମୃଦ୍ଧି ଯୋଜନା ସ୍କିମ ଖାତା ନଂ- **2630886** ରେ ମୋର ନାମ ପାୟଲ ଦାସ ପରିବର୍ତ୍ତେ ରତିରାଣି ଦାସ ବୋଲି ଉଲ୍ଲେଖ ଅଛି। ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଚାନ୍ଦବାଲିଙ୍କ ନିକଟରେ ଏଫିଡେଭିଟ୍ ନଂ- **1192**, ତା- **12/05/2026** ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ରରେ ପାୟଲ ଦାସ, ପିତା- ପ୍ରଦୀପ ଦାସ, ନାମରେ ପରିଚିତ ହେବି।

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, CF No. 42, dated: 09.06.2026, I, **Sanjukta Pattanayak** (new name), W/o- Maheswar Pattanayak, resident of At- Kalinga Basti, Badagada BRIT Colony, Ps- Badagada, Bhubaneswar, Dist- Khordha, Pin- 751018, Odisha, declare that I have changed my name from **Manjukta Pattnayak** (old name) to **Sanjukta Pattanayak** (new name). Henceforth, I shall be known as **Sanjukta Pattanayak** (new name) for all purposes.

**Sanjukta Pattanayak**

## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. eT-M-KUR-EnHM-DRM-328-26

**କାର୍ଯ୍ୟର ନାମ :** ତିନି ବର୍ଷ ଅବଧି ନିମନ୍ତେ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ ଭବନ ଏବଂ ଆନୁଷଙ୍ଗିକ କାର୍ଯ୍ୟାଳୟ ଭବନ ପରିସରର ଯନ୍ତ୍ରୀକୃତ ସଫେଇ ଏବଂ ପରିମଳ ବ୍ୟବସ୍ଥା (Sanitation) କରିବା।

**ବିଜ୍ଞାପିତ ମୂଲ୍ୟ :** ₹ 3,64,42,957.86, EMD : ₹ 3,32,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 11,800/-, ଶେଷ ହେବା ଅବଧି : 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.18.06.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.02.07.2026 ରିଖ 1530 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ସିନିୟର ଡିଭିଜନାଲ୍ ମେକାନିକାଲ୍ ଇଞ୍ଜିନିୟର / ଖୋର୍ଦ୍ଧା ରୋଡ୍

PR-252/R/26-27

## Notice (for Minor)

By virtue of an affidavit sworn before the Executive Magistrate, Rairakhol, dated 18.06.2026, I, Anjali Sahoo, Wife of Sasa Sahoo, At- Maulabhanja, P.O.- Luhapank, P.S.- Rairakhol, Dist.- Sambalpur, Odisha, Pin-768106, declare that I have changed the name of my son from Sesha Sahoo to Suman Sahoo. Henceforth he shall be known as **Suman Sahoo** for all purposes.

**Anjali Sahoo**

## AFFIDAVIT

I, Muskan Khatun D/o- SK Kasim, resident of Mirzapur, Po/Ps- Puranabazar, Dist- Bhadrak, Pin- 756100, Odisha declared by this affidavit No. 7249, dtd- 18/06/2026 that now I shall be known as **MUSKAN KHATUN** for all future purpose.

## OFFICE OF THE PRINCIPAL
## DADHIBAMAN HIGHER SECONDARY SCHOOL, TURUMUNGA

AT/PO-TURUMUNGA, DIST-KEONJHAR, PIN-758046

Ph: 9439512818, 7854867774, e-mail: dadhibamantmgs@gmail.com

Advt. No-01/26 Date-18.06.2026

### A Walk-in-interview for Engagement of Guest Faculties

A Walk-in-interview will be held for the post of Guest Faculties in subjects **Economics, English, Chemistry, Physics and Laboratory Attendant in Physics** on engagement basis. Candidates who have secured minimum 55% marks in PG for lecturer and 10th pass with PGDCA (for Lab. Attd.) must come with all original certificates (both original and Xerox) on **26.06.2026 at 10.00 A.M.**

**Contact No.- 9439512818, 7854867774**

Sd/- Principal
D.B. Higher Secondary School
Turumunga, Keonjhar

## OFFICE OF THE TAHASILDAR, GUNUPUR

File No : TAHGUNUPUR-DEB-0002/2026 No.2263, Dated:19.06.2026

### TENDER CALL NOTICE

Sealed Quotation/Tenders are invited from the interested reputed Agencies / Tours Operators of Private individuals for staging of Mina Bazar and join ride items except Mout Ka Kua at Mina Bazaar Rath Yatra for the year 2026. The sealed quotation should be submitted with the following documents i.e. registration certificate, Clerance of GST, Identity proof, PAN Card, Adhar Card along with Bid Security of **Rs 20,000/- (Twenty Thousand)** refundable in shape of Demand Draft in favour of **Tahasildar, Gunupur** and offset Bid price **Rs.20,00,000/- (Twenty Lakhs)** only. The tender must be delivered at the specified address as per the bedder data sheet by speed post/ Registered post only.

The Quotation completed in all respect should reach the undersigned on or before **02.07.2026 by 1.00 P.M** and shall be opened on the same day at **4.00 P.M** in the Chamber of **Tahasildar-Cum- Executive Officer, Endowment, Gunupur** in presence of the bidders or their authorized representatives. The successful bidder must submit / obtain a No Objection Certificate from **Municipality, Sub-Divisional Officer (Elect), GESD, TPSODL, Gunupur and Fire Officer, Gunupur** within **7 days** from the date of receipt of intimation from this office.

Any other details and particulars if required can be obtained from the office of the **Tahasildar, Gunupur.**

**Sd/- Tahasildar-Cum-Executive Officer**
**Endowment, Gunupur.**

## Office of CSO-cum-District Manager

7001/42/2627

**Odisha State Civil Supplies Corporation Ltd., Deogarh (District)**

Phone No. **9438200038**

District website: https://deogarh.odisha.gov.in

**Tender No. 1607, 1608, 1609, 1610, 1611 Dt. 18.06.2026**

District Manager, OSCSC Ltd., Deogarh invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of Transport for transportation of paddy from PPCs to Rice Mills & CMR from Mill to depot for the KMS 2025-26 |
| 2 | Availability of bid documents in the portal | From date 18.06.2026 at 5 P.M. |
| 3 | Last date / time for receipt of bids in the portal | On dt. 09.07.2026 at 5 P.M. |
| 4 | Date & time for opening of Technical Bid | On dt. 10.07.2026 at 11 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Deogarh (District) |

The Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website.

Amendments / Corrigendum / Cancellation / Re-tenders etc. if any shall be published only in above websites.

**CSO-cum-District Manager**
**OSCSC Ltd., Deogarh.**

OIPR-7001/7021/1/26-27/0002

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

13001/922/2627

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୧୨୬୩୨/ ଭୁ.ଉ.କ., ଭୁବନେଶ୍ୱର
GNB-B-55/81

### ସୂଚନା

ତା. ୦୯.୦୬.୨୦୨୬ରିଖ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଗୋଡ଼ା ଗୋପୀନାଥ ପ୍ରସାଦ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଗୋଡ଼ା ଗୋପୀନାଥ ପ୍ରସାଦ, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ" MB-41 କୁ ଶ୍ରୀ ବିଶ୍ୱନାଥ ସାହୁ, ପିତା-ସ୍ୱର୍ଗତ ମହେନ୍ଦ୍ରନାଥ ସାହୁ, ଗ୍ରାମ - ଚାଉଳିଆ ସାହି, ପୋ-ମୋତିଗଞ୍ଜ, ଥାନା- ବାଲେଶ୍ୱର, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଅଛି । ବର୍ତ୍ତମାନ ଆବଣ୍ଟନ ଗ୍ରାହୀ ଶ୍ରୀ ବିଶ୍ୱନାଥ ସାହୁ ଉକ୍ତ ଗୃହକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ମାନସୀ ସାହୁ, ସ୍ୱାମୀ-ଅଶୋକ କୁମାର ସାହୁ, ଗ୍ରାମ/ ପୋଷ୍ଟ- ଦୁର୍ଗାବଜାର, ୱାର୍ଡ ନଂ.-୫, ଢେଙ୍କାନାଳ, ଥାନା- ଢେଙ୍କାନାଳ, ଜିଲ୍ଲା- ଢେଙ୍କାନାଳ, ପିନ୍-୭୫୯୦୦୧ ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି ବା ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ ।

ସା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

OIPR-13001/13033/1/26-27/0062

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION-II, SUNDARGARH

25001/439/2627

Lt. No. **4389** / Dt. **18.06.26**

### 1st Corrigendum to Bid Identification No. Online-EERKL-10/2026-27

Due to some unavoidable circumstances in respect of the tender for Building Works invited in Tender Call Notice Bid Identification No. **Online-EERKL-10/2026-27** by the Executive Engineer, Rural Works Division-II, Sundargarh, the date of online bidding and opening of the date which was scheduled to be uploaded from **17.06.2026 to 25.06.2026** is hereby extended as follows.

| Availability of Tender online for bidding | | Last date & time of seeking tender clarification | Date & time of opening of tender (Technical Bid) |
|---|---|---|---|
| From | To | | Online-EERKL-10/2026-27 |
| 23.06.2026 at 11.00 A.M. | 03.07.2026 up to 5.00 P.M. | 02.07.2026 up to 5.00 P.M. | 06.07.2026 at 11.00 A.M. |

Executive Engineer
R.W. Division-II, Sundargarh

OIPR-25001/25193/1/26-27/0017

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER
## RENGALI RIGHT CANAL DIVISION NO. II, DHENKANAL, PIN-759001

32001/415/2627

Email ID – eerrrc2dkl@gmail.com

### INVITATION FOR BIDS

e-Procurement Notice No. SERRCD-II-01/2026-27 dated 17.06.2026

| | | |
|---|---|---|
| 1 | Name of the work | Civil work (building) |
| 2 | Tender Amount | Rs. 34.037 Lakhs |
| 3 | Class of contractor | C & B |
| 4 | Tender Paper Cost | Rs. 6000/- |
| 5 | E.M.D. Required | Rs. 34,100/- |
| 6 | Period of completion | Nine calendar months |
| 7 | Availability of Tender Online for bidding | 22.06.2026 at 10.00 hrs to 03.07.2026 up to 17.30 hrs |
| 8 | Date & time of opening of Tender | 04.07.2026 at 11.00 hrs |
| 9 | Name and address of the officer inviting Bid | Superintending Engineer, Rengali Right Canal Division No. II, Mahisapat, Dhenkanal |

Further details can be seen from the Govt. website www.tendersodisha.gov.in

All corrigendum/cancellation of tender, if any, will be uploaded in the above website.

Superintending Engineer
Rengali Right Canal Division No. II
Dhenkanal

OIPR-32001/32084/1/26-27/0001

## ଉପମୁଖ୍ୟମନ୍ତ୍ରୀଙ୍କ ଜଗତସିଂହପୁର ଗସ୍ତ

# ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦାନ

ଜଗତସିଂହପୁର,୧୯।୬(ସମିସ)




ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଦିନିକିଆ ଜଗତସିଂହପୁର ଗସ୍ତରେ ଆସି ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ବୈଠକରେ ଯୋଗ ଦେଇଛନ୍ତି। ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସିଂଦେଓ ଜଗତସିଂହପୁର ଜିଲ୍ଲାର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଆଲୋଚନା କରିବା ସହିତ ରାଜ୍ୟ ସରକାରଙ୍କ ୨ ବର୍ଷ କାର୍ଯ୍ୟକାଳ ମଧ୍ୟରେ ଜିଲ୍ଲାରେ ହୋଇଥିବା ବିକାଶ ଧାରା ବିଷୟରେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ସମୟରେ ହିଁ ଅନ୍‌ଲାଇନ୍ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଜିଲ୍ଲାପାଳଙ୍କୁ ଶ୍ରୀ ସିଂଦେଓ ପରାମର୍ଶ ଦେଇଥିଲେ। "ବିକାଶର ଧାରା, ଓଡ଼ିଶା ସାରା' ଅଭିମୁଖ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ସରକାରଙ୍କ ବିଭିନ୍ନ ଉଲ୍ଲେଖନୀୟ ତଥା ସଫଳ ଯୋଜନା ସଂପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲ୍ଲା ଯୋଜନା କମିଟିର ଅଧକ୍ଷ ବିଧାୟକ ଅମରେନ୍ଦ୍ର ଦାସ ରାଜ୍ୟ ସରକାର ବିଗତ ୨ ବର୍ଷରେ ଜିଲ୍ଲା ପାଇଁ କରିଥିବା ବିଭିନ୍ନ ପ୍ରକଳ୍ପ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ସେହିପରି ସାଂସଦ ବିଭୁପ୍ରସାଦ ତରାଇ ଏଥିରେ ଯୋଗଦେଇ କୃଷକ, ମହିଳା, ଯୁବ ଗୋଷ୍ଠୀଙ୍କ ଉନ୍ନତିରେ ରାଜ୍ୟ ଓ ଦେଶର ବିକାଶ ହେବ ବୋଲି କହିଥିଲେ। ଏଥିରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଏଥିରେ ଯୋଗଦେଇ କେବଳ ଯୋଜନା କରିଦେଇ ବସିଗଲେ ହେବନାହିଁ ବରଂ ସରାକରଙ୍କ ବିକାଶମୂଳକ ଯୋଜନା ପଛ ଧାଡ଼ିର ପ୍ରତ୍ୟେକ ବର୍ଗ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଚେଷ୍ଟା କରିବାର ଆବଶ୍ୟକତା ରହିଛି ଏବଂ ଆମେ ଏଥିପ୍ରତି ଚେଷ୍ଟିତ ହେବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲାପାଳ ଜେ.ସୋନାଲ ବିଗତ ୨ ବର୍ଷରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଜିଲ୍ଲା ପାଇଁ ବିଭିନ୍ନ ଯୋଜନା ସଂପର୍କରେ ମତ ଦେଇଥିଲେ। ଏହି ଅବସରରେ ଅଧକ୍ଷା ପୌର ପରିଷଦ ଜଗତସିଂହପୁର ଅର୍ଚ୍ଚନା ସିଂହ ଯୋଗଦେଇଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ଯୋଜନାର ହିତାଧୀକାରୀମାନଙ୍କୁ ସ୍ମାର୍ଟ ଫୋନ, ସହାୟତା ରାଶି, କାର୍ଯ୍ୟାଦେଶ, ଟ୍ରାଇ ସାଇକଲ ପ୍ରଦାନ କରାଯାଇଥିଲା। ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଜନସାଧାରଣ, ବୁଦ୍ଧିଜୀବୀ, ଜିଲ୍ଲାସ୍ତରୀୟ ଅଧିକାରୀ, ହିତାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ମୁଖ୍ୟ ଅତିଥି ଓ ଅନ୍ୟ ସମ୍ମାନିତ ଅତିଥିମାନେ ସଂସ୍କୃତି ଭବନ ସମ୍ମୁଖରେ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। ଏହି ପ୍ରଦର୍ଶନୀ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ।

## ନିଟ୍ ପରୀକ୍ଷାର୍ଥୀଙ୍କ ପାଇଁ ବସ୍ ସେବା


ଜଗତସିଂହପୁର,୧୯।୬(ସମିସ): ଆସନ୍ତା ୨୧ ତାରିଖରେ ହେଉଥିବା ନିଟ୍ ପରୀକ୍ଷା ପାଇଁ ଜଗତସିଂହପୁର ଜିଲ୍ଲାରେ ଚାଲୁଥିବା ସମସ୍ତ ବସ୍‌ରେ ଜଗତସିଂହପୁର ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପରୀକ୍ଷାର୍ଥୀଙ୍କୁ ମାଗଣା ସେବା ପ୍ରଦାନ ପାଇଁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷାର୍ଥୀଙ୍କ ସହ ଜଣେ ଅଭିଭାବକ ମାଗଣାରେ ବସ୍‌ରେ ଯିବା ଏବଂ ଆସିବା ବ୍ୟବସ୍ଥା କରାଯାଇଛି। ତତସହିତ ପ୍ରଶାସନ ତରଫରୁ ଜଗତସିଂହପୁର ବସଷ୍ଟାଣ୍ଡରୁ ସ୍ୱତନ୍ତ୍ର ବସ୍ ସେବା ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଜଗତସିଂହପୁର ଆଞ୍ଚଳିକ ପରିବହନ ଅଧିକାରୀ ଦୀପକ କୁମାର ସେଠୀ ସମସ୍ତ ବସ୍ ମାଲିକଙ୍କୁ ପତ୍ର ସଂଖ୍ୟା ୧୮୧୭ ଅନୁଯାୟୀ ଅବଗତ କରିବା ସହ ପରୀକ୍ଷାର୍ଥୀମାନେ ସରକାରଙ୍କ ମାଗଣା ବସ୍ ସେବାର ସୁବିଧା ନେବାକୁ ପରାମର୍ଶ ଦେଇଛନ୍ତି।

## ବାତ୍ୟା ଆଶ୍ରୟ ସ୍ଥଳରେ ମକ୍‌ଡ୍ରିଲ୍



ପାରାଦୀପ,୧୯।୬(ସମିସ): ପାରାଦୀପ ଗଡ଼ ଗ୍ରାମପଞ୍ଚାୟତର ନିମିଢ଼ି ଓ ପାରାଦୀପ ଗଡ଼ରେ ଥିବା ଦୁଇ ଗୋଟି ବହୁମୁଖି ବାତ୍ୟା ଆଶ୍ରୟ ସ୍ଥଳରେ ମକ୍‌ଡ୍ରିଲ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାତ୍ୟା, ବନ୍ୟା ଓ କୃତ୍ରିମ ବିଷାକ୍ତ ଗ୍ୟାସ୍ ବିପର୍ଯ୍ୟୟ ସମୟରେ କିପରି ଭବେ ପୀଡ଼ିତ/ପୀଡ଼ିତାମାନଙ୍କୁ ଆଶୁ ଚିକିତ୍ସା ପ୍ରଦାନ ଓ ସୁରକ୍ଷିତ ସ୍ଥାନ କିମ୍ବା ବାତ୍ୟା ଆଶ୍ରୟସ୍ଥଳକୁ ଅଣାଯାଇ ସେମାନଙ୍କୁ ସୁରକ୍ଷା ଓ ସମସ୍ତ ସୁବିଧା ପ୍ରଦାନ କରାଯାଇ ପାରିବ ସେ ସମ୍ପର୍କରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଶ୍ରଦ୍ଧା ଏନ୍‌ଜିଓର କର୍ମକର୍ତ୍ତା, ସିଏଚଓ, ଏଏନ୍‌ଏମ୍, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ପାରାଦୀପ ଗଡ଼ ବାତ୍ୟା ଆଶ୍ରୟସ୍ଥଳର ସମ୍ପାଦକ ସତ୍ୟନାରାୟଣ ମହାପାତ୍ର ଓ ନୀମିଢ଼ି ବାତ୍ୟା ଆଶ୍ରୟ ସ୍ଥଳର ସମ୍ପାଦକ ମନୋଜ ରାଉତ, ଜୟନ୍ତ ସେନାପତି, ପ୍ରଭାତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।

## ବଜ୍ରପାତରେ ବୃଦ୍ଧ ମୃତ



ବାଲିକୁଦା,୧୯।୬(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ବୋରିକିନା ପଞ୍ଚାୟତ ବରଗୁଡ଼ିପଡା ଗ୍ରାମର କରୁଣି ଦାସ (୬୩)ଙ୍କ ଆଜି ସକାଳେ ବଜ୍ରପାତରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଦିନ ପ୍ରାୟ ୧୦ଟା ସମୟରେ କରୁଣି ଓ ତାଙ୍କ ପତ୍ନୀ ଚାରୁଲତା ବାରି ପଛ ଜମିକୁ ଟ୍ରାକ୍ଟର ଜରିଆରେ ହଳ କରିଥିଲେ। ହଳ ସରିବା ପରେ ଉଭୟ ଧାନ ବିହନ ପକାଉଥିବା ବେଳେ ଅଚାନକ ବର୍ଷା ସହ ଘଡ଼ଘଡ଼ି ଆରମ୍ଭ ହୋଇଥିଲା। ଏହି ସମୟରେ ହୋଇଥିବା ବଜ୍ରପାତରେ ସେହି ଜମି ଉପରେ ହିଁ ଟଳି ପଡ଼ିଥିଲେ କରୁଣି। ହେଲେ ପତ୍ନୀ ସୁରକ୍ଷିତ ଥିଲେ। ଏହି ଘଟଣା ଘଟିବା ପରେ ବାଲିକୁଦା ମେଡିକାଲ ନେଇଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ଗ୍ରାମବାସୀଙ୍କ ସମେତ କୃଷକ ସଂଗଠନ ଦାବି କରିଛନ୍ତି।

### ▶▶ କୁଜଙ୍ଗ ପରିଦର୍ଶନ କଲେ ଅତିରିକ୍ତ ଜିଲ୍ଲାପାଳ

## ୧୪ ବିଏଲ୍‌ଓ, ୩ ବିଏଲ୍‌ଓ ସୁପରଭାଇଜର ସମ୍ବର୍ଦ୍ଧିତ




ପାରାଦୀପ,୧୯।୬(ସମିସ): ଜଗତସିଂହପୁରରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର ପ୍ରକ୍ରିୟା ଆରମ୍ଭ ହେବା ସହ ବୁଥସ୍ତରୀୟ ଅଧିକାରୀମାନେ ଘର ଘର ବୁଲି ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି। ଏହି କ୍ରମରେ ପାରାଦୀପ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ ନିରଞ୍ଜନ ବେହେରା ଆଜି ପାରାଦୀପ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁଜଙ୍ଗ ବ୍ଲକ ପରିଦର୍ଶନ କରି ଶହେ ପ୍ରତିଶତ ପରିଗଣନା ଫର୍ମ ବଣ୍ଟନ ଶେଷ ହୋଇଥିବା ଯୋଗୁଁ ୧୪ ଜଣ ବିଏଲଓ ଏବଂ ୩ ବିଏଲଓ ସୁପରଭାଇଜରଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ତହସିଲଦାର କୁଜଙ୍ଗ ସ୍ୱରୂପ ନନ୍ଦନ ବେହେରା ଉପସ୍ଥିତ ଥିଲେ। ଜୁନ୍ ୨୮ ଯାଏଁ ଏହି ପ୍ରକ୍ରିୟା ଚାଲିବ। ପୂରଣ ହୋଇଥିବା ପରିଗଣନା ଫର୍ମ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ ହେବ। ବିଏଲ୍‌ଓ ମାନେ ହେଲେ ବୁଥ ନମ୍ବର ୨୯ର ଶୁକଲତା ବେହେରା, ବୁଥ ନମ୍ବର ୨୬ର ରାଜଲକ୍ଷ୍ମୀ ସେନାପତି, ବୁଥ ନମ୍ବର ୪୦ର ଅନୁପମା ଦାସ, ବୁଥ ନମ୍ବର ୭୧ର ପାର୍ବତୀ ମହାନ୍ତି, ବୁଥ ନମ୍ବର ୨୨ର ମଞ୍ଜୁଲତା ସୁତାର, ବୁଥ ନମ୍ବର ୩୮ ର ରୀତାବାଳା ସ୍ୱାଇଁ, ବୁଥ ନମ୍ବର ୨୫ର ସଙ୍ଗୀତା ଶତପଥୀ, ବୁଥ ନମ୍ବର ୬୮ ର ରଶ୍ମୀ ନାୟକ, ବୁଥ ନମ୍ବର ୨୦ର କଳ୍ପନା ବେହେରା, ବୁଥ ନମ୍ବର ୨୧ର ଅନ୍ନପୂର୍ଣ୍ଣା ସେଠୀ, ବୁଥ ନମ୍ବର ୭୩ର ରୀନାରାଣୀ ଦାସ, ବୁଥ ନମ୍ବର ୧୧୫ର ଜ୍ୟୋତ୍ସ୍ନାବାଳା ମହାନ୍ତି, ବୁଥ ନମ୍ବର ୯୭ର ମନୋରମା ଦାସ, ବୁଥ ନମ୍ବର ୯୮ର ଇନ୍ଦୁବ୍ରଜ ଲେଙ୍କା। ବି ଏଲ ଓ ସୁପରଭାଇଜର ହେଲେ ସହଦେବ ଗୁରୁ, ସଚଳା ମହାନ୍ତି ଓ ଲୋକନାଥ ବେହେରା।

## ନଗର କଂଗ୍ରେସ ପାଳିଲା ରାହୁଲଙ୍କ ଜନ୍ମଦିନ

ପାରାଦୀପ,୧୯।୬(ସମିସ): ପାରାଦୀପ ନଗର କଂଗ୍ରେସ ପକ୍ଷରୁ ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ୫୬ତମ ଜନ୍ମ ଦିବସ ପାଳିତ ହୋଇ ଯାଇଛି। ସନ୍ଧ୍ୟାରେ ବଡ଼ପଡ଼ିଆ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବରେ ନଗର ସଭାପତି କେଦାର ବିଶ୍ୱାଳ କେକ୍ କାଟି ରାହୁଲ ଗାନ୍ଧୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଏହି ଉତ୍ସବରେ ସରୋଜ ପ୍ରଧାନ, ଚନ୍ଦ୍ରଶେଖର ମହାପାତ୍ର, ତ୍ରିନାଥ ମହାନ୍ତି, ବିଜୟ କୁମାର ସେଠୀ, କୃପାସିନ୍ଧୁ ଦାସ, ଜ୍ୟୋତି ରଞ୍ଜନ ଦାସ, ଜଗନ୍ନାଥ ଶତପଥୀ, କୈଳାସ ଚନ୍ଦ୍ର ବାରିକ, ସଞ୍ଜୟ କୁମାର ମୁଦୁଲି, ରମେଶ ପ୍ରଧାନ, ଶୁଭେନ୍ଦୁ ପରିଡ଼ା, ବିନତୀ ପଢ଼ିଆରୀ, ଧରିତ୍ରୀ ସାମଲ ,ପୁଷ୍ପା ଦାସ, ନଳିନୀ ରଣସିଂହ, ସସ୍ମିତା ମହାନ୍ତି, ସୁକାନ୍ତି ପରିଡ଼ା, ସୁଜାତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## 'ପ୍ରଶାସନିକ ସେବା ସଂଘର କାର୍ଯ୍ୟାବଳୀ ଓ ସଂପାଦନ' ପୁସ୍ତକ ଉନ୍ମୋଚିତ




ତିର୍ତ୍ତୋଲ,୧୯।୬(ସମିସ): ଓଡ଼ିଶା ପ୍ରଶାସନିକ ସେବା ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ଏକ ସମାରୋହରେ ପ୍ରାକ୍ତନ ଓଡ଼ିଶା ପ୍ରଶାସନିକ ସେବା ସଂଘର ସଭାପତି ତଥା ତିର୍ତ୍ତୋଲ ଅରିଲୋ ମାଟିର ପୁଅ କିଶୋର କୁମାର ମହାନ୍ତିଙ୍କ ଦ୍ୱାରା ସଙ୍କଳିତ 'ଓଡ଼ିଶା ପ୍ରଶାସନିକ ସେବା ସଂଘର କାର୍ଯ୍ୟାବଳୀ ଓ ସଂପାଦନ' ଶୀର୍ଷକ ଏକ ପୁସ୍ତକ ଅନୁଷ୍ଠାନର ପୂର୍ବତନ ସଭାପତି ନରେନ୍ଦ୍ର କୁମାର ମିଶ୍ରଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛ। ସଂଘର ବିଭିନ୍ନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା ଉଲ୍ଲେଖନୀୟ କାର୍ଯ୍ୟାବଳୀ ଓ ସଫଳତାର କାହାଣୀକୁ ଏକ ଐତିହାସିକ ତଥ୍ୟ ଭାବରେ ଏହି ପୁସ୍ତକ ମାଧ୍ୟମରେ ପରିପ୍ରକାଶ କରିଛନ୍ତି। ଏହି ଉନ୍ମୋଚନ ଉତ୍ସବରେ ପୂର୍ବତନ ସଭାପତି ଦିଲ୍ଲୀପ ମହାନ୍ତି, ରବିନାରାୟଣ ନନ୍ଦ, ନିର୍ମଳ ମିଶ୍ର, ସରୋଜ ସାମଲ ଏବଂ ବର୍ତ୍ତମାନର ସଭାପତି ଜ୍ୟୋତି ମିଶ୍ର, ସମ୍ପାଦକ ବିଜୟ ସ୍ୱାଇଁ ଉପସ୍ଥିତ ଥିଲେ। ରବି ନାରାୟଣ ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଲେଖକ ଶ୍ରୀ ମହାନ୍ତି ପୁସ୍ତକ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ ଅବସରପ୍ରାପ୍ତ ସଦସ୍ୟ ରଘୁନାଥ ମିଶ୍ର, ସୁରେଶ ମନ୍ତ୍ରୀ, ବିନୟ ପାତ୍ର, ସୁରେଶ ପଟ୍ଟନାୟକ, ଶ୍ରୀବତ୍ସ ସାମଲ ଓ ଶଶୀଭୂଷଣ ମିଶ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆୟୋଜିତ ଉତ୍ସବରେ ରବି ନାରାୟଣ ନନ୍ଦ ସଭା ପରିଚାଳନା କରିଥିଲା ବେଳେ ମନୋରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମିଟିଂ ରେ ଅଚେତ ହୋଇପଡ଼ିଲେ ବିଏଲ୍‌ଓ

ବିରିଡ଼ି,୧୯।୬(ସମିସ): ବିରିଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେ ବିଏଲ୍‌ଓ, ସୁପରଭାଇଜର ଓ ସମ୍ପୃକ୍ତ ଅଧିକାରୀମାନଙ୍କୁ ନେଇ ଏସ୍‌ଆଇଆର୍ ଅଗ୍ରଗତି ସମ୍ପର୍କିତ ଏକ ସମୀକ୍ଷା ବୈଠକ ବେଳେ ଅଘଟଣ ଘଟିଛି। ନୂଆଡ଼ଣା ଗ୍ରାମର ବିଏଲ୍‌ଓ ଥିବା ଅଙ୍ଗନବାଡ଼ି କର୍ମୀ ଚନ୍ଦ୍ରପ୍ରଭା ଓଝା ହଠାତ ଅସୁସ୍ଥ ହୋଇପଡ଼ିବା ସହ ସେଠାରେ ଚେତା ହରାଇ ବସିଥିଲେ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ତାଙ୍କୁ ସେଠାରୁ ତୁରନ୍ତ ଡାକ୍ତରଖାନାକୁ ନେବାକୁ କେହିହେଲେ ଜଣେ ଉଦ୍ୟମ କରିନଥିଲେ। କିଛି ସମୟ ପରେ ଖବର ପାଇ ସ୍ଥାନୀୟ ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ଲୋକନାଥ ସାହୁଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ଷ୍ଟ୍ରେଚର ଯୋଗେ ତୁରନ୍ତ ଡାକ୍ତରଖାନାକୁ ଆଣି ତାଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ। ସେ ପୂର୍ବରୁ ଅସୁସ୍ଥ ଥିଲେ କିମ୍ବା ଏସ୍‌ଆଇଆର୍ ଚାପ ଯୋଗୁଁ ଏପରି ଅସୁସ୍ଥ ହୋଇପଡ଼ିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସ୍‌ଆଇଆର୍ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରାଯିବ ଉପରେ ଆଜି ବିରିଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସମୀକ୍ଷା ବୈଠକ ହେଉଥିଲା। ଏଥିରେ ସମସ୍ତ ବିଏଲ୍‌ଓ, ସୁପର ଭାଇଜର, ସମ୍ପୃକ୍ତ ଅଧିକାରୀ ମାନନେ ଯୋଗଦେଇଥିଲେ।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁର୍ନୀତି

## ଅଭିଯୋଗ ଆଣିଲା ବିଜେଡି

କୁଜଙ୍ଗ,୧୯।୬(ସମିସ): ଆଜି କୁଜଙ୍ଗ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ କୋଟି ଦୁର୍ନୀତି ହୋଇଥିବା ଗୁରୁତର ଅଭିଯୋଗ ହୋଇଛି। ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ଦେବାରେ କୋଟିକୋଟି ଟଙ୍କାର କିକ୍‌ବ୍ୟାକ ହୋଇଥିବା ନେଇ ବିସ୍ଫୋରକ ଅଭିଯୋଗ କରାଯାଇଛି। ସେହିପରି ସିକ୍ୟୁରିଟି ଗାର୍ଡ ନିଯୁକ୍ତିରେ ମଧ ଲାଞ୍ଚ କାରବାର ହୋଇଥିବା ଅଭିଯୋଗ କରାଯାଇଛି। ଏଥି ସହିତ ବିଭିନ୍ନ କ୍ଷତ୍ରରେ ବ୍ୟାପକ ଅନିୟମିତତା ହୋଇଥିବା କୁଜଙ୍ଗ ବ୍ଲକ୍ ବିଜେଡି ସଭାପତି ମନିନ୍ଦ୍ର ଗୁରୁ ଅଭିଯୋଗ କରିବା ସହିତ ଏହାର ଭିଜିଲାନ୍ସ ବିଭାଗୀୟ ତଦନ୍ତ ଦାବି କରିଛନ୍ତି।

ପ୍ରକାଶ ଯେ, ଅଭିଯୋଗ ଅନୁଯାୟୀ ବାଙ୍ଗଲାଦେଶ, ଦୁବାଇ, ମୁମ୍ବାଇ, ଦିଲ୍ଲୀରେ ପିଲା ଜନ୍ମ ହୋଇଥିବା ବେଳେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ସେମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି ବୋଲି ଶ୍ରୀ ଗୁରୁ ପ୍ରାମାଣିକ କାଗଜ ପାଇଛନ୍ତି ବୋଲି କହିଛନ୍ତି। ଯେଉଁଥି ପାଇଁ ୫୦ ହଜାର ପର୍ଯ୍ୟନ୍ତ ଲାଞ୍ଚ କାରବାର ହୋଇଛି। ଏହିପରି ୭ ଶହରୁ ହଜାରେ ପର୍ଯ୍ୟନ୍ତ ଜନ୍ମମୃତ୍ୟୁ ପ୍ରମାଣପତ୍ର ଦିଆଯାଇଛି। ପ୍ରାୟ ବହୁ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କାରବାର ହୋଇଥିବା ବ୍ଲକ ବିଜେଡି ସଭାପତି ଅଭିଯୋଗ କରିବା ସହିତ ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ସେହିପରି ଭାବେ ମେଡିକାଲରେ ସିକ୍ୟୁରିଟି ଗାର୍ଡ ନିଯୁକ୍ତିରେ ୪୦ରୁ ୫୦ ହଜାର ପର୍ଯ୍ୟନ୍ତ ଅର୍ଥ କାରବାର ହୋଇଛି। ଆଶା କର୍ମୀ ନିଯୁକ୍ତିରେ, ସେମାନଙ୍କୁ ଅବସରକାଳିନ ଭତ୍ତା ପ୍ରଦାନରେ ଲାଞ୍ଚ କାରବାର ଅଭିଯୋଗ କରାଯାଇଛି। ଆଶା କର୍ମୀ ମାନଙ୍କ ପ୍ରଶିକ୍ଷଣରେ ମିଲ୍ସ ବ୍ୟବସ୍ଥା ରହିଥିଲେ ମଧ ସେମାନଙ୍କୁ ଟିଫିନ ଦେଇ ସନ୍ତୁଷ୍ଟ କରାଯାଉଛି। କୁଜଙ୍ଗ ଷଣ୍ଢପୁର ସ୍ଥିତ ବିଜେଡି ଜନସମ୍ପର୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କୋଠି ପଞ୍ଚାୟତ ସମିତିସଭ୍ୟ ପ୍ରତିନିଧି ସୁରେନ୍ଦ୍ର କୁମାର ତରାଇ, ବରିଷ୍ଠ ବିଜେଡି କର୍ମୀ ନୃସିଂହ ଚରଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଙ୍ଗିନ ଅଭିଯୋଗକୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଖଣ୍ଡନ କରାଯାଇଛି। ଅଭିଯୋଗ ସମ୍ପର୍କରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ଚେତନା ପୂରୋହିତ ଏହି ଅଭିଯୋଗକୁ ମିଥ୍ୟା ଏବଂ କପଳୋକଳ୍ପିତ ବୋଲି କହିଛନ୍ତି। ସେ ନିଜେ ଜନ୍ମମୃତ୍ୟ ପ୍ରମାଣ ପତ୍ରକୁ କଡ଼ାକଡ଼ି ଭାବେ ଯାଞ୍ଚ କରୁଛନ୍ତି। ଯାହା ହେଉଛି ନିୟମ ଆଧାରରେ ହେଉଛି। କେହି ଅନିୟମିତତା କରିବାକୁ ଚେଷ୍ଟାକରି ବିଫଳ ହୋଇଥିବାରୁ ଏହିପରି ମିଥ୍ୟା ଅଭିଯୋଗ କରିଥିବା କହିଛନ୍ତି। ସେହିପରି ଆଗତ ସମସ୍ତ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଉପରେ ପର୍ଯ୍ୟବେଶିତ ବୋଲି ଡାକ୍ତର ପୂରୋହିତ କହିଛନ୍ତି।



## ଆଜାଦ୍ ହିନ୍ଦ୍ କ୍ଲବ୍ ପକ୍ଷରୁ ଚାରାରୋପଣ

ବିରିଡ଼ି,୧୯।୬(ସମିସ): ସ୍ଥାନୀୟ ତଳଫାଟକ ଆଜାଦ୍ ହିନ୍ଦ୍ କ୍ଲବ୍ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିରିଡି ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳ, ସାମାଜିକ କର୍ମୀ ମାନସ ରଞ୍ଜନ ବେହେରା,

ସୁନାକର ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତୃପ୍ତିରଞ୍ଜନ ରାୟ ଓ ଜଗତସିଂହପୁର ଜିଲ୍ଲା ବିଜେଡି ଉପସଭାପତି ପବିତ୍ର ପଶାୟତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ନେତାଜୀ ପଡ଼ିଆରେ ଚାରାରୋପଣ କରିଥିଲେ। ଆୟୋଜକ କ୍ଲବ ପକ୍ଷରୁ ସମସୁଲ୍ ଜମା, ଇସ୍ତେୟାକ୍ ଆଲ୍ଲୀ ଖାନ୍, ଜହୁର୍ ଆଲ୍ଲୀ ଖାନ୍, ସଲାଉଦ୍ଦିନ୍ ବାବର୍, ତବରେଜ୍ ଆଲମ୍, ସରଫୁଦ୍ଦିନ୍ ବାବର୍, ଅଫଜଲ୍ ଆଲ୍ଲୀ ଖାନ୍, ଲୁନା ଭୋଇ, ନାଗର ସାହୁ, ସମୀର ଭୋଇ, ପ୍ରିନ୍ସ, ଓସାମା, ସୁଲତାନ୍, ଆହାଦ୍, ଜୁନେଦ୍ ପ୍ରମୁଖ ସହଯୋଗ କରିଥିଲେ।

## ବିର୍ତ୍ତୋଲରେ ବହୁମୁଖୀ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟିତ


ତିର୍ତ୍ତୋଲ,୧୯।୬(ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ବିର୍ତ୍ତୋଲ ପଞ୍ଚାୟତ ବିର୍ତ୍ତୋଲ୍ ଠାରେ ଏକ ବହୁମୁଥୀ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ପାରାଦୀପ ତୈଳ ବିଶୋଧନାଗାର ଭାରତୀୟ ତୈଳ ନିଗମ ସିଏସ୍‌ଆର ପାଣ୍ଠିରୁ ୩୦ ଲକ୍ଷ ଟଙ୍କା ଆର୍ଥିକ ଅନୁଦାନରେ ଏହି ବହୁମୁଖୀ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରାଯାଇଛି। ଏ ନେଇ ଆଜି ଅପରାହ୍ନରେ ଜିଲ୍ଲା ଭିଜିଲାନ୍ସ ମନିଟରିଂ କମିଟି ସଦସ୍ୟ ଦେବେନ୍ଦ୍ର କୁମାର ମଲ୍ଲିକ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି ଗୋଷ୍ଠୀ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସେ ଏହି ଗୋଷ୍ଠୀ କେନ୍ଦ୍ର ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ବିଭିନ୍ନ ସାମାଜିକ, ମାଙ୍ଗଳିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସଭା ସମିତି ଆଦି ଅନୁଷ୍ଠିତ ହେବାରେ ସହାୟକ ହେବ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଜିଲ୍ଲାପରିଷଦ ସଭାପତି ମନୋଜ କୁମାର ଭୋଇ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ତିର୍ତ୍ତୋଲ ଅତିରିକ୍ତ ତହସିଲଦାର କଳ୍ପନା ତପସ୍ୱିନୀ ନାୟକ, ସ୍ଥାନୀୟ ଜିଲ୍ଲାପରିଷଦ ସୁନୀଲ ବେହେରା, ସ୍ଥାନୀୟ ସରପଞ୍ଚ ରମାମଣୀ ଦାସ, ଗୋପାଳପୁର ସରପଞ୍ଚ ପ୍ରକାଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସମାଜସେବୀ ବିବେକାନନ୍ଦ ହୋତା ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାସ୍ତରୀୟ ଜୈବିକ କୃଷି ଏବଂ ପ୍ରାକୃତିକ କୃଷି କର୍ମଶାଳା




ଜଗତସିଂହପୁର,୧୯।୬(ସମିସ): ଜଗତସିଂହପୁର ଜିଲ୍ଲା କୃଷି ବିଭାଗ ତରଫରୁ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ ଜୈବିକ କୃଷି ଏବଂ ପ୍ରାକୃତିକ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଭୁଦତ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ମୁଖ୍ୟବକ୍ତା ଭାବେ ବୈଜ୍ଞାନିକ ପ୍ରଦୀପ୍ତ ମାଝୀ, ବୈଜ୍ଞାନିକ ଦେବାଶିଷ ପଣ୍ଡା, ମୁଖ୍ୟ ଜିଲ୍ଲା ପଶୁ ଚିକିତ୍ସକ, ସହାୟକ ନିର୍ଦ୍ଦେଶକ ଉଦ୍ୟାନକୃଷି ଅନିଲ୍ କୁମାର ସେଠୀ, ସହାୟକ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ଏବଂ ସହାୟକ ମତ୍ସ୍ୟ ଅଧିକାରୀ ତିର୍ତ୍ତୋଲ ପ୍ରମୁଖ ଯୋଗଦାନ କରି ଏଭଳି କର୍ମଶାଳା ଆୟୋଜନର ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ କୃଷି ଅଧିକାରୀ, ଜିଲ୍ଲା ସ୍ତରୀୟ କୃଷି ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଓ ସମସ୍ତ କ୍ଷେତ୍ର କର୍ମଚାରୀଙ୍କ ସହିତ ଜିଲ୍ଲାର ମୋଟ ୧୫୦ ଜଣ ଚାଷୀ ଯୋଗ ଦେଇଥିଲେ। ଏହି ଅବସରରେ ମୃର୍ତ୍ତିକା ପରୀକ୍ଷା ଓ ମୃର୍ତ୍ତିକା ସ୍ୱାସ୍ଥ୍ୟ କାର୍ଡର ବ୍ୟବହାର, ସମନ୍ୱିତ ଖାଦ୍ୟସାର ପରିଚାଳନା, ସବୁଜ ଖତ ଚାଷ, ପ୍ରାକୃତିକ କୃଷି, ଜୈବିକ ସାର ପରିଚାଳନା, ଏହି ବର୍ଷର ଖରିଫ ଋତୁର ଫସଲ ଏବଂ କ୍ଷେତ ବଚାଓ ଏବଂ କୃଷି ଆନୁସଙ୍ଗିକ ବିଭାଗ ଲର ସମସ୍ତ ଯୋଜନା ଉପରେ ଆଲୋକପାତ କରାଯାଇଥିଲା ।

## ଇଫ୍‌କୋ ଛକରୁ ଦିନ ଦ୍ୱିପ୍ରହରରେ ପାଣି ଚୋରି






ପାରାଦୀପ,୧୯।୬(ସମିସ): ପାରାଦୀପରେ ଏବେ ପାଣି ସଙ୍କଟ ଧୀରେ ଧୀରେ ଆରମ୍ଭ ହୋଇଗଲାଣି। ଏପରିକି ଟୋପେ ସ୍ୱଚ୍ଛ ପାନୀୟ ଜଳ ମିଳିବା ମୁସ୍କିଲ ହୋଇପଡିଛି। ତେବେ ଏହାର ବହୁ ପ୍ରମୁଖ କାରଣ ରହିଥିବା ବେଳେ ତାଳଦଣ୍ଡା କେନାଲରୁ ଦିନ ଦ୍ୱିପ୍ରହରରେ ବେଧଡ଼କ ପାଣି ଚୋରି ଏବେ ସାମ୍ନାକୁ ଆସିଛି। ଏହା ଆଜି ନୁହେଁ, ବର୍ଷ ବର୍ଷ ଧରି ଚାଲିଛି। ସମସ୍ତଙ୍କ ଆଖି ଆଗରେ ଚାଲିଛି। କିନ୍ତୁ କେହି ବି ଏହା ଉପରେ ନଜର ପକାଉ ନାହାନ୍ତି। ଗଣମାଧ୍ୟମରେ ମଧ ଏ ସମ୍ପର୍କରେ ବାରମ୍ବାର ଖବର ପ୍ରସାରଣ କରାଗଲାଣି, କିନ୍ତୁ ପ୍ରଶାସନର ଚେତା ପଶୁନି। ସମ୍ପୃକ୍ତ ମାଫିଆ ଗଣମାଧ୍ୟମ ରେ ଖବର ପ୍ରସାରଣ ପରେ ଗୋଟିଏ ସପ୍ତାହ ପାଣି ନେବା ବନ୍ଦ କରି ଦେଇଥାଏ। ପୁଣି ସପ୍ତାହ ପରେ ଯେଉଁ କଥାକୁ ସେହି କଥା। ଗୋଟେ ପଟେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଆଉଟୁପାଉଟୁ ହେଉଛି ସାରା ରାଜ୍ୟ। ଜଳାଭାବ ପାଇଁ ହାହାକାର ପରିସ୍ଥିତି। ଅନ୍ୟପଟେ କିନ୍ତୁ ଜଳ ସମ୍ପଦ ବିଭାଗ ଆଖିରେ ଧୂଳିଦେଇ ଦିନ ଦ୍ୱିପ୍ରହରରେ ଚାଲିଛି ଭୂତଳ ଜଳ ଚୋରି। ଏଭଳି ଏକ ସାଙ୍ଘାତିକ ଚିତ୍ର ସାମ୍ନାକୁ ଆସିଛି ବନ୍ଦର ନଗରୀ ପାରାଦୀପରୁ। ପାରାଦୀପ ଇଫ୍‌କୋ ଛକ ନିକଟସ୍ଥ ତାଳଦଣ୍ଡା କେନାଲରୁ ବେଆଇନ ଭାବେ ପାଣି ଶୋଷି ନେଉଛନ୍ତି ଜଳ ମାଫିଆ। ଖରା ଦିନେ ଭୂତଳ ଜଳସ୍ତର ହ୍ରାସ ପାଉଥିବା ବେଳେ ଏଠାରେ ବେଧଡ଼କ ଭାବେ ଟ୍ୟାଙ୍କର ଯୋଗେ ପାଣି ଚୋରି କରାଯାଉଛି। ଚୋରି କରୁଥିବା ଏହି ବଡ଼ ଗାଡ଼ି ଉପରେ ସ୍ପଷ୍ଟ ଭାବେ ଲେଖାଅଛି ବିପି କନଷ୍ଟ୍ରକ୍ସନ ଆଣ୍ଡ ଇଞ୍ଜିନିୟର୍ସ ପ୍ରାଇଭେଟ ଲିମିଟେଡ୍। କୌଣସି ନିୟମ କିମ୍ବା ଆଇନର ଭୟ ନାହିଁ, ଜଳ ମାଫିଆଙ୍କ ଦାଦାଗିରି ଏଭଳି ବଢିଛି ଯେ ସେମାନେ ଦିନ ଆଲୁଅରେ କେନାଲରୁ ଭୂତଳ ଜଳ ଶୋଷି ନେଉଛନ୍ତି। ଅଧିକାରୀଙ୍କ କହିବା କଥା- "ଏଭଳି ପାଣି ଉଠାଇବା ପାଇଁ କାହାକୁ ବି ଅନୁମତି ଦିଆଯାଇନାହିଁ।' ଏବେ ପ୍ରଶ୍ନ ଉଠୁଛି, ଯଦି ଅନୁମତି ନାହିଁ, ତେବେ କାହା ଛତ୍ରଛାୟାରେ ଏବଂ କେଉଁ ସାହସରେ ଏହି ବେଆଇନ କାର୍ଯ୍ୟ ଚାଲିଛି।

## ଜାତିଆଣ ଆକ୍ଷେପ, ସାମାଜିକ ବାସନ୍ଦ ଅଭିଯୋଗ



ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଜକା ଗ୍ରାମବାସୀ

ଢେଙ୍କାନାଳ,୧୯ ।୬(ସମିସ): ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା ଜକା ଗ୍ରାମରେ ଅନୁସୂଚିତ ଜାତିର ୭ ପରିବାରକୁ ଜାତିଆଣ ଆକ୍ଷେପ କରି ଅପମାନିତ କରାଯିବା ସହ ସାମାଜିକ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି । ଏ ନେଇ ଗ୍ରାମବାସୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଅନୁରୋଧ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ଗତ ଏପ୍ରିଲ ୨୮ ତାରିଖ ସନ୍ଧ୍ୟାରେ ଗ୍ରାମରେ ଅନୁଷ୍ଠିତ ଏକ ସଭାରେ କେତେକ ବ୍ୟକ୍ତି ଅନୁସୂଚିତ ଜାତିର ୭ ପରିବାର ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଜାତିଆଣ ଆକ୍ଷେପ କରି ଅପମାନଜନକ ମନ୍ତବ୍ୟ ଦେଇଥିଲେ । ଏଥିସହ ସେମାନଙ୍କୁ ସାମାଜିକ ବାସନ୍ଦ କରି ଗାଈ ଚରାଇବା, ଦୋକାନରୁ ସାମଗ୍ରୀ କ୍ରୟ, ମନ୍ଦିରକୁ ଯିବା ଏବଂ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେବାକୁ ବାରଣ କରାଯାଇଛି । ଏ ନେଇ ତୁମୁସିଙ୍ଗା ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରିଥିବା ବେଳେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ଏହାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବାକୁ ଗ୍ରାମର ଦଣ୍ଡଧର ନାଏକ, ଅମର ନାଏକ, ଅକ୍ଷୟ ନାଏକ ଓ ସୁବାସ ନାଏକ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଅନରୋଧ କରିଛନ୍ତି । ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଜିଲ୍ଲାପାଳ ପାଟିଲ କାମାକ୍ଷାନଗର ଉପଜିଲ୍ଲାପାଳଙ୍କୁ ତଦନ୍ତ ଦାୟିତ୍ୱ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

# ଦଳିତ ସାହିରେ ସବର୍ଣ୍ଣଙ୍କ ସଂଘବଦ୍ଧ ଆକ୍ରମଣ

ଢେଙ୍କାନାଳ,୧୯ ।୬(ସମିସ)



ଢେଙ୍କାନାଳ ଜିଲ୍ଲା ନିହଲପ୍ରସାଦ ଥାନା ମଞ୍ଜିରିପଡ଼ା ଗାଁରେ ଅନୁସୂଚିତ ଜାତି (ପାଣ) ସମ୍ପ୍ରଦାୟ ଉପରେ କେତେକ ସବର୍ଣ୍ଣ ସଙ୍ଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏହି ଆକ୍ରମଣରୁ ମହିଳା ଏବଂ ଶିଶୁ ବି ବାଦ୍ ପଡ଼ିନାହାନ୍ତି । ମହିଳା ଓ ନାବାଳିକାଙ୍କ ପ୍ରତି ଅସଦାଚରଣ ସହ ଘରେ ପଶି ଭଙ୍ଗାରୁଜା ଓ ଲୁଟପାଟ କରାଯାଇଥିବାର ଅଭିଯୋଗରେ ଦର୍ଶାଯାଇଛି । ଆକ୍ରମଣରେ ଜଣେ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଏପରିକି ଘର ବାହାରିଲେ ହତ୍ୟା କରିବାକୁ ଧମକ ମଧ୍ୟ ଦିଆଯାଇଥିବା ଅଭିଯୋଗ ହୋଇଛି ।

ଅଭିଯୋଗ ଅନୁଯାୟୀ, ଗତ ୧୭ ତାରିଖ ସନ୍ଧ୍ୟାରେ କିଛି ବ୍ୟକ୍ତି ସିପୁନ ମଲିକ ଓ ନିତ୍ୟାନନ୍ଦ ମଲିକଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଦେବା ସହ ହାଇକ୍ ଚଢ଼ାଇ ଆହତ କରିଥିଲେ । ଏ ନେଇ ଥାନାରେ ଅଭିଯୋଗ ଦାଖଲ ପରେ ମଧ୍ୟ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଅଭିଯୁକ୍ତମାନଙ୍କ ମନୋବଳ ବଢ଼ିଯାଇଛି । ପରଦିନ ୧୮ ତାରିଖ ଶତାଧିକ ଲୋକ ଖଣ୍ଡା, ଭୁଜାଲି, ଲୁହାରଡ୍, ବାଉଁଶ ବାଡ଼ି ଓ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ଦଳିତ ସାହିରେ ଆକ୍ରମଣ କରିଥିଲେ । ଆକ୍ରମଣରେ ପ୍ରକାଶ ମଲିକ, ସଂଗ୍ରାମ ମଲିକ, ପୁରେନ୍ଦ୍ର ମଲିକ, ଅମର ମଲିକ, ଜଗନ୍ନାଥ ମଲିକ, ତପନ କୁମାର ମଲିକ, ନରହରି ମଲିକଙ୍କ ସମେତ ବହୁ ଲୋକ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଆହତଙ୍କ ମଧ୍ୟରେ କେତେଜଣ ମହିଳା ଓ ଶିଶୁ ରହିଛନ୍ତି । ସେହିପରି ବୁଲି ମଲିକ, ପଦ୍ମାବତୀ ମଲିକ, ଲିପା ମଲିକ, ଟିକିଲି ମଲିକ,

- ବର୍ତ୍ତିଲେ ନାହିଁ ମହିଳା ଓ ଶିଶୁ
- ଜଣେ ଗୁରୁତର କଟକ ସ୍ଥାନାନ୍ତର
- ଘରୁ ବାହାରିଲେ ହତ୍ୟା ଧମକ

ଝରଣା ମଲିକଙ୍କ ସମେତ ଅନେକ ମହିଳା ଓ ଦୁଇ ନାବାଳିକାଙ୍କୁ ଅସଦାଚରଣ, ଅପମାନଜନକ ବ୍ୟବହାର କରାଯାଇଛି । ଅଭିଯୁକ୍ତମାନେ ଘରେ ପଶି ଭଙ୍ଗାରୁଜା କରିବା ସହ ଦୁଇଟି ବାଇକ୍ ଭାଙ୍ଗି ଦେଇଛନ୍ତି । ଗ୍ରାଇଣ୍ଡର ଓ ସୁନା ଚେନ ନେଇଯାଇଛନ୍ତି । ଘରୁ ବାହାରିଲେ ହାଣିଦେବୁ ବୋଲି ଧମକ ଦିଆଯାଇଛି । ଦୁର୍ବୃତ୍ତମାନେ ବର୍ତ୍ତମାନ ଦଳିତ ସାହି ଚାରିପାଖରେ ବାଇକ୍ ଧରି ଘୂରି ବଲୁଛନ୍ତି । ତେଣୁ ଲୋକମାନେ ଭୟରେ ଘରୁ ବାହାରି ପାରୁନାହାନ୍ତି । ଗାଁରେ ତୁରନ୍ତ ପୁଲିସ ସୁରକ୍ଷା ଦିଆ ନ ଗଲେ ଯେକୌଣସି ସମୟରେ ସାହିକୁ ଜାଳିଦେବା କିମ୍ବା ପୁନର୍ବାର ବଡ଼ ଆକ୍ରମଣ ହେବା ଆଶଙ୍କା ରହିଛି ।

ଏପଟେ ଘଟଣାକୁ ନେଇ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ମହାସଂଘ ଅଧ୍ୟକ୍ଷ ମନୋରଞ୍ଜନ ଜେନା, ଆମ୍ବେଦକର ସେବକ ସଂଘ ରାଜ୍ୟ ମହିଳା ସଭାନେତ୍ରୀ ସୁପ୍ରଭା ମଲ୍ଲିକ, ଦଳିତ ଅଧିକାର ମଞ୍ଚ ସଭାପତି ସୁଶାନ୍ତ ମଲ୍ଲିକ, ସମାଜସେବୀ ଚନ୍ଦନ କାତ୍ର ଏବଂ ସମିତି ସଭାପତି ଅଭିମନ୍ୟୁ ମଲ୍ଲିକ ଏହି ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କରିଛନ୍ତି । ପୂର୍ବରୁ ନିହଲପ୍ରସାଦ ଥାନାରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ଅନେକ ଅଭିଯୁକ୍ତ ଏପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି । ନୂତନ ଏତଲାକୁ ତୁରନ୍ତ ପଞ୍ଜୀକରଣ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା, ଏସସି-ଏସଟି ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା, ପୀଡ଼ିତ ପରିବାରଙ୍କୁ ସୁରକ୍ଷା ଓ କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଛନ୍ତି । ତୁରନ୍ତ ପଦକ୍ଷେପ ନିଆ ନ ଗଲେ ରାଜ୍ୟବ୍ୟାପୀ ଆନ୍ଦୋଳନ, ଏସ୍‌ପି କାର୍ଯ୍ୟାଳୟ ଘେରାଉ ଏବଂ ବିଭିନ୍ନ ଗଣତାନ୍ତ୍ରିକ ପ୍ରତିବାଦ ଆରମ୍ଭ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି । ଏନେଇ ସବର୍ଣ୍ଣ ସମ୍ପ୍ରଦାୟ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ ।

## ବିବାହ ବେଦିକୁ ଆଗମନ କଲେ ବାବା ସ୍ୱପ୍ନେଶ୍ୱର

ଗଁଦିଆ,୧୯ ।୬(ସମିସ): ଗଁଦିଆ ବ୍ଲକ ବଣିଆପଡ଼ାସ୍ଥିତ ବାବା ସ୍ୱପ୍ନେଶ୍ୱର ମନ୍ଦିରରେ ଶୀତଳଷଷ୍ଠୀ ଅବସରରେ ବାବାଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି । ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱରଜୀଉ ଆଞ୍ଚଳିକ ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଭକ୍ତ ସାମିଲ ହୋଇଥିଲେ । ଗୁରୁବାର ଅପରାହ୍ନରେ ମନ୍ଦିରରୁ ବ୍ରାହ୍ମଣଙ୍କ ଦ୍ୱାରା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା



କରାଯାଇ ସୁସଜିତ ପାଲିଙ୍କିରେ ଠାକୁରଙ୍କୁ ରଖାଯାଇଥିଲା । ପ୍ରଥମେ ବଣିଆପଡ଼ା ଗ୍ରାମ ପରିକ୍ରମା କରାଯିବା ପରେ ଗଁଦିଆ ଗ୍ରାମ ପରିକ୍ରମା କରି ପାଟଣା ଗ୍ରାମରେ ଥିବା ଗିରିଧାରୀ ଆଶ୍ରମକୁ ଅଣାଯାଇଥିଲା । ସେଠାରେ ସ୍ୱପ୍ନେଶ୍ୱର ଓ ମା' ପାର୍ବତୀଙ୍କର ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବରପିତା ଅଜିତ କୁମାର ରାଉତ ଓ ତାଙ୍କ ପତ୍ନୀ ସୌଜ୍ୟାରାଣୀ ରାଉତ, କନ୍ୟାପିତା ଅମ୍ବୁଜ କୁମାର ସାହୁ ଓ ତାଙ୍କ ପତ୍ନୀ ମମତା ସାହୁ ଦାୟିତ୍ୱ ତୁଲାଉଛନ୍ତି ।

## ଦୌଡ଼େଶ୍ୱର ମହାଦେବଙ୍କ ବିବାହ ଉତ୍ସବ

ଗଁଦିଆ,୧୯ ।୬(ସମିସ): ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ କରମୂଳ ଗ୍ରାମ ପଞ୍ଚାୟତ ଅଧୀନ ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ପ୍ରାଚୀନ ଦୌଡେଶ୍ୱର ଶୈବ କ୍ଷେତ୍ରରେ ୧୯ତମ ଶିବ ପାର୍ବତୀ ବିବାହ ମହୋତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଓଁକାର ବାବା ଭକ୍ତ କମିଟିର ସମସ୍ତ ସଦସ୍ୟ ମାନଙ୍କ ସହଯୋଗରେ ଶିବ ଓ ପାର୍ବତୀଙ୍କ ପିତାଙ୍କ ପ୍ରତିନିଧି ସ୍ୱରୂପ ଆଦୈତ ଚରଣ ନାୟକ ଓ ଅଶ୍ୱିନୀ ମହାପାତ୍ର କାର୍ଯ୍ୟ ଭାର ଗ୍ରହଣ କରି କନ୍ୟା ଦାନ କରୁଥିଲେ । ପଣ୍ଡିତ ଅର୍ଜୁନ କୁମାର ପଣ୍ଡା, ପଣ୍ଡିତ ଶ୍ରୀକାନ୍ତ କୁମାର ପଣ୍ଡା ଓ ପୂଜକ ଅଜୟ କୁମାର ପାଣିଗ୍ରାହୀ ମନ୍ତ୍ର ପାଠ ସହିତ ବିବାହ କାର୍ଯ୍ୟ ସମ୍ପନ୍ନ କରୁଥିଲେ । ପ୍ରାୟ ୬୦୦ଭକ୍ତ ପ୍ରାସାଦ ସେବନ କରୁଥିଲେ । ଗୁରୁ ମହାରାଜ ରମେଶ ଚନ୍ଦ୍ରଙ୍କ ତତ୍ତ୍ୱାବଧାନରେ ଶୋଭାଯାତ୍ରା ବାହାରି ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା । ଦୌଡେଶ୍ୱର ପରିଚାଳନା କମିଟିର ସଦସ୍ୟା ଅନ୍ତର୍ଯ୍ୟାମୀ ମଲ୍ଲିକ ପୂର୍ଣ୍ଣ ସହଯୋଗ କରିଥିଲେ ।

## ଶୈବପୀଠ କପିଳାସରେ ଶୀତଳଷଷ୍ଠୀ

ଗଁଦିଆ,୧୯ ।୬(ସମିସ): ପ୍ରସିଦ୍ଧ ଶୈବପୀଠ କପିଳାସରେ ମହାପ୍ରଭୁ ଶ୍ରୀ ଚନ୍ଦ୍ରଶେଖରଙ୍କ ବିବାହ ଉତ୍ସବ ଓ ଶୀଳତଷଷ୍ଠୀ ପାଳିତ ହୋଇଛି । ବିଧି ଅନୁଯାୟୀ ପ୍ରଭୁ ଚନ୍ଦ୍ରଶେଖର ଓ ମା' ପାର୍ବତୀଙ୍କ ଦିଅଁମଙ୍ଗୁଳା ହୋଇଥିଲା । ପରେ ସେମାନଙ୍କୁ ଦେଓଗାଁ ବଳଦେବଜୀଉଙ୍କ ମନ୍ଦିରକୁ ନିଆଯାଇଥିଲା । ସେଠାରେ ଠାକୁରଙ୍କ ବଡ଼ସିଂହାର ବେଶ ସହିତ ରାତି ଧୂପ ଅନୁଷ୍ଠି ଷ୍ଠିତ ହୋଇଥିଲା । ଗୁରୁବାର ସକାଳେ ମଙ୍ଗଳଆଳତି, ବଲ୍ଲଭ, ଖେଚୁଡି ଭୋଗ ଭୋଗ ଓ ଦି ପହରେ ମଧ୍ୟାହ୍ନ ଭୋଗ ହୋଇ ହାଇଥିଲା । ଅପରାହ୍ନ ୫ଟା ଠାକୁରଙ୍କୁ ବରବେଶରେ ସଜ୍ଜିତ କରାଯା



ରାଯାଇଥିଲା । ଏହାପରେ ବର ଯାତ୍ରୀଙ୍କ ଗହଣରେ ଠାକୁର ବିରାଟ ଶୋଭାଯାତ୍ରାରେ ସ୍ଥାନୀୟ ଅଞ୍ଚଳରେ ବୁଲି ମନ୍ଦିରକୁ ଆସିଥିଲେ । ମା' ପାର୍ବତୀଙ୍କ ସହ ବିଧିବିଧାନ ଅନୁଯାୟୀ ବିବାହ ସମ୍ପନ୍ନ ହୋଇଥିଲା । ପୁରୋଧା ଗଡେଶ୍ୱର ମିଶ୍ର ବିବାହ କରାଇଥିଲେ । ବରପିତା ରମେଶ ପତି ଓ ଗୁରୁ ଚରଣ ମହାପାତ୍ର କନ୍ୟାପିତା ଭାବେ ଏଥିରେ ଦାୟିତ୍ୱ ତୁଲାଇଥିଲେ । ଦେଓଗାଁ ଠାରେ ବିଜେ ପ୍ରତିମା ଚତୁର୍ଥୀ, ଅଷ୍ଟମଙ୍ଗୁଳି ନୀତି ସମ୍ପର୍ନ୍ନହେବାପରେ ହାର ପାର୍ବତୀ କପିଳାସ ପୀଠକୁ ପ୍ରତ୍ୟାବର୍ତନ କାର୍ଯ୍ୟକ୍ରମ ରହିଛି । ଦେବୋତର ନିର୍ବାହୀ ଅଧିକାରୀ ତଥା ଉପ ଜିଲ୍ଲାପାଳ ପଦ୍ମଚରଣ ସାହୁ, ଦେବୋତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ଓ ବସନ୍ତ ରଥ, ଜମାଦାର ଗୋପନାଥ ପଣ୍ଡା ଓ କର୍ମଚାରୀ ମାନେ ନୀତିକାନ୍ତି ତଦାରଖ କରୁଥିବାବେଳ ସେବାସୀ ମହାସଂଘର କର୍ମକର୍ତା ପରିଚାଳନାରେ ସହଯୋଗ କରିଥିଲେ ।

## ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ

ଢେଙ୍କାନାଳ,୧୯ ।୬(ସମିସ): ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ସମ୍ମିଳନୀ ହଲ୍‌ରେ ସମ୍ଭାବ୍ୟ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ରାଜ୍ୟ ପର୍ଯ୍ୟବେକ୍ଷକ ପ୍ରାଚୀ ପ୍ରତ୍ୟୁଷ ରାଉତ ଯୋଗଦେଇ ଜିଲ୍ଲାରେ ବନ୍ୟାବାତ୍ୟା ଭଳି ପରିସ୍ଥିତି ମୁକାବିଲା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହୋଇଥିଲେ । ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ସମନ୍ୱୟ ରକ୍ଷାକରି ସର୍ବଦା ସତର୍କ ଓ ପ୍ରସ୍ତୁତ ରହି ତତ୍କାଳ ସହାୟତା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ । ବୈଠକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବନ୍ୟା ଆଶଙ୍କା ଥିବା ଅଞ୍ଚଳ ଓ ବହୁମୁଖୀ ଆଶ୍ରୟସ୍ଥଳରେ ଅତ୍ୟାବଶ୍ୟକ ଔଷଧ, ସାପ କାମୁଡ଼ା ଇଞ୍ଜେକ୍ସନ, ମୋବାଇଲ ସ୍ୱାସ୍ଥ୍ୟ ସେବା ସୁବିଧା ଓ ମେଡ଼ିକାଲ ରିଲିଫ୍ ସେଣ୍ଟରର କାର୍ଯ୍ୟକାରିତା, ଶିଶୁ, ଗର୍ଭବତୀ ମହିଳା, ବୃଦ୍ଧବୃଦ୍ଧା ଓ ଶାରିରୀକ ବିକଳାଙ୍ଗଙ୍କ ପାଇଁ ଆବଶ୍ୟକ ସେବା, ଆବଶ୍ୟକ ସ୍ଥଳେ ଲୋକଙ୍କୁ ସ୍ଥାନାନ୍ତର କରାଇବା, ସେମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ନିୟମିତ ପାନୀୟ ଜଳ ଯୋଗାଣ, ଆବଶ୍ୟକ ସ୍ଥଳେ




ଟ୍ୟାଙ୍କର ଓ ସିନ୍‌ଟେକ୍ସ ଦ୍ୱାରା ପାଣି ଯୋଗାଣ, ଲୋକଙ୍କୁ ଆବଶ୍ୟକ ପଲିଥିନ ଯୋଗାଣ, ସ୍ଥାନୀୟ ସ୍ୱେଚ୍ଛା ସେବୀଙ୍କ ଦ୍ୱାରା ଲୋକଙ୍କୁ ସଚେତନ କରିବା ଓ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବା, ଅଗ୍ନିଶମ ଏବଂ ଓଡ୍ରାଫ ଦ୍ୱାରା ରାସ୍ତା ଅବରୋଧକୁ ହଟାଇବା, ତଳ ସ୍ତର ପର୍ଯ୍ୟନ୍ତ ବର୍ଷା, ବାତ୍ୟାର ପୂର୍ବ ସୂଚନା ପହଞ୍ଚାଇ ସମସ୍ତଙ୍କୁ ସତର୍କ ରହିବାକୁ ପରାମର୍ଶ ଦେବା, ଶୁଖିଲାଖାଦ୍ୟ, ପେଟ୍ରୋଲିୟମ ପଦାର୍ଥ ମହଜୁଦ୍ ରଖାଯିବା, ଗୃହ ପାଳିତ ପଶୁ ପକ୍ଷୀଙ୍କ ପାଇଁ ଔଷଧାଦିର ବ୍ୟବସ୍ଥା, ବିଦ୍ୟୁତ୍ ସରବରାହକୁ ଯଥା ଶୀଘ୍ର ନିୟମିତ କରିବା, ପୁଲିସ ପ୍ରଶାସନର ଭୂମିକା ଆଦି ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ସମ୍ପୃକ୍ତ ବିଭାଗ ସମନ୍ୱୟ ରକ୍ଷା କରି ପ୍ରସ୍ତୁତ ରହିବା ଦ୍ୱାରା ଆମର ଧନ ଜୀବନ କ୍ଷତିକୁ ରୋକା ଯାଇ ପାରିବ ବୋଲି ଆପାତକାଳୀନ ଅଧିକାରୀ ସୁଦୀପ୍ତ କୁମାର ସାହୁ ପ୍ରକାଶ କରିଛନ୍ତି । ତେବେ ଶୁକ୍ରବାର ଦିନ ବିଭିନ୍ନ ବହୁମୁଖୀ ଆଶ୍ରୟ ସ୍ଥଳରେ ଉଦ୍ଧାର କାର୍ଯ୍ୟର ପ୍ରସ୍ତୁତିର ମକ୍ ଡ୍ରିଲ ଆୟୋଜନ ହେବ ବୋଲି ସେ ସୂଚନା ଦେଇଛନ୍ତି । ଏହି ବୈଠକରେ ଡେପୁଟୀ କଲେକ୍ଟର ପ୍ରିସିୟସ୍ ପ୍ରଧାନ, ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ଡ଼ିପିଓ ସଚିଦାନନ୍ଦ ପତି ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ ।

- ବୋମା ଭିଡୁଥିବାବେଳେ ବିସ୍ଫୋରଣ

## ଯୁବକଙ୍କ ଦୁଇ ପାପୁଲି ଛିଣ୍ଡିଗଲା

ପରଜଙ୍ଗ,୧୯ ।୬(ସମିସ): ପରଜଙ୍ଗ ଥାନା କନ୍ଦରସିଂହା ଗ୍ରାମରେ ବୋମା ଭିଡୁଥିବା ବେଳେ ବିସ୍ଫୋରଣ ଘଟି ଜଣେ ଯୁବକଙ୍କ ଦୁଇ ହାତର ପାପୁଲି ଛିଣ୍ଡିଯାଇଛି । ନିକଟରେ ଥିବା ଅନ୍ୟ ଦୁଇ ଜଣ ମଧ୍ୟ ଏହି ବିସ୍ଫୋରଣରେ ଆହତ ହୋଇଛନ୍ତି । ଗଣ୍ଡତୈଲା ଅନୁସୁଚିତ ସାହିର ବୀରେନ୍ଦ୍ର ନାଏକ ଓ ଦୁଇ ସହଯୋଗୀ କନ୍ଦରସିଂହା ଗ୍ରାମରେ ବୋମା ଭିଡୁଥିବା ବେଳେ ହଠାତ୍ ବିସ୍ଫୋରଣ ଘଟିଥିଲା । ବୀରେନ୍ଦ୍ରଙ୍କ ଦୁଇଟିଯାକ ହାତ ପାପୁଲି ଛିଣ୍ଡିଯିବାରୁ ତାଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି । ସେହିପରି ତାଙ୍କର ଦୁଇ ସହଯୋଗୀ ଭୟରେ ଚିକିତ୍ସାଳୟ ଆସିବା ପରିବର୍ତ୍ତେ କେଉଁଆଡ଼େ ଚାଲିଯାଇଥିବା ଜଣାପଡ଼ିଛି । ବନ୍ୟଜନ୍ତୁ ଶିକାର ପାଇଁ ବୋମା ଭିଡୁଥିବା ଅନୁମାନ କରାଯାଉଛି । ଡିହଡୋଳସେକ୍ସନବନପାଳତଦନ୍ତଜାରିରଖିଛନ୍ତି ।

## ହିନ୍ଦୋଳରେ ସରକାରଙ୍କ ବିକାଶର ଧାରା ସଚେତନତା

ଖଜୁରିଆକଟା,୧୯ ।୬(ସମିସ): ହିନ୍ଦୋଳ ବ୍ଲକ ପରିସରରେ ରାଜ୍ୟ ସରକାରଙ୍କ ବିକାଶର ଧାରା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ହିନ୍ଦୋଳ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ କଲ୍ୟାଣସୌରଭ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେପି ସରକାରଙ୍କ ବିକାଶମୂଳକ ଦୁଇବର୍ଷର କାର୍ଯ୍ୟକ୍ରମ ବର୍ଣ୍ଣନା କରିଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରି ହେଉଥିବା ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକମାନଙ୍କୁ ବିଧାୟିକା, ବିଡ଼ିଓ ଅବଗତ କରାଇଥିଲେ । କିଛି ହିତାଧିକାରୀଙ୍କୁ ଅନ୍ନପୂର୍ଣ୍ଣା,



ବାର୍ଦ୍ଧକ୍ୟଭତା, ଅଙ୍ଗନବାଡି କର୍ମୀଙ୍କୁ ମୋବାଇଲ ଫୋନ ଇତ୍ୟାଦି ବଣ୍ଟନ କରାଯାଇଥିଲା ଅତିଥିମାନଙ୍କ ଦ୍ୱାରା । କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ, ଏବିଡ଼ିଓ, ସରପଞ୍ଚ, ସମିତିସଭ୍ୟ, ମିଶନଶକ୍ତି ମହିଳା, ଅଙ୍ଗନବାଡି କର୍ମୀ ଆଶାକର୍ମୀ ମାନେ ଯୋଗ ଦେଇଥିଲେ । ତେବେ ଏହି ବିକାଶଧାରା ସଚେତନତା କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷାଙ୍କୁ ଗୁରୁତ୍ୱ ନଦେବାରୁ ଯୋଗନଦେବା, ବିନା ପ୍ରସ୍ତୁତି ବୈଠକରେ କାର୍ଯ୍ୟକ୍ରମ, ସ୍ଥାନୀୟ କୌଣସି ବିଜେପି କାର୍ଯ୍ୟକର୍ତା, କର୍ମୀ, ନିର୍ବାଚିତ ପ୍ରତିନିଧି ଯୋଗଦାନ ନକରିବା, ଡହଡହ ଖରାରେ ମହିଳାମାନଙ୍କୁ ଧାଡିରେ ଛିଡାକରି ଖାଇବାକୁ ଦିଆଯିବା ଇତ୍ୟାଦି ଅବ୍ୟବସ୍ଥା ହିନ୍ଦୋଳରେ ଆଲୋଚନା ଓ ଅସନ୍ତୋଷର ବିଷୟବସ୍ତୁ ପାଲଟିଥିବା ଦେଖିବାକୁ ମିଳିଛି । ଏବିଡ଼ିଓ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବ୍ଲକର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

- ସଡ଼କ ସୁରକ୍ଷା କମିଟି ବୈଠକ

## ଆଲୋକୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ

ଢେଙ୍କାନାଳ,୧୯ ।୬(ସମିସ): ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାର ଅଧିକ ଦୁର୍ଘଟଣାପ୍ରବଣ ସ୍ଥାନ ଓ କଲେଜ ସମ୍ମୁଖ ରାସ୍ତାରେ ସାଇନେଜ ତଥା ବାରିକେଡିଂ ବ୍ୟବସ୍ଥା କରିବା ସହିତ ନିୟମିତ ଚେକିଂ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ୫୫ନଂ ଜାତୀୟ ରାଜପଥ ନକଟସ୍ଥିତ ନବଭାରତ କାରଖାନାଠାରେ ବର୍ଷାପାଣି ଜମୁଥିବାରୁ ଏହାର ନିଷ୍କାସନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ରାଜପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସ୍ଥାନୀୟ କଲେଜ ବାଇପାସରୁ କୋରିଆଁ ଛକ ପର୍ଯ୍ୟନ୍ତ ରାସ୍ତାର ଆଲୋକୀକରଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନୂତନ ମଞ୍ଜୁର ପ୍ରାପ୍ତ ହେଲେ ଆଲୋକୀକରଣ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି । କ୍ରେନ୍, ଆମ୍ବୁଲାନ୍ସ ଆଦି ସମ୍ପର୍କରେ ସୂଚନା ପାଇଁ ଆସନ୍ତା ସୋମବାର ସୁଦ୍ଧା ରାଜପଥରେ କ୍ୟୁଆର୍ କୋଡ୍ କାର୍ଯ୍ୟକ୍ଷମ ହେବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଅବୈଧ ଭାବେ ନିର୍ମିତ ସମସ୍ତ ହମ୍ପସଗୁଡ଼ିକୁ ରାସ୍ତାରୁ ହଟାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

### ମେ ମାସରେ ୩୨ ଦୁର୍ଘଟଣା ଘଟି ୩୩ ଆହତ, ୧୪ ମୃତ

ଗତ ମେ ମାସରେ ୩୨ଟି ଦୁର୍ଘଟଣା ଘଟି ମୋଟ ୩୩ ଜଣ ଆହତ ହୋଇଥିବା ବେଳେ ୧୪ ଜଣଙ୍କ ମୃତ୍ୟୁ ଘଟିଛି । ମେ ମାସରେ ଯାଞ୍ଚ କରାଯାଇ ୧୦୬ ମଦ୍ୟପ ଗାଡ଼ି ଚାଳକ, ୨ ଚକିଆ ଯାନରେ ୩ ଜଣ ଯାଉଥିବା ୧୨୧ ଯାନ, ୩୮ ୭ ଜଣ ମୋବାଇଲ ବ୍ୟବହାରକାରୀ, ୨୫୪ ବିନା ସିଟବେଲ୍ଟ ଗାଡ଼ି ଚାଳକ ଏବଂ ୧୨୫୨ ଜଣ ବିନା ହେଲମେଟ ଗାଡ଼ି ଚାଳକଙ୍କୁ ଜରିମାନ କରାଯାଇଛି । ଏଥିସହ ୧୯୪୬ ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁ ପ୍ରକାଶ କରିଛନ୍ତି । ଏହି ଅବସରରେ ଦୁର୍ଗଟଣାଗ୍ରସ୍ତମାନଙ୍କୁ ଉଦ୍ଧାର କରିଥିବା ୪ ଜଣ ଗୁଡ୍ ସମରିଟାନଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଛନ୍ତି । ସେମାନେ ହେଲେ ଢେଙ୍କାନାଳର ଜଗବନ୍ଧୁ ସାହୁ, ମେରାମଣ୍ଡଳୀର ମହେଶ ଚନ୍ଦ୍ର ନାୟକ, ମୋଟଙ୍ଗାର ସୌମ୍ୟରଞ୍ଜନ ଧୀର ଓ ବାପି ରାଉତ । ପ୍ରାରମ୍ଭରେ ରାସ୍ତା ଓ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ ଜାତୀୟ ରାଜପଥରେ ହେଉଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ବୈଠକରେ ଆଇଏଏସ୍ ପ୍ରୋବେସନର ସୁଧା ଚୌହାନ, ଏମ୍‌ଭିଆଇ ପଦ୍ମଜା ମହାନ୍ତି, ଜୁନିୟର ଏମ୍‌ଭିଆଇ ସୁନିତା ପଣ୍ଡା, ଏଆର୍‌ଟିଓ ସାର୍ଥକ ଦତ୍ତଙ୍କ ସମେତ କମିଟି ସମସ୍ତ ସଭ୍ୟ ଓ ସମ୍ପୃକ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ଶ୍ରୀ ଲୋକନାଥଙ୍କ ଶୁଭପରିଣୟ

ଢେଙ୍କାନାଳ,୧୯ ।୬(ସମିସ): ସ୍ଥାନୀୟ ୮ ନଂ ୱାର୍ଡ ଅନ୍ତର୍ଗତ ମହିଷାପାଟସ୍ଥିତ ଶ୍ରୀ ଲୋକନାଥ ମନ୍ଦିର ପରିସରରେ ଶ୍ରୀ ଲୋକନାଥଙ୍କ ଦେବ ବିବାହ ଉତ୍ସବ ମହାସମାରୋହରେ ସମ୍ପନ୍ନ ହୋଇଯାଇଛି । ବରପକ୍ଷ ପିତା ଶରତ ଚନ୍ଦ୍ର ଦାସ ଓ କନ୍ୟାପକ୍ଷ ପିତା ହୃଷିକେଶ ବାରିକଙ୍କ ଉପସ୍ଥିତିରେ ବୈଦିକ ରୀତିନୀତି ଅନୁଯାୟୀ ଏହି ପବିତ୍ର ଦେବ ବିବାହ ସମ୍ପନ୍ନ ହୋଇଥିଲା ।

ପୂର୍ବରୁ ନିର୍ବନ୍ଧ ଉତ୍ସବ ସମ୍ପନ୍ନ ହୋଇଥିବାବେଳେ ଜୁନ୍ ୧୮ ତାରିଖରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପୁରୋହିତ ସୁଧାଂଶୁ ଶତପଥୀ ବୈଦିକ ମନ୍ତ୍ରଉଚାରଣ ମାଧ୍ୟମରେ ବିବାହ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ପୂଜକ ସଞ୍ଜୟ ନନ୍ଦ ଓ ପ୍ରସାଦ ଦାଶ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ । ହାତଗଣ୍ଠି, ମାଳା ବଦଳ, ଲାଜାହୋମ ସମେତ ବିଭିନ୍ନ ପାରମ୍ପରିକ ରୀତିନୀତି ମଧ୍ୟରେ ଦେବଦମ୍ପତିଙ୍କ ପବିତ୍ର ପରିଣୟ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ମନ୍ଦିର ପରିଚାଳନା କମିଟିର ସଭାପତି ନବ କିଶୋର ମିଶ୍ର, ସମ୍ପାଦକ ନୀଳମଣି କର, ଦୀପୁ ସାମନ୍ତ, ବସନ୍ତ ସାହୁ, ଦୁଃଶାସନ ନାୟକ, କୋଷାଧ୍ୟକ୍ଷ ପୀତବାସ ନନ୍ଦ, କୈଳାଶ ଚନ୍ଦ୍ର ବେହେରା, ହିମାଂଶୁ କୁମାର ପରିଡା, ଧୀରେନ୍ଦ୍ର ସାମନ୍ତ, ପାଣ୍ଡବ ଭୋଇ ଓ ସଞ୍ଜୟ ସ୍ୱାଇଁ ଅରବିନ୍ଦ ବଜାର ପୂଜା କମିଟିର ସଭାପତି ଶିଶିର ଶତପଥୀ, ଉପସଭାପତି ବିଜୟ ନାୟକ, ସମ୍ପାଦକ ପ୍ରଭାକର ନାୟକ ପ୍ରମୁଖ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଦେବ ବିବାହକୁ ନେଇ ମନ୍ଦିର ପରିସରରେ ଭକ୍ତିମୟ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ବହୁ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ଉପସ୍ଥିତ ରହି ଦେବଦମ୍ପତିଙ୍କ ଆଶୀର୍ବାଦ ଲାଭ କରିଥିଲେ । ଶେଷରେ ପ୍ରସାଦ ସେବନ ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା ।

# ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନରେ ବେଆଇନ ନିର୍ମାଣ

ଢେଙ୍କାନାଳ,୧୯ ।୬(ସମିସ)



ସ୍ଥାନୀୟ ୩ନଂ ୱାର୍ଡ କୁଞ୍ଜକାନ୍ତସ୍ଥିତ ନିର୍ମାଣାଧୀନ ନନ୍ଦିନୀ ଶତପଥୀ ଶିଶୁ ଉଦ୍ୟାନ ପରିସରରେ ରାତିଅଧିଆ ବେଆଇନ ରାସ୍ତା ନିର୍ମାଣ ଉଦ୍ୟମକୁ ଅଞ୍ଚଳବାସୀ ତୀବ୍ର ବିରୋଧ କରିଛନ୍ତି । ଶିଶୁ ଉଦ୍ୟାନ ପାଚେରି କଡ଼କୁ ଲାଗି ୨ଜଣ ବ୍ୟକ୍ତିଙ୍କ ଜମି ଓ ଆଉ ଦୁଇଗୁଣ୍ଠ ସରକାରୀ ଜମି ରହିଛି । ସରକାରୀ ଜମିକୁ ନିଜ ଅକ୍ତିଆରକୁ ନେଇ ଓ ନିଜ ଜମିରେ ମିଶାଇ ଚଢ଼ାଦରରେ ବିକ୍ରି କରିବା କିମ୍ବା ଆପାର୍ଟମେଣ୍ଟ ନିର୍ମାଣ କରି ବହୁମୂଲ୍ୟରେ ବିକ୍ରି କରି ରାତିଅଧିଆ କୋଟିପତି ହେବାକୁ ମାଫିଆମାନେ ଯୋଜନା କରିଛନ୍ତି । ସେମାନଙ୍କର ଅନ୍ୟ ତିନି ପାର୍ଶ୍ୱରେ ରାସ୍ତା ଥିଲେ ମଧ୍ୟ ନିର୍ମାଣାଧୀନ ପାର୍କ ମଧ୍ୟ ଦେଇ ଜବରଦସ୍ତି ବେଆଇନ ଭାବେ ରାସ୍ତା ନିର୍ମାଣ ପାଇଁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି । କୁଞ୍ଜକାନ୍ତ ମଧୁବନ ଅଞ୍ଚଳର ହଜାର ହଜାର ଲୋକ ଏହାକୁ ଘୋର ବିରୋଧ କରିଛନ୍ତି ।

ଗୁରୁବାର ରାତି ପ୍ରାୟ ୩ଟାରେ ୩ଟି ଟ୍ରାକ୍ଟରରେ ପ୍ରାୟ ୨୦ ଟ୍ରିପ ଚୋରା ମୋରମ ପାର୍କରେ ପକାଯାଉଥିଲା । ଟ୍ରାକ୍ଟର ଚଳପ୍ରଚଳ ଶବ୍ଦ ଶୁଣି ସ୍ଥାନୀୟ ବାସିନ୍ଦା ପୁଲିସକୁ ଖବର ଦେଇଥିଲେ । ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟର ମାଲିକ ପ୍ରଦୀପ ଖଟୁଆଙ୍କୁ ଡାକି ତାଗିଦ କରିଥିଲା ।

**ସ୍ଥାନୀୟ ବାସିନ୍ଦାଙ୍କ ତୀବ୍ର ବିରୋଧ**

ପାର୍କ ଭିତରେ ମାଟି ମୋରମ ନ ପକାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏ ସମ୍ପର୍କରେ ସକାଳେ ଅଞ୍ଚଳବାସୀ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଓ ସମାଜସେବୀ ରାମଚନ୍ଦ୍ର ପାତ୍ରଙ୍କୁ ଅବଗତ କରିଥିଲେ । ସେମାନଙ୍କ ତାଗିଦ ପରେ ଅବୈଧ ରାସ୍ତା ନିର୍ମାଣ କରୁଥିବା ବ୍ୟକ୍ତି ପାର୍କ ଭିତରୁ ସମସ୍ତ ମୋରମ ମାଟି ଉଠାଇ ନେଇଥିଲେ । ପାର୍କ ଭିତର ଦେଇ ବେଆଇନ ରାସ୍ତା ନ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏ ନେଇ ସମାଜସେବୀ ପାତ୍ର କହିଛନ୍ତି, କାହାକୁ କୌଣସି ଆଉ ରାସ୍ତା ଦେବାର ପ୍ରଶ୍ନ ଉଠୁନାହିଁ । ଯିଏ ଜବରଦସ୍ତି ଚେଷ୍ଟା କରିବ ସେ ଦଣ୍ଡ ପାଇବ । ପାର୍କ ପାଚେରି ପାଇଁ ଆଉ ୧୩ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଆସିଛି । ଖୁବଶୀଘ୍ର ଅସମ୍ପୂର୍ଣ୍ଣ ଥିବା ୧୫ ଫୁଟ ପାଚେରି ପ୍ରଥମେ ନିର୍ମାଣ କରାଯିବ । ଏହି ପାଚେରି ନ ଥିବାରୁ ଜମିମାଫିଆ ବାରମ୍ବାର ଅବୈଧ ରାସ୍ତା ନିର୍ମାଣର ବୃଥା ଚେଷ୍ଟା କରୁଛନ୍ତି । ଚାରିକଡ଼େ ପାଚେରି ନିର୍ମାଣ ସାରିବା ପରେ ପାର୍କ ଆଉ ମନ୍ଦିର କାମ ହେବ । ରାସ୍ତା ତ ଦୂର କଥା କାହାକୁ ଇଞ୍ଚେ ଜମି ମଧ୍ୟ ଦିଆ ଯିବ ନାହିଁ ବୋଲି ସେ କହିଛନ୍ତି । ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେଇଥିବାରୁ ଅଞ୍ଚଳବାସୀ ସମାଜସେବୀ ପାତ୍ର, କାଉନସିଲର ଅଭିମନ୍ୟୁ ପଣ୍ଡା ଓ ଟାଉନ ଥାନା କର୍ମଚାରୀଙ୍କୁ ଧନ୍ୟବାଦ ଦେଇଛନ୍ତି ।

ସକାଳ THE SAKALA



## ଭିଜିଲାନ୍ସ ମାମଲା ବିଚାରାଧୀନ

# ହାଇକୋର୍ଟରେ ପଦୋନ୍ନତି ବାତିଲ ଆଦେଶ କାଏମ୍

**କଟକ,୧୯ ।୬(ସମିସ):** ଭିଜିଲାନ୍ସ ମାମଲା ବିଚାରାଧୀନ ଥିବା ବେଳେ ସରକାରୀ କର୍ମଚାରୀଙ୍କୁ ପଦୋନ୍ନତି ନମିଳିବା ଆଇନ ସମ୍ମତ ବୋଲି ହାଇକୋର୍ଟ କହିଛନ୍ତି। ପଦୋନ୍ନତି ପ୍ରଦାନ କରାଯିବା ସମୟରେ ଆବେଦନକାରୀ ବରିଷ୍ଠ ରାଜସ୍ୱ ସହକାରୀଙ୍କ ବିରୋଧରେ ଭିଜିଲାନ୍ସ ମାମଲା ବିଚାରାଧୀନ ଥିବାରୁ ସେ ନିୟମିତ ପଦୋନ୍ନତି ପାଇବାକୁ ସେତେବେଳେ ଯୋଗ୍ୟ ନ ଥିଲେ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଅନୁଗୁଳ ଜିଲ୍ଲାରେ କାର୍ଯ୍ୟରତ ସଂପୃକ୍ତ ବରିଷ୍ଠ ରାଜସ୍ୱ ସହକାରୀଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନୁଗୁଳ ଜିଲ୍ଲାପାଳଙ୍କ ଗତ ୨୦୨୬, ଜାନୁଆରୀ ୨୧ର ଏପରି ନିର୍ଦ୍ଦେଶ ଆଇନ ସମ୍ମତ ବୋଲି ହାଇକୋର୍ଟ ମତ ଦେବା ସହିତ ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି। ତେବେ ଭିଜିଲାନ୍ସ ମାମଲାରେ ଦୋଷମୁକ୍ତ ହେଲେ ଆବେଦନକାରୀ ପଦୋନ୍ନତି ଦାବି ପୁନର୍ବାର ଉପସ୍ଥାପନ କରିପାରିବେ ବୋଲି ପ୍ରକାଶିତ ରାୟରେ ଉଲ୍ଲେଖ କରାଯାଇଛି। ମାମଲାରୁ ପ୍ରକାଶ ଯେ ବରିଷ୍ଠ ରାଜସ୍ୱ ସହକାରୀ ପଦରେ କାର୍ଯ୍ୟରତ ଆବେଦନକାରୀଙ୍କୁ ସେକ୍ସନ ଅଫିସର ଭାବେ ପଦୋନ୍ନତି ପ୍ରଦାନ କରାଯାଇଥିଲା। ତାଙ୍କ ବିରୋଧରେ ୨୦୧୨ରୁ ବିଚାରାଧୀନ ଭିଜିଲାନ୍ସ ମାମଲା ସଂକ୍ରାନ୍ତରେ ଡିପିସିରେ ତଥ୍ୟ ଉଲ୍ଲେଖ କରାଯାଇ ନ ଥିଲା। ପରବର୍ତ୍ତୀ ସମୟରେ ୨୦୨୬, ଜାନୁଆରୀ ୧୬ର ପୁନର୍ବିଚାର ଡିପିସି ବୈଠକର ଅନୁମୋଦନ ଆଧାରରେ ପଦୋନ୍ନତି ବାତିଲ କରି ଆବେଦନକାରୀଙ୍କୁ ପୁଣି ପୂର୍ବର ବରିଷ୍ଠ ରାଜସ୍ୱ ସହକାରୀ ପଦରେ ଅବସ୍ଥାପିତ କରିବା ପାଇଁ ଜାନୁଆରୀ ୨୧ରେ ଅନୁଗୁଳ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ବିଜେପି ସରକାରକୁ ବିଜେଡିର କଟାକ୍ଷ

# ଭାଷା ଜନନୀର ବସ୍ତ୍ରହରଣ କରିଛନ୍ତି ବିଜେପି ସରକାର



**ଭୁବନେଶ୍ୱର,୧୯।୬(ସମିସ):** ଦୁର୍ନୀତି, ନାରୀ ନିର୍ଯାତନା, ବିଶୃଙ୍ଖଳା, ଚୋରି ଓ ରାହାଜାନି ଆଦି ଯେପରି ବିଜେପି ସରକାରର ଏକ ପ୍ରସଙ୍ଗ ପାଲଟିଛି ଯାଇଛି। ଏବେ ଏଥିରେ ଯୋଡି ହୋଇଯାଇଛି ପିଲାମାନଙ୍କ ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପୁସ୍ତକରେ ୧୭୬୦ରୁ ଅଧିକ ଭୁଲ୍ ରହିଛି। ଏହା ବିଜେପି ସରକାରର ଦାୟିତ୍ୱହୀନତା ଓ ପିଲାଙ୍କ ଭବିଷ୍ୟତ ସହ ଖେଳ ବୋଲି ଅଭିଯୋଗ କରିଛି ବିଜେଡି।

ଶୁକ୍ରବାର ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ବିଧାୟକ ଶ୍ରୀ ଦାସ କହିଥିଲେ ଯେ ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ଶାସନକୁ ଆସିଥିବା ସରକାର ଆଜି ଓଡ଼ିଆ ଅସ୍ମିତାକୁ ଭୂଲୁଣ୍ଠିତ କରିଛନ୍ତି। ସରକାର ଦୁଇ ବର୍ଷ ପୂର୍ତ୍ତି ପାଳନ ପାଇଁ ଉତ୍ସବରେ ବ୍ୟସ୍ତ ରହି ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ପିଲାଙ୍କୁ ବାଣ୍ଟି ଓଡ଼ିଶାର ଭବିଷ୍ୟତ ସହ ଖେଳୁଛନ୍ତି। ବିଜେପି ସରକାର ଓଡ଼ିଆ ଭାଷା ଜନନୀର ବସ୍ତ୍ରହରଣ କରିଛି। ଯାହା ଓଡ଼ିଆ ଭାଷା, ସାହିତ୍ୟ ଓ ଜାତି ପ୍ରତି ଘୋର ଅପମାନ। ସ୍ୱାଧୀନତା ସଂଗ୍ରାମୀ ମାଧୋ ସିଂ ବ୍ରିଟିଶମାନଙ୍କ ବିରୋଧରେ ଲଢ଼ି ଫାଶୀ ପାଇଥିଲେ। ତାଙ୍କର ଜନ୍ମସ୍ଥାନ, ଫାଶୀ ପାଇଥିବା ତାରିଖ ଓ ତାଙ୍କ ଉପରେ ସଂପୂର୍ଣ୍ଣ ବିବରଣୀ ତ୍ରୁଟି ପୂର୍ଣ୍ଣ ଭାବେ ଛପା ଯାଇଛି ବୋଲି ପଦ୍ମଶ୍ରୀ କବି ହଳଧର ନାଗ ମାସକ ତଳେ କହିଥିଲେ ମଧ୍ୟ ସରକାର ତାହାକୁ ଗ୍ରହଣ କଲେ ନାହିଁ। ଯଦି ସରକାର ସେ କଥାକୁ ଗୁରୁତ୍ୱର ସହ ନେଇଥାଆନ୍ତେ, ଆଜି ଏଭଳି ଦୁର୍ଭାଗ୍ୟଜନକ ସ୍ଥିତି ଦେଖିବାକୁ ପଡିନଥାଆନ୍ତା। ବହି ଛାପିବା ପାଇଁ ଯେଉଁ କମିଟି ଗଠନ ହୋଇଥିଲା ସେଥିରେ ସଭ୍ୟମାନଙ୍କ ଯୋଗ୍ୟତା ନ ମାପି ତାଙ୍କୁ ରାଜନୈତିକ ଚାପରେ ନିଯୁକ୍ତି ଦିଆଯାଇଛି। ଏହି ବ୍ୟକ୍ତିମାନଙ୍କ ମଧ୍ୟରେ ଅଧିକାଂଶ ସଂଘ

**ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳିବା ବନ୍ଦ କରନ୍ତୁ**

**ତ୍ରୁଟିପୂର୍ଣ୍ଣ ବହିରେ ପିଲା ପାଠ ପଢ଼ିବା ଦୁର୍ଭାଗ୍ୟଜନକ**

**ଦାୟିତ୍ୱରେ ଥିବା ଅଧିକାରୀଙ୍କଠାରୁ କ୍ଷତି ଭରଣା କରାଯାଉ**

ଓ ସରସ୍ୱତୀ ଶିଶୁ ମନ୍ଦିର ଶିକ୍ଷକ ବୋଲି ସେ କହିଛନ୍ତି।

ଚିନ୍ମୟ ସାହୁ କହିଛନ୍ତି ଯେ ପାଠ୍ୟପୁସ୍ତକ ପ୍ରସ୍ତୁତି, ସମୀକ୍ଷା ଓ ସମ୍ପାଦନା ସହିତ ଜଡ଼ିତ ସମସ୍ତ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ନିଆଯାଉ। ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ତୁରନ୍ତ ପ୍ରତ୍ୟାହାର କରାଯାଇ ନୂତନ ଓ ସଂଶୋଧିତ ପୁସ୍ତକ ଛପାଇ ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରାଯାଉ। ଏହାସହିତ ବର୍ତ୍ତମାନ ଛପାଯାଇଥିବା ଭୁଲ ପାଠ୍ୟପୁସ୍ତକକୁ କୌଣସି ବିଦ୍ୟାଳୟରେ ପଢ଼ାନଯାଉ। ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଛନ୍ତି ଯେ ପାଠ୍ୟପୁସ୍ତକରେ ଏଭଳି ଭୁଲ ରଖି ପିଲାଙ୍କୁ ପାଠ ପଢାଇବା ଅର୍ଥ ସେମାନଙ୍କୁ ଅନ୍ଧାରକୁ ଠେଲି ଦେବା। ବିଜେପି ସରକାର ବାରମ୍ବାର ରାଜ୍ୟବାସୀଙ୍କୁ ଧୋକା ଦେଉଛି। ଯଦି ସରକାର ପାଖରେ ନୂତନ ଓ ନିର୍ଭୁଲ ପୁସ୍ତକ ଛପାଇବା ପାଇଁ ଅର୍ଥ ନାହିଁ। ତାହେଲେ ସରକାର ପୁରୁଣା ସିଲାବସର ବହିକୁ ଏ ବର୍ଷ ପଢିବା ପାଇଁ ପିଲାଙ୍କୁ ଅନୁମତି ଦିଅନ୍ତୁ। ତ୍ରୁଟିପୂର୍ଣ୍ଣ ପୁସ୍ତକରେ ପିଲା ପାଠ ପଢନ୍ତୁ ଏହା ଆମେ କୌଣସି ପରିସ୍ଥିତିରେ ଗ୍ରହଣ କରିବୁ ନାହିଁ। ଏଥିରେ ସମ୍ପୃକ୍ତ ବିଭାଗର ମନ୍ତ୍ରୀ ନୈତିକ ଦାୟିତ୍ୱ ନେଇ ତୁରନ୍ତ ଇସ୍ତଫା ଦିଅନ୍ତୁ କିମ୍ବା ମୁଖ୍ୟମନ୍ତ୍ରୀ ତାଙ୍କୁ ବରଖାସ୍ତ କରନ୍ତୁ। ମୁଖ୍ୟମନ୍ତ୍ରୀ ଖୋଦ୍ ଏହି ଘଟଣା ପାଇଁ ରାଜ୍ୟବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବା ସହିତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି।

# ବ୍ରାଉନସୁଗର ସହ ୩୧ ଲକ୍ଷ ଟଙ୍କା ଜବତ

**ଅନୁଗୋଳ,୧୯ ।୬(ସମିସ):** ଶୁକ୍ରବାର ସନ୍ଧ୍ୟାରେ ଅନୁଗୋଳ ଥାନା ପୁଲିସ ତୁରଙ୍ଗ ଗ୍ରାମରେ ଚଢ଼ଉ ୧୦ ଗ୍ରାମ ବ୍ରାଉନସୁଗର ସହ ୩୧ ଲକ୍ଷ ଟଙ୍କା ଜବତ କରିଛି।

**ମହିଳା ସମେତ ୪ ଗିରଫ**

ବ୍ରାଉନସୁଗର କାରବାର ଅଭିଯୋଗରେ ୩ ଭାଇ ସମେତ ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗ୍ରାମର ସଞ୍ଜୟ ବେହେରା, ତାଙ୍କ ସ୍ତ୍ରୀ ଏବଂ ୨ ଭାଇ ମାନସ ବେହେରା ଓ ଦେବ ବେହେରା। ତୁରଙ୍ଗ ଗ୍ରାମରେ ବ୍ରାଉନସୁଗର କାରବାର ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଆଇଆଇସି ପ୍ରକାଶ ମାଝୀଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ସନ୍ଧ୍ୟା ୭ଟାରେ ଅତର୍କିତ ଚଢ଼ଉ କରିଥିଲା।

# ସ୍ନାତକରେ ବଢ଼ିଲା ୧୦,୩୭୨ ସିଟ୍

**ଭୁବନେଶ୍ୱର, ୧୯ ।୬(ସମିସ):** ସ୍ନାତକ ପଢ଼ିବା ପାଇଁ କିଛି ପାଠ୍ୟକ୍ରମର ଚାହିଦା ବଢୁଛି। ଅନେକ ସମୟରେ ଛାତ୍ରଛାତ୍ରୀମାନେ ନିଜର ପସନ୍ଦ ଆନୁଯାୟୀ ପାଠ୍ୟକ୍ରମ ପଢ଼ିପାରୁ ନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ନାତକ ପାଠ୍ୟକ୍ରମ ପାଇଁ ୧୦ ହଜାର ୩୭୨ଟି ଅତିରିକ୍ତ ସିଟ୍ ବୃଦ୍ଧି କରିଛନ୍ତି। ଚଳିତ ଶିକ୍ଷାବର୍ଷରୁ ଛାତ୍ରଛାତ୍ରୀମାନେ ଏହି ସିଟ୍‌ରେ ନାମଲେଖାଇ ପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ନିର୍ଦ୍ଦେଶନାମା ଜାରି କରାଯାଇଛି।

ପାଠ୍ୟକ୍ରମ ସମ୍ପର୍କରେ ବିଭାଗୀୟ ସମୀକ୍ଷା ବେଳେ ଜଣାପଡ଼ିଛି ଯେ ରାଜ୍ୟର ଅନେକ ଉଚ୍ଚ ଶିକ୍ଷାନୁଷ୍ଠାନର କେତେକ ବିଷୟରେ ନାମଲେଖା ପାଇଁ ଚାହିଦା ଅଧିକ ରହିଛି। ସେହି ତୁଳନାରେ ଅନୁମୋଦିତ ସିଟ୍ ସଂଖ୍ୟା କମ୍ ରହିଥିଲା। ଏହାକୁ ବିଚାର କରିବା ପରେ ନିର୍ଦ୍ଦିଷ୍ଟ ବିଷୟରେ ସିଟ୍ ସଂଖ୍ୟା ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ନୂତନ ନିଷ୍ପତ୍ତି ଅନୁସାରେ ବିଶ୍ୱବିଦ୍ୟାଳୟ ପାଇଁ ୧,୨୧୬ଟି ସିଟ୍ ବୃଦ୍ଧି ହୋଇଥିବାବେଳେ ସରକାରୀ ମହାବିଦ୍ୟାଳୟପାଇଁ ୪,୬୮୪,୪୮୮ ବର୍ଗ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ପାଇଁ ୩,୪୧୬ଟି ଏବଂ ୬୬୨ ବର୍ଗ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ପାଇଁ ୧,୦୫୬ଟି ସିଟ୍ ବୃଦ୍ଧି କରାଯାଇଛି। ଏସବୁ ବର୍ଦ୍ଧିତ ସିଟ୍ ସାମ୍ସ ପୋର୍ଟାଲରେ ଉପଲବ୍ଧ ହୋଇଥିବା ମଧ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଭିଜିଲାନ୍ସ ଜାଲରେ ମହିଳା କନିଷ୍ଠ ଯନ୍ତ୍ରୀ

**ଜଗତସିଂହପୁର, ୧୯।୬(ସମିସ):** ଜଣେ ଠିକାଦାରଙ୍କ ଠାରୁ ପ୍ରକଳ୍ପ ଏଷ୍ଟିମେଟ ପାଇଁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି ଜଗତସିଂହପୁର ଜିଇଡିର କନିଷ୍ଠ ଯନ୍ତ୍ରୀ ସୋମା ଦାସ। ସୂଚନା ଅନୁସାରେ ଜଗତସିଂହପୁର ଜିଲ୍ଲାର ଏକ ପଞ୍ଚାୟତରେ ଷ୍ଟ୍ରିଟଲାଇଟ ଲଗାଇବା ପାଇଁ କାର୍ଯ୍ୟାଦେଶ ପାଇଥିବା ଜଣେ ବ୍ୟକ୍ତି ୧୫ ଲକ୍ଷ ଟଙ୍କାର ଏଷ୍ଟିମେଟ ପାଇଁ ଜିଇଡିର କନିଷ୍ଠ ଯନ୍ତ୍ରୀ ସୋମା ଦାସଙ୍କୁ ଗତ ମେ' ୮ ତାରିଖରେ ସମସ୍ତ କାଗଜପତ୍ର ଦେଇଥିଲେ। ତେବେ ବାରମ୍ବାର ଏଷ୍ଟିମେଟ କାଗଜପତ୍ର ଦେବା ପାଇଁ ଅନୁରୋଧ କରିବା ସତ୍ତ୍ୱେ ସୋମା ଦାସ ଉକ୍ତ ବ୍ୟକ୍ତିଙ୍କୁ ଏହା ଦେଇନଥିଲେ।

**୧୫ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ**

ପରେ ୧୫ ଲକ୍ଷ ଟଙ୍କାର ଏଷ୍ଟିମେଟ ପାଇଁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସମସ୍ତ କାଗଜପତ୍ର ଠିକ୍ ଥାଇ ଲାଞ୍ଚ ମାଗିବା ଘଟଣାକୁ ଗ୍ରହଣ କରିପାରି ନଥିଲେ ସମ୍ପୃକ୍ତ ବ୍ୟକ୍ତି। ବାଧ୍ୟହୋଇ ଏ ସମ୍ପର୍କରେ ଠିକାଦାର ଜଣକ ଭିଜିଲାନ୍ସକୁ ଅବଗତ କରାଇଥିଲେ। ପୂର୍ବ ଯୋଜନା ଅନୁଯାୟୀ ଆଜି ସନ୍ଧ୍ୟାରେ ଠିକାଦାର ଟଙ୍କା ଧରି କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କଥାବାର୍ତ୍ତା ପରେ ସୋମା ଦାସ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ସେଠାରେ ପୂର୍ବରୁ ଥିବା ଭିଜିଲାନ୍ସ ବିଭାଗର ଅଧିକାରୀ ଓ କର୍ମଚାରୀ ତାଙ୍କୁ କାବୁ କରିନେଇଥିଲେ। ତାଙ୍କ ଠାରୁ ୧୫ ହଜାର ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। କନିଷ୍ଠ ଯନ୍ତ୍ରୀ ସୋମା ଦାସଙ୍କୁ ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇ ଅଧିକ ତଦନ୍ତ କରାଯାଉଥିବା ବେଳେ ତାଙ୍କ ଘର ଓ କାର୍ଯ୍ୟାଳୟରେ ଚଢ଼ଉ ଜାରି ରହିଛି।

## ଦର୍ଶନ କରାଇଦେବାକୁ କହି ଜବରଦସ୍ତ ଟଙ୍କା ଆଦାୟ

# ୫ ଦିନରେ ୧୧ ନକଲି ଯାତ୍ରୀ ଗୁମାସ୍ତା ଗିରଫ

**ପୁରୀ,୧୯।୬(ସମିସ):** ଶ୍ରୀଜଗନ୍ନାଥ ମନ୍ଦିର ଆଖପାଖରେ ଶ୍ରଦ୍ଧାଳୁଙ୍କଠାରୁ ଜୋର୍ ଜବରଦସ୍ତ ଟଙ୍କା ଆଦାୟ କରୁଥିବା ନକଲି ଯାତ୍ରୀ ଗୁମାସ୍ତାଙ୍କ ବିରୋଧରେ ସିଂହଦ୍ୱାର ପୋଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରଖିଛି। ଗତ ୫ ଦିନ ମଧ୍ୟରେ ପୋଲିସ ମୋଟ ୧୧ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ଶୁକ୍ରବାର ପୋଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ପ୍ରତୀକ୍ ସିଂ।

ଏସ୍‌ପି ଶ୍ରୀ ସିଂ କହିଛନ୍ତି, ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନଙ୍କୁ ମନ୍ଦିରରେ ଦର୍ଶନ କରାଇଦେବା ନାଁରେ ଟଙ୍କା ନେଉଥିବା ଅଭିଯୋଗ ଆସିଥିଲା। ତେଣୁ ସେମାନଙ୍କୁ ଚିହ୍ନଟ କରିବା ଲାଗି ସିଂହଦ୍ୱାର ଥାନା ପୁଲିସ ଏବଂ ସିଟି ଡିଏସ୍‌ପିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଥିଲା। କିଛି ସାଦା ପୋଷାକଧାରୀ ପୋଲିସ କର୍ମଚାରୀ ମନ୍ଦିର ଚତୁଃପାଶ୍ୱର୍ରେ ନିୟୋଜିତ ଥିଲେ। ଗୁରୁବାର ଚଢାଉ ବେଳେ ୫ ଜଣ ନକଲି ଯାତ୍ରୀ ଗୁମାସ୍ତାଙ୍କୁ ଗିରଫ କରାଯାଇଥିବା ବେଳେ ଶୁକ୍ରବାର ଆଉ ୩ ଜଣ ନକଲି ଗୁମାସ୍ତାଙ୍କୁ ଗିରଫ କରାଯାଇଛି। ଏ ନେଇ ସିଂହଦ୍ୱାର ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ସେହିପରି ଚାରଦିନ ପୂର୍ବରୁ ଥରେ ୩ ଜଣଙ୍କୁ ଗିରଫ କରାଯାଇଥିଲା। ଏହିପରି ଭାବେ ଗତ ୫ ଦିନରେ ୧୧ ଜଣ ନକଲି ଗୁମାସ୍ତାଙ୍କୁ ଗିରଫ କରାଯାଇଛି। ଏମାନେ ଶ୍ରଦ୍ଧାଳୁମାନଙ୍କୁ ମହାପ୍ରଭୁଙ୍କ ସ୍ୱତନ୍ତ୍ର ଦର୍ଶନ କରାଇଦେବାର ମିଛ ପ୍ରତିଶ୍ରୁତି ଦେଇ ଜୋର୍ ଜବରଦସ୍ତ ଟଙ୍କା ଆଦାୟ କରୁଥିଲେ। ଗୁରୁବାର ଏବଂ ଶୁକ୍ରବାର ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଶଙ୍କର ବିଶ୍ୱାଳ, ଅରୁଣ ପାତ୍ର, ବାବୁନି ମହାପାତ୍ର, ସର୍ବେଶ୍ୱର ରାଉତ, ରଞ୍ଜିତ ସାମନ୍ତରାୟ, ବିକ୍ରମ ପ୍ରଧାନ, ଅଜୟ କୁମାର ଜେନା ଓ ଉମାକାନ୍ତ ପାଢ଼ୀ। ଏମାନଙ୍କ ବ୍ୟତୀତ ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ଏହି ରାକେଟ୍‌ରେ ସଂପୃକ୍ତ ଥିବା ଜଣାପଡ଼ିଛି। ଶୁକ୍ରବାର ଗିରଫ ଅଭିଯୁକ୍ତମାନଙ୍କ ପାଖରୁ ପୋଲିସ ୨,୬୨୦ ଟଙ୍କା ନଗଦ ଏବଂ ୩ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି।

ଏସ୍‌ପି ଶ୍ରୀ ସିଂ କହିଛନ୍ତି, ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ଯେପରି ଠକେଇର ଶିକାର ନ ହେବେ ସେଥିଲାଗି ଏହି ଅଭିଯାନ କରାଯାଇଥିଲା। ଆଗକୁ ମଧ୍ୟ ଯଦି ଏମିତି ଭକ୍ତଙ୍କୁ କିଏ ଠକେଇ କରିବେ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏମାନେ ଶ୍ରଦ୍ଧାଳୁଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଟଙ୍କା ନେଇ ଯାଇ ଆଉ ଧରାଛୁଆଁ ଦେଉନାହାନ୍ତି। ଏମାନେ କାହା କାହା ସହିତ ସମ୍ପୃକ୍ତ ଅଛନ୍ତି, ମନ୍ଦିର ଭିତରକୁ କେମିତି ପ୍ରବେଶ କରୁଥିଲେ ଏ ସବୁର ତଦନ୍ତ ଚାଲିଛି। ଏମାନଙ୍କୁ ଚିହ୍ନଟ କରିବା ଏବଂ ସୂଚନା ଦେବାରେ ସେବାୟତମାନେ ବି ସହଯୋଗ କରିଛନ୍ତି ବୋଲି କହିଛନ୍ତି ଏସ୍‌ପି ଶ୍ରୀ ସିଂ। ଏହି ସାମ୍ବାଦିକ ସମ୍ମିଳନୀରେ ସିଟି ଡିଏସ୍‌ପି ରଶ୍ମୀରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ।

# ଓଡ଼ିଶାବାସୀଙ୍କ ସମସ୍ୟା ନେଇ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ବାମପନ୍ଥୀ ଦଳ

**ଭୁବନେଶ୍ୱର,୧୯।୬(ସମିସ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଇରଙ୍ଗପୁର ଗସ୍ତ ଅବସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଭାରତର କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ), ଭାରତର କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ–ଲେନିନବାଦୀ) ଲିବରେସନ ଏବଂ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ପକ୍ଷରୁ ଓଡ଼ିଶାର ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ବଳିତ ଚିଠି ଲେଖାଯାଇଛି। ଦଳଗୁଡ଼ିକ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର ଗଠନ ସମୟରେ ସୁଶାସନ, ଦୁର୍ନୀତିମୁକ୍ତ ପ୍ରଶାସନ, ନାରୀ ସୁରକ୍ଷା, ରୋଜଗାର, ଶିକ୍ଷାର ଉନ୍ନତି ଓ ସାମଗ୍ରିକ ବିକାଶର ବଡ଼ ବଡ଼ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଦୁଇ ବର୍ଷ ପୂରଣ ହେବା ପରେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଆଇନଶୃଙ୍ଖଳା ବ୍ୟବସ୍ଥା ଭାଙ୍ଗି ପଡ଼ିଥିବା ସହ ମହିଳାମାନେ ଅସୁରକ୍ଷିତ, ଯୁବବର୍ଗ ବେକାରୀରେ ନିରାଶ, ବୃଦ୍ଧବୃଦ୍ଧା ଓ ବିଧବାମାନେ ସାମାଜିକ ସୁରକ୍ଷାରୁ ବଞ୍ଚିତ, କୃଷକମାନେ ସଙ୍କଟରେ ଓ ସାଧାରଣ ଲୋକ ମୂଲ୍ୟବୃଦ୍ଧି, ପାଣି ଓ ବିଦ୍ୟୁତ୍ ସମସ୍ୟାରେ ଅତିଷ୍ଠ ହୋଇପଡ଼ିଥିବା ଏହି ଚିଠିରେ ଦର୍ଶାଯାଇଛି।

ଦଳଗୁଡ଼ିକ ପକ୍ଷରୁ ଆହୁରି କୁହାଯାଇଛି ଯେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟ ଅନୁଯାୟୀ, ୨୦୨୪ ମସିହାରେ ଓଡ଼ିଶାର ହିଂସାତ୍ମକ ଅପରାଧ ହାର ପ୍ରତି ଲକ୍ଷ ଜନସଂଖ୍ୟା ପିଛା ୧୬୧.୬ ରହିଥିଲା, ଯାହା ଦେଶର ସର୍ବୋଚ୍ଚ। ଏହା ଜାତୀୟ ହାରଠାରୁ ବହୁ ଗୁଣ ଅଧିକ। ସେହିପରି ମହିଳା ବିରୋଧୀ ଅପରାଧ ହାରରେ ମଧ୍ୟ ଓଡ଼ିଶା ଦେଶର ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରତି ଲକ୍ଷ ମହିଳାଙ୍କ ପିଛା ଅପରାଧ ହାର ୧୧୮.୩ ରହିଥିବା ବେଳେ ଏହା ରାଜ୍ୟର ନାରୀ ସୁରକ୍ଷା ବ୍ୟବସ୍ଥାର ଭୟାବହ ଚିତ୍ରକୁ ସାମ୍ନାକୁ ଆଣିଛି। ୨୦୨୫ ମସିହାରେ ରାଜ୍ୟରେ ମୋଟ ୨,୨୯,୮୮୧ଟି ଅପରାଧ ମାମଲା ରେକର୍ଡ ହୋଇଥିବା ବେଳେ ୨୦୨୪ରେ ଏହି ସଂଖ୍ୟା ୨,୧୪,୧୧୩ ଥିଲା। ଅର୍ଥାତ୍ ଏକ ବର୍ଷ ମଧ୍ୟରେ ପ୍ରାୟ ୭.୩ ଶତାଂଶ ବୃଦ୍ଧି ଘଟିଛି। ଏହି ତଥ୍ୟ ରାଜ୍ୟ ସରକାରର ଆଇନଶୃଙ୍ଖଳା ପରିଚାଳନାର ଚରମ ବିଫଳତାର ସ୍ପଷ୍ଟ ପ୍ରମାଣ। ସେହିପରି ସରକାର "ସୁଭଦ୍ରା ଶକ୍ତି', 'ଶକ୍ତିଶ୍ରୀ', 'ପିଙ୍କ୍ ଜୋନ୍' ଓ ଅନ୍ୟାନ୍ୟ ଯୋଜନାର ବ୍ୟାପକ ପ୍ରଚାର କରୁଥିବା ବେଳେ ବାସ୍ତବ କ୍ଷେତ୍ରରେ ଏହାର କୌଣସି ଦୃଶ୍ୟମାନ ପ୍ରଭାବ ଦେଖିବାକୁ ମିଳୁ ନ ଥିବା ଅଭିଯୋଗ ହୋଇଛି।

ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ଜିଲ୍ଲାର ଚାମେଲି ଓଝାଙ୍କୁ କେନ୍ଦ୍ର କରି ଘଟିଥିବା ଘଟଣା କେବଳ ଜଣେ ନିର୍ବାଚିତ ମହିଳା ପ୍ରତିନିଧିଙ୍କ ଉପରେ ଆକ୍ରମଣ ନୁହେଁ; ବରଂ ଗଣତନ୍ତ୍ର, ସ୍ଥାନୀୟ ପ୍ରଶାସନ ଓ ନିର୍ବାଚିତ ଜନପ୍ରତିନିଧିତ୍ୱ ଉପରେ ଏକ ନିର୍ମମ ଆଘାତ ବୋଲି ଚିଠିରେ ଉଲ୍ଲେଖ ରହିଛି। ଏପରି ଘଟଣା ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଲୋକଙ୍କ ବିଶ୍ୱାସକୁ ଦୁର୍ବଳ କରୁଛି। ତେଣୁ ଏଦିଗରେ ତୁରନ୍ତ ପାଠ୍ୟପୁସ୍ତକରେ ଥିବା ୧୬୭୮ ତ୍ରୁଟିର ସ୍ୱାଧୀନ ତଦନ୍ତ ଓ ଦାୟୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ, ବୃଦ୍ଧ-ବିଧବା ଭତ୍ତା ତୁରନ୍ତ ପ୍ରଦାନ, ସମସ୍ତ ବକେୟା ରାଶି ପରିଶୋଧ ଏବଂ କ୍ଷତିପୂରଣ ବ୍ୟବସ୍ଥା ସୁନିଶ୍ଚିତ କରାଯିବା, ବେକାରୀ, ମୂଲ୍ୟବୃଦ୍ଧି, ପାଣି ଓ ବିଦ୍ୟୁତ୍ ସଙ୍କଟ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ, ଖଣିଜ ସମ୍ପଦ ଲୁଣ୍ଠନ, ପରିବେଶ ଧ୍ୱଂସ ଓ ଆଦିବାସୀ ବିସ୍ଥାପନ ରୋକିବା ପାଇଁ କଠୋର ନୀତି ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଗଣତାନ୍ତ୍ରିକ ଅଧିକାର, ସାମ୍ବିଧାନିକ ମୂଲ୍ୟବୋଧ ଓ ସାମାଜିକ ନ୍ୟାୟର ସୁରକ୍ଷା, ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ୍ କରାଯିବା ଆଦି ବିଭିନ୍ନ ଦାବିନେଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓଡ଼ିଶା ରାଜ୍ୟ ପରିଷଦ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ–ଲେନିନ୍‌ବାଦୀ) ଲିବରେସନ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ପ୍ରମୁଖ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

# ନିଟ୍ ପରୀକ୍ଷାର୍ଥୀଙ୍କ ପାଇଁ ମାଗଣା ବସ୍‌ସେବା

**୨୬ ପରୀକ୍ଷା କେନ୍ଦ୍ରକୁ ନେବାଆଣିବା କରିବେ ୧୦୮ ବସ୍**

**ଭୁବନେଶ୍ୱର, ୧୯ ।୬(ସମିସ):** ଆସନ୍ତା ୨୧ ତାରିଖରେ ପୁନଃ ନିଟ୍ ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣା ବସ୍‌ସେବା ଘୋଷଣା କରାଯାଇଛି। ଭୁବନେଶ୍ୱରରେ ପରୀକ୍ଷା କେନ୍ଦ୍ର ହୋଇଥିବା ପରୀକ୍ଷାର୍ଥୀଙ୍କୁ ସେମାନଙ୍କ ପରୀକ୍ଷା କେନ୍ଦ୍ର ପର୍ଯ୍ୟନ୍ତ ସହଜରେ ପହଞ୍ଚାଇବାକୁ ସରକାର ଏହି ପଦକ୍ଷେପ ନେଇଛନ୍ତି। ମାଷ୍ଟରକ୍ୟାଣ୍ଟିନ୍, ବରମୁଣ୍ଡା ବସ୍‌ଷ୍ଟାଣ୍ଡ, ଖୋର୍ଦ୍ଧା ରୋଡ୍ ଷ୍ଟେସନ୍, ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡରୁ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରକୁ ସହଜରେ ନେବା-ଆଣିବା ପାଇଁ ସ୍ୱତନ୍ତ୍ର ବସ୍‌ର ବ୍ୟବସ୍ଥା କରାଯାଇଛି। ଏହାସହ ପରୀକ୍ଷା ଦିନ ଏହି ରୁଟରେ ଚଳାଚଳ କରୁଥିବା ସମସ୍ତ ସରକାରୀ ବସ୍‌ରେ ମଧ୍ୟ ଛାତ୍ରଛାତ୍ରୀମାନେ ସମାନ ସୁବିଧା ପାଇପାରିବେ। ମୋଟ୍ ୨୬ଟି ପରୀକ୍ଷା କେନ୍ଦ୍ରକୁ ପରୀକ୍ଷାର୍ଥୀଙ୍କୁ ନେବାଆଣିବା ପାଇଁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ୧୦୮ଟି ବସ୍ ଚଳାଚଳ କରିବ। ପରୀକ୍ଷାର୍ଥୀଙ୍କ ସହ ସେମାନଙ୍କ ଜଣେ ଅଭିଭାବକ ମଧ୍ୟ ଏହି ନିଃଶୁଳ୍କ ବସ୍‌ସେବାର ସୁବିଧା ପାଇପାରିବେ। ପରୀକ୍ଷାର୍ଥୀମାନେ ସେମାନଙ୍କ ନିଟ୍ ପରୀକ୍ଷାର ଆଡ୍‌ମିଟ୍ କାର୍ଡ ଦେଖାଇ ବସ୍‌ରେ ଯାତାୟତ କରିପାରିବେ। ବସ୍‌ସେବା ଓ ଯାତାୟତ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ରବୀନ୍ଦ୍ର ନାଥ ଜେନା (୯୨୩୭୩୭୮୬୫୮) ଏବଂ ଚିତ୍ତରଞ୍ଜନ ସାହୁ (୯୨୩୭୩୭୮୫୭୨) ଙ୍କୁ ଯୋଗାଯୋଗ କରିପାରିବେ।

# ଖୁବ୍‌ଶୀଘ୍ର ରେଶମ ଚାଷୀଙ୍କୁ ବୀମା

## ମହିଳା ଚାଷୀଙ୍କ ନିମନ୍ତେ ସ୍ୱତନ୍ତ୍ର ହଷ୍ଟେଲ ବ୍ୟବସ୍ଥା



**ଭୁବନେଶ୍ୱର,୧୯।୬(ସମିସ):** ଖୁବ୍‌ଶିଘ୍ର ରେଶମ ଚାଷୀଙ୍କୁ ବୀମା, ମହିଳା ରେଶମ ଚାଷୀଙ୍କ ନିମନ୍ତେ ସ୍ୱତନ୍ତ୍ର ହଷ୍ଟେଲ ବ୍ୟବସ୍ଥା ସାଙ୍ଗକୁ କେନ୍ଦୁଝରର ଭାଗମୁଣ୍ଡାରେ ସ୍ପାଇନିଙ୍ଗ୍ ୟୁନିଟ୍‌ର ପୁନରୁଦ୍ଧାର କରାଯିବ। ଏହାସହ

**'ଟସର ପୋଷକ ବୃକ୍ଷ ନର୍ସରୀ ଓ ଏହାର ପରିଚାଳନା' ଶୀର୍ଷକ ପ୍ରଥମ କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁଭାରମ୍ଭ**

କୋକୁନ୍ ରିଅରିଂ ପାଇଁ ସେରିସେଡ୍ ବ୍ୟବସ୍ଥା କରାଯିବାକୁ ଯୋଜନା ରହିଛି ବୋଲି ବୟନ ଓ ହସ୍ତଶିଳ୍ପ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସୂଚନା ଦେଇଛନ୍ତି।

ଓଡ଼ିଶା ରାଜ୍ୟ ରେଶମ ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥା (ଓଏସ୍‌ଏସ୍‌ଆର୍ ଆଣ୍ଡ ଟିଆଇ) ପକ୍ଷରୁ 'ଟସର ପୋଷକ ବୃକ୍ଷ ନର୍ସରୀ ଓ ଏହାର ପରିଚାଳନା' ବିଷୟରେ ପ୍ରଥମ କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସଚିବ କହିଥିଲେ, ରେଶମ ଚାଷ ଏକ ବର୍ଷବ୍ୟାପୀ ଜୀବିକାମୂଳକ କାର୍ଯ୍ୟକଳାପ, ଯାହା ଚାଷୀମାନଙ୍କୁ ଲାଭଜନକ ଆୟ ପ୍ରଦାନ କରିଥାଏ। ଓଡ଼ିଶାରେ ପ୍ରାୟ ୧୫,୦୦୦ ପାରମ୍ପରିକ ପରିବାର ପ୍ରାୟ ୧ଲକ୍ଷ ଲୋକ ସକ୍ରିୟ ଭାବେ ରେଶମ ଚାଷ କରୁଛନ୍ତି। ଓଡ଼ିଶାରେ ଟସର ଚାଷ ଏକ ପୁରାତନ ଓ ପାରମ୍ପରିକ କୃଷି କାର୍ଯ୍ୟ। ରାଜ୍ୟର ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଢେଙ୍କାନାଳ, ଅନୁଗୁଳ, ଯାଜପୁର ଆଦି ୧୪ଟି ଜିଲ୍ଲାରେ ୪୬ହଜାର ୮୨୮ରୁ ଅଧିକ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପରିବାର ଟସର ଚାଷ ସହ ଜଡ଼ିତ ଅଛନ୍ତି। ପ୍ରତିବର୍ଷ ୫୦,୦୦୦ରୁ ଅଧିକ ଟସର କୋକୁନ ଉତ୍ପାଦନ ହେଉଥିବା ବେଳେ ଆଦିବାସୀ ଚାଷୀମାନେ ଅତ୍ୟଳ୍ପ ବିହନ ନିବେଶରେ ପ୍ରାୟ ୬ କୋଟି ଟଙ୍କା ଆୟ କରୁଛନ୍ତି। ତେବେ ଏରି ଚାଷ ଏକ ପାରମ୍ପରିକ ଚାଷ। କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, ଖୋର୍ଦ୍ଧା ଆଦି ଜିଲ୍ଲାର ପ୍ରାୟ ହଜାର ଏକର ଜମିରେ ଏରି ଚାଷ କରାଯାଉଥିବା ବେଳେ ୨ହଜାର ଜଣ ହିତାଧିକାରୀ ଏଥିରୁ ଉପକୃତ ହେଉଛନ୍ତି। ପ୍ରତିବର୍ଷ ପ୍ରାୟ ୭ ମେଟ୍ରିକ ଟନ୍ ଏରି କୋକୁନ ଉତ୍ପାଦିତ ହୋଇଥାଏ, ଯାହାର ମୂଲ୍ୟ ପ୍ରାୟ ୧୪ ଲକ୍ଷ ଟଙ୍କା।

ସେହିପରି ମଲବେରି ରେଶମ ଚାଷ ୧୨ଟି ଜିଲ୍ଲାରେ ଚାଷ କରାଯାଉଥିବା ବେଳେ ପ୍ରତିବର୍ଷ ପ୍ରାୟ ୪୦ ହଜାର କିଲୋଗ୍ରାମ ମଲବେରି କୋକୁନ ଉତ୍ପାଦନ ହେଉଥିବା ଏଥିରୁ ବାର୍ଷିକ ପ୍ରାୟ ୫୦ ଲକ୍ଷ ଟଙ୍କା ଆୟ କରୁଛନ୍ତି ଚାଷୀ। ଜୁନ୍ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯକ୍ରମରେ ବୟନଶିଳ୍ପ ଓ ହସ୍ତତନ୍ତ ବିଭାଗର ନିର୍ଦ୍ଦେଶକ ସୋମେଶ କୁମାର ଉପଧ୍ୟାୟ ଯୋଗଦେଇ 'ମୁଖ୍ୟମନ୍ତ୍ରୀ ରେଶମ ବିକାଶ ଯୋଜନା' ଅଧୀନରେ ଆଗାମୀ ୫ ବର୍ଷରେ ୨୭୪ କୋଟି ଟଙ୍କା ବିନିଯୋଗ କରି ଏହି ଚାରି ପ୍ରକାର ରେଶମର ବିକାଶ କରାଯିବା ସହ ବର୍ଷକ ମଧ୍ୟରେ ୧୧ଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ୧୬୫ଜଣଙ୍କୁ ମାତୃଭାଷାରେ ପ୍ରଶିକ୍ଷଣ ଦିଆଯିବାର ଲକ୍ଷ୍ୟ ରହିଥିବା କହିଛନ୍ତି। ଏହି ଅବସରରେ ଏକ ଅଡିଓ ଭିଜୁଆଲ ପ୍ରେଜେଣ୍ଟେସନ୍ ପ୍ରଦର୍ଶନ କରାଯାଇଥିଲା। ଏହାପରେ ଅତିଥିମାନେ 'ଏକ୍ ପେଡ୍ ମା' କେ ନାମ୍' ଅଧୀନରେ ବୃକ୍ଷରୋପଣ କରିଥିଲେ। ଅତିରିକ୍ତ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


# ଆଇଟିଇପି ନାମଲେଖା ପାଇଁ ଆଜିଠୁ ଆବେଦନ

**ଭୁବନେଶ୍ୱର, ୧୯ ।୬(ସମିସ):** ଚଳିତବର୍ଷ ଇଣ୍ଟିଗ୍ରେଟେଡ୍ ଟିଚର୍ ଏଜୁକେସନ ପ୍ରୋଗ୍ରାମ୍ (ଆଇଟିଇପି) ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆସନ୍ତାକାଲି ଅର୍ଥାତ୍ ଶନିବାର ଠାରୁ ଆରମ୍ଭ ହେବ। ପ୍ରବେଶିକା ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀମାନେ ଜୁଲାଇ ୫ ତାରିଖ ମଧ୍ୟରେ

**ଜୁଲାଇ ୧୦ରେ ପ୍ରକାଶ ପାଇବ ପ୍ରଥମ ମେଧା ତାଲିକା**

**ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ ହେବେ ନାମଲେଖା**

ଆବେଦନ କରିପାରିବେ। ଏହାପରେ ଛାତ୍ରଛାତ୍ରୀଙ୍କ ପ୍ରବେଶିକା ପରୀକ୍ଷାର ମାର୍କ ଆଧାରରେ ଜୁଲାଇ ୧୦ ତାରିଖରେ ପ୍ରଥମ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ। ଏହି ରାଉଣ୍ଡରେ ନାମଲେଖା ପାଇଁ ଚୟନ ହୋଇଥିବା ପିଲାମାନେ ୧୫ ତାରିଖ ମଧ୍ୟରେ ସ୍ଲାଇଡ୍ ବା ଫ୍ରିଜ୍ ଅପସନ୍ ଦେବାସହ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବେ। ବଳକା ସିଟ୍‌ରେ ନାମଲେଖା ପାଇଁ ଜୁଲାଇ ୨୧ରେ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ ଓ ୨୫ ତାରିଖ ମଧ୍ୟରେ ନାମଲେଖା ସରିବ। ଏହାପରେ ୨୯ ତାରିଖରେ ୱେଟିଂ ଲିଷ୍ଟ ତାଲିକା ପ୍ରକାଶ ପାଇବ। ୱେଟିଂ ଲିଷ୍ଟରେ ନାମଲେଖା ପାଇଁ ୩୦ ଓ ୩୧ ରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଯାଇ ଆବେଦନ ଫର୍ମ ଦାଖଲ କରିବା ପରେ ଅଗଷ୍ଟ ୧ରେ ମେଧା ତାଲିକା ପ୍ରକାଶ ପାଇବ। ୪ ତାରିଖ ମଧ୍ୟରେ ନାମଲେଖା ସରିବା ସହ ଅଗଷ୍ଟ ୧ ତାରିଖରୁ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଆଇଟିଇପି ପାଠ୍ୟକ୍ରମରେ ନାମଲେଖା ପାଇଁ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ଅନୁଷ୍ଠିତ ଏକକ ପ୍ରବେଶିକା ପରୀକ୍ଷା ହୋଇଥିଲା। ଏହାର ମାର୍କ ଅନୁଯାୟୀ ନାମଲେଖା ହେବ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟଜନିତ ସମସ୍ୟା ଦେଖା ଦେବ। କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ। ବୈବାହିକ ଜୀବନ ସୁଖମୟ ହେବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲରେ କଟିବ।

**ବୃଷ:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ। ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିବ। ବ୍ୟବସାୟରେ ଲାଭ ମିଳିବ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ବିଦେଶୀ ଭାଷା ଶିଖିବା ପ୍ରତି ଆଗ୍ରହ ବଢ଼ିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଲାଗି ବିଦ୍ୟାର୍ଥୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।

**ସିଂହ:** କାର୍ଯ୍ୟରେ ସଫଳତା ମିଳିବ। ଦିନଟି ବ୍ୟସ୍ତତା ଭିତରେ କଟିବ। ଜୀବନସାଥୀଙ୍କ ସହ ସମ୍ପର୍କ ମଧୁର ହେବ। ସାମାଜିକ କାର୍ଯ୍ୟରେ ସହଯୋଗ କରିବେ। ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**କନ୍ୟା:** ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ଗବେଷଣା କରୁଥିବା ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ।

**ତୁଳା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ। ଏମ୍‌ବିଏ ଛାତ୍ରଛାତ୍ରୀଙ୍କୁ ଚାକିରିର ସୁଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ଧନ ଲାଭର ଯୋଗ ଅଛି।

**ବିଛା:** ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ଆଇନ ମାମଲାରେ ସଫଳତା ମିଳିବ। ସନ୍ତାନଙ୍କ ବ୍ୟବହାରକୁ ନେଇ ଚିନ୍ତାରେ ରହିବେ।

**ଧନୁ:** ଖେଳକୁଦ ପ୍ରତି ବିଦ୍ୟାର୍ଥୀଙ୍କ ଆଗ୍ରହ ପରିଲକ୍ଷିତ ହେବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ଘରକୁ ଅତିଥିଙ୍କ ଆଗମନ ହେବ।

**ମକର:** ଦିନଟି କର୍ମତତ୍ପର ରହିବେ। ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିବେ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଖାଦ୍ୟପାନୀୟ ଉପରେ ଧ୍ୟାନ ଦେବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଅଯଥା କାମକୁ ନେଇ ଚିନ୍ତାରେ ରହିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ବିବାହ ପ୍ରସ୍ତାବ ଆସିବ।


**ମୀନ:** ଚାକିରିରେ ନୂଆ ସୁଯୋଗ ଜୁଟିବ ଏବଂ ସହକର୍ମୀଙ୍କ ସହଯୋଗ ମିଳିବ। ପରିବାରରେ ହସଖୁସିର ପରିବେଶ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ।

## ଆଜିର ଇତିହାସ

- ୧୮୩୭- ବ୍ରିଟେନର ମହାରାଣୀ ହେଲେ ଭିକ୍ଟୋରିଆ।
- ୧୮୫୮ -ଗ୍ୱାଲିୟର କିଲ୍ଲା ଉପରେ ବ୍ରିଟିଶ ସେନାର କବ୍‌ଜା।
- ୧୮୮୭- ମୁମ୍ବାଇର ସବୁଠୁ ବ୍ୟସ୍ତତମ ରେଳ ଷ୍ଟେସନ ଭିକ୍ଟୋରିଆ ଟର୍ମିନସ୍ ଲୋକଙ୍କ ପାଇଁ ଖୋଲିଲା।
- ୧୯୧୬- ଭାରତର ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟ ଏସ୍.ଏନ୍.ଡି.ଟି ପୁନେରେ ସ୍ଥାପନା କରାଗଲା।
- ୧୯୯୦- ଇରାନ୍‌ରେ ଆସିଥିବା ଭୂମିକମ୍ପରେ ୪୦ ହଜାର ଲୋକଙ୍କ ପ୍ରାଣହାନି।

# ଡମି ସହର

କଳା ମଚମଚ ପିଚୁ ରାସ୍ତା, ଟ୍ରାଫିକ୍ ସିଗନାଲ୍, ଗାଡ଼ିଗୁଡ଼ିକ ପାଇଁ ପେଟ୍ରୋଲ ପମ୍ପ, ବିଳାସପୂର୍ଣ୍ଣ ଘର ଏବଂ ହୋଟେଲ, ରୋଗୀମାନଙ୍କ ଚିକିତ୍ସା ପାଇଁ ହସ୍ପିଟାଲ୍ ଥିବା ସତ୍ତ୍ୱେ ଯଦି କୌଣସି ସହରରେ ଜଣେ ହେଲେ ବି ମଣିଷ ରହୁ ନ ଥିବେ ଏକଥା ଶୁଣି ଜଣକୁ ଆଶ୍ଚର୍ଯ୍ୟ ଲାଗୁଥିବ। ପ୍ରଥମେ ଏହା କୌଣସି ହରର୍ ଫିଲ୍ମର ସେଟ୍ ଭଳି ଅନେକ ଭାବିବେ। ପ୍ରକୃତରେ ଏହା ଆମେରିକାର ଗୁପ୍ତଚର ସଂସ୍ଥା ଏଫ୍‌ବିଆଇର ଏକ ଅତ୍ୟନ୍ତ ଗୋପନୀୟ ଏବଂ ହାଇଟେକ୍ ମାଷ୍ଟରପ୍ଲାନ୍। ଆଲାବାମାର ହଣ୍ଟସଭିଲ୍‌ରେ ତିଆରି ହୋଇଥିବା ଏହି ନକଲି ସହର ଉପରେ ଏଫ୍‌ବିଆଇ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛି। ଏହା କୌଣସି ସାଧାରଣ ସ୍ଥାନ ନୁହେଁ, ବରଂ ୨୨,୦୦୦ ବର୍ଗ ଫୁଟ୍ ଅଞ୍ଚଳରେ ବ୍ୟାପିଥିବା ଏକ ଏମିତି ଦୁନିଆ, ଯାହାକୁ ଅବିକଳ ଆମେରିକାର କୌଣସି ଏକ ଛୋଟ ସହର ଭଳି ଡିଜାଇନ୍ କରାଯାଇଛି। ଏଫ୍‌ବିଆଇ ଏହି ସହରକୁ 'କାଇନେଟିକ୍ ସାଇବର ରେଞ୍ଜ' ନାମ ଦେଇଛି। ଏହାକୁ ତିଆରି କରିବା ପଛର ଉଦ୍ଦେଶ୍ୟ ଚତୁର ହ୍ୟାକର୍‌ମାନଙ୍କୁ ଉଚିତ୍ ଶିକ୍ଷା ଦେବା। ପ୍ରକୃତରେ ଏହା ଏଫ୍‌ବିଆଇ ଦ୍ୱାରା ନିର୍ମିତ ଏମିତି ଏକ ସ୍ଥାନ ଯେଉଁଠି ଏଜେଣ୍ଟମାନେ ବନ୍ଦ କୋଠରୀର ଲାଇଭ୍ ସାଇବର ଆକ୍ରମଣର ମୁକାବିଲା କରିବା ପାଇଁ ଟ୍ରେନିଂ ନେଇଥାନ୍ତି। ଆମେରିକାରେ ସାଇବର ଆକ୍ରମଣ ଯୋଗୁଁ ବାର୍ଷିକ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର କ୍ଷତି ହେଉଛି, ଯାହା ପ୍ରତିବର୍ଷ ୨୬% ହାରରେ ବଢ଼ିବାରେ ଲାଗିଛି। ହ୍ୟାକର୍‌ମାନେ କେବଳ କମ୍ପ୍ୟୁଟର ନୁହେଁ, ବରଂ ହସ୍ପିଟାଲ୍, ବିଦ୍ୟୁତ୍ ଯୋଗାଣ କେନ୍ଦ୍ର ଏବଂ ବ୍ୟାଙ୍କିଙ୍ଗ୍ ସିଷ୍ଟମକୁ ଅଚଳ କରିବାକୁ ଚେଷ୍ଟା କରୁଛନ୍ତି। ଯଦି ହ୍ୟାକର୍‌ମାନେ ଏକାସଙ୍ଗେ ସାରା ସହରକୁ ବ୍ଲାକ୍‌ଆଉଟ୍ କରିଦିଅନ୍ତି କିମ୍ବା ମେଡିକାଲ୍ ସିଷ୍ଟମ୍ ବନ୍ଦ କରିଦିଅନ୍ତି, ତେବେ ଦେଶରେ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହେବ। ସେଭଳି ସଂକଟରୁ ବର୍ତ୍ତିବା ପାଇଁ ଏଫ୍‌ବିଆଇ ଏହି ନକଲି ସହରରେ ଆଗୁଆ ଅଭ୍ୟାସ କରୁଛି। ଏହି ମାଷ୍ଟରପ୍ଲାନ୍ ବହୁତମାତ୍ରାରେ ସଫଳ ମଧ୍ୟ ହୋଇଥିବା କୁହାଯାଉଛି, କାରଣ ଏହି ନକଲି ସହରରେ ଏପର୍ଯ୍ୟନ୍ତ ୧,୪୦୦ ରୁ ଅଧିକ ସାଇବର ଯୋଦ୍ଧାଙ୍କୁ ଟ୍ରେନିଂ ଦେଇ ଦେଶକୁ ସୁରକ୍ଷା ଦେବା ପାଇଁ ପ୍ରସ୍ତୁତ କରାଯାଇଛି। ସାଧାରଣ କ୍ଲାସରୁମ୍ ପାଠପଢ଼ା ଅପେକ୍ଷା ଏହି ସହରର ଲାଇଭ୍ ପ୍ରାକ୍ଟିସ୍ ଏଜେଣ୍ଟମାନଙ୍କୁ ଏତେ ଶକ୍ତିଶାଳୀ କରୁଛି ଯେ, ସେମାନେ ଦୁନିଆର ସବୁଠାରୁ ଚତୁର ହ୍ୟାକର୍‌ମାନଙ୍କର ଜଟିଳ ସିକ୍ୟୁରିଟି କୋଡ୍ ଏବଂ ଡିଜିଟାଲ୍ ଲକ୍‌କୁ ସହଜରେ ଭାଙ୍ଗିବାକୁ ସକ୍ଷମ ହେଉଛନ୍ତି।



# ବିଶ୍ୱ ଶରଣାର୍ଥୀ ଦିବସ

ପ୍ରତିବର୍ଷ ଜୁନ୍ ୨୦ ତାରିଖକୁ 'ବିଶ୍ୱ ଶରଣାର୍ଥୀ ଦିବସ' ଭାବେ ପାଳନ କରାଯାଏ। ନିଜର ଘରଦ୍ୱାର ଓ ଜନ୍ମଭୂମି ଛାଡ଼ିବାକୁ ବାଧ୍ୟ ହୋଇଥିବା ଶରଣାର୍ଥୀମାନଙ୍କର ସାହସ, ସଂଘର୍ଷ ଏବଂ ଦୃଢ଼ତାକୁ ସମ୍ମାନ ଜଣାଇବା ଏହି ଦିବସର ମୂଳ ଉଦ୍ଦେଶ୍ୟ। ଏହି ଦିନକୁ ମୁଖ୍ୟତଃ ସେହି ଲୋକଙ୍କ ଉଦ୍ଦେଶ୍ୟରେ ପାଳନ କରାଯାଏ, ଯେଉଁମାନେ ଦିନେ ନିଜ ଭିଟାମାଟି ଏବଂ ଅନ୍ୟ ସମସ୍ତ ଜିନିଷ ଛାଡ଼ି ଅନ୍ୟତ୍ର ସ୍ଥାନାନ୍ତର ହେବାକୁ ବାଧ୍ୟ ହୋଇଥିଲେ। ସେମାନଙ୍କ ପ୍ରତି ସମ୍ବେଦନା ପ୍ରଦାନ କରିବା ପାଇଁ ଏହି ଦିବସର ଆୟୋଜନ କରାଯାଏ। ଶରଣାର୍ଥୀମାନଙ୍କୁ ସହଯୋଗ କରିବା ତଥା ସେମାନଙ୍କୁ ଥଇଥାନ କରିବା ପାଇଁ ରାଜନୈତିକ ଇଚ୍ଛାଶକ୍ତି ବୃଦ୍ଧି କରି ସେମାନଙ୍କୁ ଅନ୍ୟ ଦେଶରେ ପୁଣି ଥରେ ସୁରୁଖୁରରେ ଜୀବନ ଅତିବାହିତ କରିବାର ସୁବିଧାସୁଯୋଗ ଦେବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ। ବର୍ତ୍ତମାନ ସୁଦାନ, ୟୁକ୍ରେନ, ଆଫଗାନିସ୍ତାନ, ସିରିଆ ଏବଂ ମିଆଁମାର୍‌ରେ ଚାଲିଥିବା ଯୁଦ୍ଧ ଓ ହିଂସା ଯୋଗୁଁ ସବୁଠାରୁ ଅଧିକ ଲୋକ ଶରଣାର୍ଥୀ ପାଲଟିଛନ୍ତି। ପ୍ରଥମେ ଏହି ଦିବସ ୨୦୦୧ ଜୁନ୍ ୨୦ରେ ପାଳନ କରାଯାଇଥିଲା। ଶରଣାର୍ଥୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ୨୦୦୧ ମସିହାରେ ୧୯୫୧ରେ ଆୟୋଜିତ ଶରଣାର୍ଥୀ ସମ୍ମିଳନୀର ୫୦ ତମ ବାର୍ଷିକୀ ପାଳନ ଅବସରରେ ଏହି ଦିବସ ପାଳନ ପାଇଁ ମିଳିତ ଜାତିସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଦିନ ସମଗ୍ର ବିଶ୍ୱରେ ଥିବା ଶରଣାର୍ଥୀଙ୍କ ଉନ୍ନତି ପାଇଁ ପଦକ୍ଷେପ ନିଆଯିବା ସହ ଅନ୍ତର୍ଜାତୀୟ ସ୍ତରରେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯାଏ। ଆଜିର ଏହି ଦିନର ବିଶେଷ ଉଦ୍ଦେଶ୍ୟ ହେଉଛି ଶରଣାର୍ଥୀମାନଙ୍କ ପରିବାରର ସୁରକ୍ଷା, ସେମାନଙ୍କ ପିଲାମାନଙ୍କ ସୁରକ୍ଷା ଓ ସମାଜରେ ତିଷ୍ଠିବା ପାଇଁ ସେମାନଙ୍କୁ ରୋଜଗାର ଦେବା ଦିଗରେ ଜନସଚେତନତା ସୃଷ୍ଟି କରିବା। ଭାରତ ୧୯୫୧ ଜାତିସଂଘ ଶରଣାର୍ଥୀ ସମାବେଶର ସ୍ୱାକ୍ଷରକାରୀ ଦେଶ ନୁହେଁ। ତଥାପି, ମାନବିକତା ଆଧାରରେ ଭାରତ ବହୁ ବର୍ଷ ଧରି ତିବ୍ବତ, ଶ୍ରୀଲଙ୍କା, ଆଫଗାନିସ୍ତାନ ଏବଂ ମିଆଁମାର୍‌ରୁ ଆସିଥିବା ହଜାର ହଜାର ଶରଣାର୍ଥୀଙ୍କୁ ଆଶ୍ରୟ ଓ ମୌଳିକ ସୁବିଧା ଯୋଗାଇ ଦେଇଆସୁଛି। ଚଳିତ ବର୍ଷ ଏହି ଦିବସର ଥିମ୍ "ସମସ୍ତେ ସୁରକ୍ଷିତ ନ ହେବା ପର୍ଯ୍ୟନ୍ତ" ରଖାଯାଇଛି।

# ବଜେଟ୍ କାରଣରୁ ଅଡୁଆରେ 'ବାରାଣସୀ'



୨୦୨୭ର ସବୁଠାରୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ତାଲିକାରେ ଏସ୍.ଏସ୍. ରାଜାମୌଳିଙ୍କ ଫିଲ୍ମ 'ବାରାଣସୀ' ରହିଛି। ଏଥିରେ ଲିଡ୍ ରୋଲରେ ମହେଶ ବାବୁ ଓ ପ୍ରିୟଙ୍କା ଚୋପ୍ରା ନଜର ଆସିବେ। ସେହିପରି ପୃଥ୍ୱୀରାଜ ସୁକୁମାରନ୍ ଏହି ଚଳଚ୍ଚିତ୍ରରେ ଖଳନାୟକ ଭାବେ ଦେଖାଯିବେ। ଏହା ଭାରତୀୟ ସିନେମାର ଦ୍ୱିତୀୟ ସବୁଠୁ ବ୍ୟୟବହୁଳ ଚଳଚ୍ଚିତ୍ର ହେବ ବୋଲି କୁହାଯାଉଛି। ୧୨୦୦-୧୩୦୦ କୋଟି ଟଙ୍କାର ବଜେଟ୍‌ରେ ଏହାକୁ ପ୍ରସ୍ତୁତ କରାଯାଉଛି। ଚଳଚ୍ଚିତ୍ରର ବଜେଟ୍ ବଢ଼ିଯିବାରୁ ଏହା ନିର୍ମାତାମାନଙ୍କ ଚିନ୍ତା ବଢ଼ାଇ ଦେଇଛି ବୋଲି ଅନେକ ଦିନରୁ ଖବର ଆସୁଛି। ହେଲେ ଏଯାବତ୍ ବିଧିବଦ୍ଧ ଭାବେ ଫିଲ୍ମ ନିର୍ମାତା କିଛି କହିନାହାନ୍ତି। ରାଜାମୌଳିଙ୍କ ଚଳଚ୍ଚିତ୍ରଗୁଡ଼ିକର ବଜେଟ୍ ବଢ଼ିବା କୌଣସି ନୂଆ କଥା ନୁହେଁ। ଏମିତି ପ୍ରାୟତଃ ହୋଇଆସୁଛି, 'ବାରାଣସୀ' କ୍ଷେତ୍ରରେ ଏହା ହେବା କୌଣସି ନୂଆ କଥା ନୁହେଁ। ଅପରପକ୍ଷରେ ରାଜାମୌଳି ଏହି ଫିଲ୍ମର ନିର୍ଦ୍ଦେଶନା ଦେବା ପାଇଁ କୌଣସି ପାରିଶ୍ରମିକ ନେଇନାହାନ୍ତି, ଏପରିକି ମହେଶ ବାବୁ ମଧ୍ୟ ଏପର୍ଯ୍ୟନ୍ତ କୌଣସି ନିର୍ଦ୍ଧାରିତ ଫିସ୍ ନେଇ ନ ଥିବା ଜଣାପଡ଼ିଛି। ଅବଶ୍ୟ ଉଭୟ ଫିଲ୍ମର ଲାଭର ଅଂଶୀଦାର ରହିବେ। ତେବେ ଏପରି କରିବା ପଛର କାରଣ ହେଉଛି, ଯେପରି ଚଳଚ୍ଚିତ୍ର ନିର୍ମାତାଙ୍କ ଉପରେ କୌଣସି ପ୍ରକାରର ଆର୍ଥିକ ଚାପ ନ ପଡ଼େ। ତଥାପି ଚଳଚ୍ଚିତ୍ରର ବଜେଟ୍ ବଢ଼ିଯାଇଛି। ନିକଟରେ 'ବାରାଣସୀ'କୁ ନେଇ ସୂଚନା ମିଳିଛି ଯେ, ଚଳଚ୍ଚିତ୍ରର ଯେଉଁ ବଜେଟ୍ ଫିଲ୍ମ ଆରମ୍ଭ ପୂର୍ବରୁ ଚିନ୍ତା କରାଯାଇଥିଲା, ଏବେ ତାହା ତା'ଠାରୁ ମଧ୍ୟ ଅଧିକ ହୋଇଯାଇଛି। ଏହା ସହିତ ଚଳଚ୍ଚିତ୍ରର ଗ୍ରାଣ୍ଡ ଭିଜନକୁ ପୂରଣ କରିବା ପାଇଁ ଏବେ ନିର୍ମାତାମାନଙ୍କୁ ଆହୁରି ଅଧିକ ଟଙ୍କା ଲଗାଇବାକୁ ପଡୁଛି। ରାଜାମୌଳିଙ୍କର ଯେଉଁଭଳି ସିନେମା ଶୈଳୀ, ସେ ନିଜ ଚଳଚ୍ଚିତ୍ରର ଆଉଟପୁଟ୍ ଅପେକ୍ଷା ବଜେଟ୍‌କୁ କେବେହେଲେ ଅଧିକ ଗୁରୁତ୍ୱ ଦିଅନ୍ତି ନାହିଁ। ଏହି କାରଣରୁ ତାଙ୍କର ପୂର୍ବ ଚଳଚ୍ଚିତ୍ରଗୁଡ଼ିକ ବ୍ଲକବଷ୍ଟର୍ ପ୍ରମାଣିତ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ରାଜାମୌଳିଙ୍କ ଚଳଚ୍ଚିତ୍ରଗୁଡ଼ିକ ଏତେ ଚମତ୍କାର ହୋଇଥାଏ ଯେ, ତାହା ସହଜରେ ନିଜର ବଜେଟ୍ ଉଠାଇ ନେଇଥାଏ। ତେବେ ଯଦି ବଜେଟ୍ ୧୨୦୦-୧୩୦୦ କୋଟିରୁ ଅଧିକ ବଢ଼ିଯାଏ, ତେବେ ସମସ୍ୟା ହେବ ବୋଲି ଟ୍ରେଡ୍ ଆନାଲିଷ୍ଟମାନେ ମତ ଦେଇଛନ୍ତି। ଅବଶ୍ୟ ରାଜାମୌଳିଙ୍କ ନିର୍ଦ୍ଦେଶନା ଓ ଏଥିରେ ବଡ଼ ବଡ଼ କଳାକାର ଅଭିନୟ କରୁଥିବାରୁ ଫିଲ୍ମ ସେତିକି ରୋଜଗାର କରିବା ଆଶା କରାଯାଉଛି।

## ପ୍ରହେଳିକା

- ଜୁନ୍ ଏକୋଇଶି ତାରିଖେ ମିତ
ଖୁସିରେ ହସଇ ସାରା ଜଗତ
ସୁସ୍ଥ ଓ ସବଳ ଶରୀର ପାଇଁ
ଆସନ କରନ୍ତି ଭଉଣୀ, ଭାଇ
ରୋଗ ନ ଆସଇ ପାଶ
ସମଗ୍ର ବିଶ୍ୱରେ ସଭିଏଁ ପାଳନ୍ତି
କୁହ ସେ କେଉଁ ଦିବସ।
ଉତ୍ତର-ବିଶ୍ୱ ଯୋଗ ଦିବସ

- ଜ୍ୟୈଷ୍ଠ ଅନ୍ତେ ସେହି ମାସଟି ଆସେ
ନୀଳ ଆକାଶରେ ବାଦଲ ଭାସେ
ବାଦଲ ବୁକୁରୁ ଝରେ ବରଷା
ଜୀବ ଜଗତର ମେଣ୍ଟଇ ତୃଷା
ଭିଜଇ ଧରଣୀ ପୃଷ୍ଠ
ତା'ର ଆଗମନେ ଚଷାପୁଅ ହସେ
କୁହ'ତ ତା'ନାମ ମିତ।
ଉତ୍ତର-ଆଷାଢ଼ ମାସ

- ଗ୍ରୀଷ୍ମକାଳ ଯେବେ ଧରାରୁ ହଟେ
କୋଳିଟିଏ ମିଳେ ବଜାର ହାଟେ
କଳା ମଚମଚ ଶରୀର ତା'ର
କରିଥାଏ ସେ ରୋଗ ପ୍ରତିକାର
କଷା ଓ ମଧୁର ସ୍ୱାଦ
ଲୁଣ ଗୋଳାଇଲେ ଭାରି ଭଲ ଲାଗେ
କୁହ ତା'ର ନାମ ମିତ।
ଉତ୍ତର-ଜାମୁକୋଳି

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର





## ବାପା



ସୁହଂସ ଭୋଇ

ମାଆ ମମତାର ନଈଟିଏ ହେଲେ
ବାପା ତ ସାଗର ପରି,
ହୃଦୟରେ ଯା'ର ସେନେହ ଆଦର
ରହିଛି ଅମାପ ଭରି।
ଘର ପରିବାର ବଗିଚା ପରିକା
ଆମେ ତ ଫୁଲର କଳି,
ସାରା ରାତି ଦିନ କରେ ସେ ଯତନ
ବାପା ବଗିଚାର ମାଳି।
ସତେକି ଯେମିତି ପୁଅ ଝିଅ ତା'ର
ମୁଠିଏ ଶୁଖିଲା ମାଟି,
ଓଦା କରି ତାକୁ ଗଢ଼ିଦିଏ ବାପା
ସୁନ୍ଦର କଣ୍ଢେଇ ଗୋଟି।
ନଭ ମଣ୍ଡଳର ବାପା ଦିବାକର
ଆମେ ଟିକି ଟିକି ତାରା,
ଅନ୍ଧାରେ ଆଲୁଅ ଦେଖାଏ ଆମକୁ
ଝଲସି ଉଠଇ ଧରା।
ବାପା ଝଙ୍କାଳିଆ ବରଗଛଟିଏ
ବାଟେ ଅଛି ଠିଆ ହୋଇ,
ହସି ହସି ନିଜେ ଖରାତରା ସହି
ଆମକୁ ଦିଏ ସେ ଛାଇ।
ଦୁଃଖ ସୁଖ ଭରା ଦୁନିଅରେ ଆଉ
ବାପା ପରି କେହି ନାହିଁ,
ଛାତିକୁ ପଥର କରି ବାଟ ଚାଲେ
କାନ୍ଧରେ ଜଂଜାଳ ବୋହି।

ପହଣ୍ଡି, ବିଜେପୁର, ବରଗଡ଼

# ସୁମନ

## ପଢ଼ିଲେ ଜାଣିବା, ଜାଣିଲେ ଜିଣିବା



ଦେବରାଜ ପାଣିଗ୍ରାହୀ


ବାପାମାଆଙ୍କର ଗୋଟିଏ ବୋଲି ପୁଅ ହୋଇଥିବାରୁ ଟୁଲୁ ପିଲାଦିନରୁ ଗେଲବସରରେ ବଢ଼ିଥାଏ। ବାପା ସନାତନ ବାବୁ ଓ ମାଆ ମୀନା ଦେବୀ ତା'ର ସବୁ ଅଳିଅର୍ଦ୍ଦଳି ପୂରଣ କରି ଦିଅନ୍ତି। ହେଲେ ଏତେ ସବୁ ସୁବିଧା ସୁଯୋଗ ଭିତରେ ବି ସେ ପାଠ ପଢ଼ାରେ ମନ ଦିଏନି। କାହା କଥା ଶୁଣେନି କି ମାନେନି, ମନକୁ ଯେତେବେଳେ ଯାହା ଆସେ ତାହା କରେ। ଘରେ, ବାହାରେ, ବିଦ୍ୟାଳୟରେ ସବୁବେଳେ ତା' ନାଆଁରେ କିଛି ନା କିଛି ଅଭିଯୋଗ। ବୟସ ବଢ଼ିବା ସହିତ ତା'ର ଦୁଷ୍ଟାମି କମିବା ପରିବର୍ତ୍ତେ ବଢ଼ିବଢ଼ି ଚାଲିଲା। ବାପାମାଆ, ଶିକ୍ଷକ ଶିକ୍ଷୟିତ୍ରୀ, ଗୁରୁ ଗୁରୁଜନ, ସାଙ୍ଗସାଥୀ ଯିଏ ଯେତେ ପ୍ରକାରେ ବୁଝେଇ ସୁଝେଇ କହିଲେ ବି ଟୁଲୁ ଉପରେ କୌଣସି ପ୍ରଭାବ ପଡ଼େନାହିଁ। ସବୁକିଛିକୁ ଏ କାନରେ ଶୁଣି ସେ କାନରେ ବାହାର କରିଦିଏ। ବାପାମାଆଙ୍କର ସବୁବେଳେ ଗୋଟିଏ ଚିନ୍ତା, ପିଲାଟା ଠିକଣା ବାଟରେ ନ ପଡ଼ିଲେ ତା'ର ଭବିଷ୍ୟତ କ'ଣ ହେବ ? ପରିବାରର ଭବିଷ୍ୟତ କ'ଣ ହେବ ? ସେଦିନ ବାପାମାଆ ଆଉ ଟୁଲୁ ଶୋଇଥାନ୍ତି। ସକାଳୁ ସକାଳୁ ବାପାଙ୍କର ଫୋନ୍ ରିଂ ହେଲା। ଟୁଲୁ ଫୋନ୍ ଉଠାଇ କହିଲା – "ହ୍ୟାଲୋ, କିଏ କହୁଛନ୍ତି ? " ସେପଟୁ ଶୁଭିଲା" କିରେ ଟୁଲୁ, ମୁଁ ତୋର ଜେଜେବାପା କହୁଛି। ତୁ ସହରରେ ବାପାମାଆଙ୍କ ସହିତ ରହୁଛୁ, ଭଲ ଅଛୁ ତ? ଆରେ ମୁଁ ଗାଆଁରେ ରହୁଛି ବୋଲି କ'ଣ ମୋର ପାଟି ବାରିପାରୁନୁ ? ହଇରେ ନାତି, ଆଜି ମୁଁ ମଧ୍ୟାହ୍ନରେ ତୁମ ଘରେ ପହଞ୍ଚୁଛି। ଏଥର ତୁମ ଘରେ ମାସେ କାଳ ରହିବି। ବାପାମାଆଙ୍କୁ କହିଦେବୁ।" ଖୁସି ମନରେ ଜେଜେଙ୍କୁ ପ୍ରଣାମ ଜଣାଇ ଟୁଲୁ କହିଲା – "ନାଇଁ ଜେଜେ, ସେମିତି ନୁହଁ। ଶୋଇଥିଲି ତ ହଠାତ୍ ତୁମ ପାଟି ବାରିପାରିଲି ନାହିଁ। ଆମ ଘର କ'ଣ, ତୁମ ଘର କ'ଣ ? ଆସ ଜେଜେ ଆମ ଘରେ ଯେତେଦିନ ଚାହିଁବ, ସେତେଦିନ ରହିପାରିବ। କିଛି ଅସୁବିଧା ହେବନି। ବଢ଼ିଆ ହେବ, ମଜା କରିବା। ଠିକ୍ ଅଛି, ମୁଁ ଏବେ ବାପାମାଆଙ୍କୁ କହି ଦେଉଛି। "ଜେଜେ ଆସୁଥିବା ଜାଣି ବାପାମାଆ ମଧ୍ୟ ବହୁତ ଖୁସି ହେଲେ। ଜେଜେ ଆସିବା ପରେ ଦୁଇତିନି ଦିନ ଭିତରେ ଟୁଲୁର ମତିଗତି ଲକ୍ଷ୍ୟ କରି ସବୁ କଥା ଜାଣି ପାରିଲେ। ସେ ଭାବିଲେ, ଟୁଲୁକୁ ଉପଦେଶ କି ପରାମର୍ଶ ଦେଇ କି ଗାଳିମାଡ଼ ଦେଇ, ବାଟକୁ ଆଣି ହେବ ନାହିଁ। ପିଲାଟା ଯଦି ବାଟକୁ ନ ଆସିବ ତା'ର ଭବିଷ୍ୟତ ଅନ୍ଧକାର ହୋଇଯିବ। ଏଥିପାଇଁ କିଛି ଗୋଟେ ଉପାୟ ବାହାର କରିବାକୁ ପଡ଼ିବ। ସବୁ ଦିଗରୁ ଚିନ୍ତା କରିବା ପରେ ଦିନେ ଜେଜେ ଟୁଲୁକୁ ଡାକି କହିଲେ– "କିରେ ନାତିଆ, ଚାଲ, ଆଜି ବଜାରକୁ ବୁଲିଯିବା। ତୋତେ ଭଳିକିଭଳି ଜିନିଷ କିଣି ଦେବି। "ଟୁଲୁ ହଁ ଜେଜେ କହି ଶୀଘ୍ର ବାହାରି ପଡ଼ିଲା। ବିଭିନ୍ନ ଦୋକାନରୁ ନିଜ ମନ ପସନ୍ଦର ଭଳିକିଭଳି ଜିନିଷ କିଣିଲା। ଶେଷରେ ଜେଜେ ତାକୁ ଏକ ବହି ଦୋକାନକୁ ଡାକି ନେଇ ମନଛୁଆଁ ଶିଶୁ ଗଳ୍ପ ପତ୍ରିକାଟିଏ କିଣି ଦେଇ କହିଲେ -"ବାବୁରେ, ଏହି ବହିରେ ମନଛୁଆଁ, ସରସ ସୁନ୍ଦର କୋଡ଼ିଏଟି କାହାଣୀ ଅଛି। ତୁ ଘରକୁ ଗଲେ କାହାଣୀଗୁଡ଼ିକ ମନଧ୍ୟାନ ଦେଇ ପଢ଼ିବୁ। ନିହାତି ଭାବରେ ଭଲ ଲାଗିବ। ଗୋଟିଏ କାହାଣୀ ପଢ଼ି ସାରିବା ପରେ ଯଦି ମୋ ଆଗରେ ତାହା ଆଉ ଥରେ କହିବୁ ଆଉ ସେହି କାହାଣୀରୁ କ'ଣ ଶିଖିଲୁ ତାହା କହିପାରିବୁ ତେବେ ମୁଁ ତୋତେ ଦଶ ଟଙ୍କିଆ ନୋଟ୍‌ଟିଏ ଦେବି। ତାକୁ ତୁ ନିଜ ଇଚ୍ଛାରେ ଖର୍ଚ୍ଚ କରିବୁ। ଆଉ ଶୁଣ, ବହିରୁ ପଢ଼ି ଦିନକୁ ମୋତେ ଯେତୋଟି ଗପ କହିବୁ ମୋଠାରୁ ସେତୋଟି ଦଶଟଙ୍କି ପାଇବୁ। "କେବଳ ଗପଟିଏ ପଢ଼ି କରି ଜେଜେଙ୍କ ଆଗରେ ବର୍ଣ୍ଣନା କରି କହିଲେ ଦଶ ଟଙ୍କା ମିଳିଯିବ ଜାଣି ଟୁଲୁ ଖୁସି ମନରେ ହଁ ଜେଜେ ବଢ଼ିଆ ହେବ ବୋଲି କହିଲା। ପ୍ରଥମ ଦିନ ସେ ଗୋଟିଏ ଗପ କହି ଦଶ ଟଙ୍କା ପାଇଲା। ତା' ପର ଦିନ ଦୁଇଟି ଗପ ଓ ସେଥିରୁ କ'ଣ ଶିଖିଲା କହି କୋଡ଼ିଏ ଟଙ୍କା ପାଇଲା। ତୃତୀୟ ଦିନ ତିରିଶି, ଚତୁର୍ଥ ଦିନ ତିରିଶି ଏହିପରି ଭାବରେ ସେ ଜେଜେଙ୍କଠାରୁ ଗପ ବାବଦରେ ଟଙ୍କା ପାଇ ଚାଲିଲା। ଧୀରେ ଧୀରେ ବହି ପଢ଼ିବା ଟୁଲୁର ନିଶା ପାଲଟିଗଲା। ଜେଜେ ମଧ୍ୟ ତାକୁ ବିଭିନ୍ନ ପ୍ରକାରର ଶିଶୁ ପତ୍ରିକା ଆଣି ଦେଉଥାନ୍ତି। ଦିନେ ଜେଜେ ଟୁଲୁକୁ ପଚାରିଲେ -" କିରେ ବାବା, ତୁ ତ ମୋତେ ଗପ ପଢ଼ି କରି ଶୁଣାଉଛୁ ଆଉ ସେହି ଗଳ୍ପରୁ କ'ଣ ଶିଖିଲୁ ତାହା ବି କହୁଛୁ, ତେବେ ମୋର ଗୋଟିଏ ପ୍ରଶ୍ନ - ଏଇ କ'ଣ ଶିଖିଲୁ ଖାଲି ମୋ ଆଗରେ କହୁଥିବୁ ନା ନିଜ ଜୀବନରେ ପାଳନ କରିବୁ ?" " ଟୁଲୁ ଘଡ଼ିଏ ଚିନ୍ତା କଲା ଆଉ କହିଲା - " ଜେଜେ ମୁଁ ଶିଖିଥିବା ସୁଗୁଣ ଓ ଭଲ ଜିନିଷ ନିଜ ଜୀବନରେ ପାଳନ କରିବାକୁ ପଡ଼ିବ। ଆଜି ଶପଥ ନେଉଛି, ଶିଖିଥିବା ଭଲ କଥାଗୁଡ଼ିକ ନିଶ୍ଚୟ ପାଳନ କରିବି। ବହିର ପ୍ରଭାବରେ ଆସ୍ତେ ଆସ୍ତେ ଟୁଲୁର ଚାଲିଚଳଣି, କଥାବାର୍ତ୍ତା, ଆଚାର ବ୍ୟବହାର ସବୁ କିଛି ବଦଳି ଗଲା। ସଞ୍ଚୟର ମୂଲ୍ୟ ବୁଝିପାରିଲା, ବଦଖର୍ଚ୍ଚ କଲା ନାହିଁ। ଆଉ କାହା ସହିତ କଳିକଜିଆ ଲାଗିଲା ନାହିଁ। ସମୟର ସୁବିନିଯୋଗ କରିବା ସହିତ ଭଲ ପାଠ ମଧ୍ୟ ପଢ଼ିଲା। ମାସେ ପରେ ଜେଜେ ଗାଆଁକୁ ଚାଲିଗଲେ ହେଲେ ଟୁଲୁ ବହି ପଢ଼ା ଛାଡ଼ି ପାରିଲା ନାହିଁ। ସେ ବର୍ଷ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ତାକୁ ଆଦର୍ଶ ଛାତ୍ର ଭାବରେ ପୁରସ୍କୃତ କରାଗଲା। ପିଲାମାନେ, ବହି ହେଉଛି ଆମର ଅସଲ ମିତ, ସର୍ବଶ୍ରେଷ୍ଠ ବନ୍ଧୁ। ବହି ସବୁବେଳେ ଆମକୁ ଭଲ କଥା ହିଁ ଶିଖାଇଥାଏ। କଥାରେ ଅଛି " ପଢ଼ିଲେ ଜାଣିବା, ଜାଣିଲେ ଜିଣିବା।"



ପୁଇଁନ୍ତଲା, ବଲାଙ୍ଗୀର

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।

## ଶିଶୁ ତୁଳୀରେ ଛବି





ସ୍ୱସ୍ତିତପା ମେକାପ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା, ପୁରୀ





ସାଇଶ୍ରୀ ବେହେରା
ଚତୁର୍ଥ ଶ୍ରେଣୀ
ଭାରତୀୟ ବିଦ୍ୟା ନିକେତନ
ନିମାପଡ଼ା





ପ୍ରତୀକ କୁମାର ଅଦାବର
ଷଷ୍ଠ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ରଥପୁର, ସୁବର୍ଣ୍ଣପୁର





ଦେବହୂତି ବରଦୋଲକ୍ଷ୍ମୀ ରାଉତ
ଦ୍ୱିତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା






## ୨୦ ବର୍ଷୀୟ ଜୋହାନଙ୍କ ଡବଲ୍ ଗୋଲ୍
# ସ୍ୱିଜରଲାଣ୍ଡ-୪, ବୋସ୍ନିଆ-୧

ଲସ୍ଏଞ୍ଜେଲସ,୧୯।୬(ଏଜେନ୍ସି): ଏଠାରେ ଗୁରୁବାର ରାତିରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ସ୍ୱିଜରଲାଣ୍ଡ ୪-୧ ଗୋଲରେ ବୋସନିଆ ଓ ହର୍ଜଗୋଭିନାକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ୨୦ ବର୍ଷୀୟ ଜୋହାନ ମାନଜାମ୍ବି ବଦଳ ଖେଳାଳିଭାବେ ଆସି ୨ଟି ଗୋଲ ସ୍କୋର କରିଥିଲେ। ୟୁରୋପା ଲିଗ୍‌ର ଶ୍ରେଷ୍ଠ ଯୁବ ଖେଳାଳି ବିବେଚିତ ମାନଜାମ୍ବି ବରିଷ୍ଠ ଦଳରୁ ଖେଳି କ୍ରମାଗତ ଦୁଇଟି ମ୍ୟାଚ୍‌ରେ ବଦଳ ଖେଳାଳିଭାବେ ଆସି ଗୋଲ ସ୍କୋର କରିବାର ରେକର୍ଡ କରିଛନ୍ତି। ଏହି ବିଜୟ ଫଳରେ ସ୍ୱିଜରଲାଣ୍ଡ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ପ୍ରଥମାର୍ଦ୍ଧ ଖେଳ ଗୋଲ ଶୂନ୍ୟ ରହିବା ପରେ ଜୋହାନ ମାନଜାମ୍ବିଙ୍କୁ ଖେଳିବାର ସୁଯୋଗ ମିଳିଥିଲା। ତାଙ୍କ ସହ ଆଉ ୨ଜଣ ମଧ୍ୟ ବଦଳ ଖେଳାଳି ପଡ଼ିଆକୁ ଆସିଥିଲେ। ଏମାନଙ୍କ ପଦାର୍ପଣ ପରେ ଦଳ ୩ଟି ଗୋଲ ଦେଇଥିଲା। ଏହା ମଧ୍ୟରୁ ମାନଜାମ୍ବି ୭୪ ଓ ୯୦ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ। ଖେଳର ୮୪ତମ ମିନିଟ୍‌ରେ ରୁବେନ ଭର୍ଗାସ ଆଉ ଏକ ଗୋଲ ଦେଇ ଦଳକୁ ୩-୦ରେ ଅଗ୍ରଣୀ କରାଇଥିଲେ। ୮୦ତମ ମିନିଟ୍‌ରେ ବୋସନିଆର ତାରିକଙ୍କୁ ରେଡକାର୍ଡ ମିଳିଥିଲା। କୁନ୍ତୁ ଷ୍ଟପେଜ୍ ଟାଇମ୍‌ର ୯୩ତମ ମିନିଟ୍‌ରେ ଏରମିନ ମାହମିଚ୍ ଗୋଟିଏ ଗୋଲ ଶୁଝାଇଥିଲେ।

## ଫିଫା ବିଶ୍ୱକପ୍‌ରେ ଆତ୍ମଘାତୀ ଗୋଲ୍

ଡଲାସ,୧୯।୬(ଏଜେନ୍ସି): ଚଳିତ ବିଶ୍ୱକପ୍‌ରେ ଏଯାଏ ଜଣେ ଖେଳାଳି ଗୋଲ ସ୍କୋର କରିବାକୁ ନେଇ ଚର୍ଚ୍ଚାରେ ନାହାନ୍ତି। କିନ୍ତୁ ଆତ୍ମଘାତୀ ଗୋଲ ଚର୍ଚ୍ଚାରେ ରହିଛି। ଆତ୍ମଘାତୀ ଗୋଲର ଅର୍ଥ ହେଉଛି ଜଣେ ଖେଳାଳି ନିଜ ଦଳ ବିପକ୍ଷରେ ଗୋଲ କରିବା। ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ରାଉଣ୍ଡ ଖେଳ ଆରମ୍ଭ ତଥା ଗୁରୁବାର ଖେଳାଯାଇଥିବା ମ୍ୟାଚ୍ ସୁଦ୍ଧା ଚଳିତ ଟୁର୍ଣ୍ଣାମେଣ୍ଟରେ ୬ଟି ଆତ୍ମଘାତୀ ଗୋଲ ହୋଇସାରିଲାଣି। ଫିଫା ବିଶ୍ୱକପ୍ ଇତିହାସରେ ଏହା ଦ୍ୱିତୀୟ ସର୍ବାଧିକ। ୧୯୯୮ ଫ୍ରାନ୍ସ ଓ ୨୦୨୨ କତାରରେ ଖେଳାଯାଇଥିବା ବିଶ୍ୱକପ୍‌ରେ ୬ଟି ଲେଖାଏଁ ଆତ୍ମଘାତୀ ଗୋଲ ହୋଇଥିଲା। ଏହି ସଂଖ୍ୟା ୨୦୧୮ରେ ଦ୍ୱିଗୁଣିତ ହୋଇଯାଇଥିଲା। ଯେଉଁଥିରେ ୧୨ଟି ଆତ୍ମଘାତୀ ଗୋଲ ହୋଇଥିଲା। ୨୦୨୬ରେ ୧୦୪ଟି ମ୍ୟାଚ୍ ଖେଳାଯିବାକୁ ଥିବାରୁ ଏହି ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରିବା ସ୍ୱାଭାବିକ୍। ୨୦୨୬ରେ ପ୍ରଥମ ଆତ୍ମଘାତୀ ଗୋଲ କରିଥିଲେ ପାରାଗୁଏର ଡିଫେଣ୍ଡର ଡାମିଆନ୍ ବୋବାଦିଲା। କିନ୍ତୁ କତାର ବିପକ୍ଷରେ ସ୍ୱିଜରଲାଣ୍ଡର ମିରୋ ମୁହେମ୍ ୯୪ତମ ମିନିଟ୍‌ରେ ଆତ୍ମଘାତୀ ଗୋଲ ଦେବା ଫଳରେ ମ୍ୟାଚ୍ ଡ୍ର ରହିଥିଲା। ଜୁନ୍ ୧୫ରେ ବେଲଜିୟମ ବିପକ୍ଷରେ ଇଜିପ୍ଟର ମହମ୍ମଦ୍ ହାନି ତୃତୀୟ ଗୋଲ ଦେଇଥିଲେ। ଚତୁର୍ଥ ଆତ୍ମଘାତୀ ଗୋଲ ଦେଇ ଇରାକ୍‌ର ଆୟେମେନ୍ ହୁସେନ ରେକର୍ଡ କରିଥିଲେ। ଏହି ମ୍ୟାଚ୍‌ରେ ସ୍ୱିଜରଲାଣ୍ଡ ୪-୧ ଗୋଲରେ ବିଜୟୀ ହୋଇଥିଲାବେଳେ ସେ ନିଜ ଦଳ ଲାଗି ଓ ବିପକ୍ଷରେ ଗୋଟିଏ ମ୍ୟାଚ୍‌ରେ ଗୋଲ ଦେବାରେ ବିଶ୍ୱର ୩ୟ ଖେଳାଳି ହୋଇଛନ୍ତି।

### ରୋମୋଙ୍କ ପ୍ରଥମ ମେଜର ଟୁର୍ଣ୍ଣାମେଣ୍ଟ ଗୋଲ୍
# ପ୍ରି-କ୍ୱାର୍ଟର ଫାଇନାଲରେ ମେକ୍ସିକୋ

ଜାପୋପାନ୍,୧୯।୬(ଏଜେନ୍ସି)

ମିଡ୍ ଫିଲ୍ଡର ଲୁଇଜ୍ ରୋମୋଙ୍କ ମେଜର ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଗୋଲ ବଳରେ ଯୁଗ୍ମ ଆୟୋଜକ ମେକ୍ସିକୋ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଫଳରେ ଗ୍ରୁପ୍-ଏ'ରେ ମେକ୍ସିକୋ କ୍ରମାଗତ ବିଜୟ ସହ ପ୍ରଥମ ଦଳ ଭାବେ ରାଉଣ୍ଡ ଅଫ୍ ୩୨ ବା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ପ୍ରଥମ ମୁକାବିଲାରେ ମେକ୍ସିକୋ ୨-୦ ଗୋଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା। ଏହି ବିଜୟ ଫଳରେ ଗତଥରର ନିରାଶାକୁ ଧୋଇଦେଇଛି ଏହି ଘରୋଇ ଦଳ। କତାରରେ ୪ ବର୍ଷ ପୂର୍ବେ ଖେଳାଯାଇଥିବା ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ବା ପ୍ରଥମ ରାଉଣ୍ଡରୁ ବାଦ୍ ପଡ଼ିଥିଲା ମେକ୍ସିକୋ। ଘରୋଇ ମାଟିରେ ଲାଗ ଲାଗ ଦୁଇଟି ବିଜୟ ହାସଲ କରି ମେକ୍ସିକୋ ତାହାର ଦକ୍ଷତା ପ୍ରମାଣିତ କରିବାରେ ସଫଳ ହୋଇଛି।

ଜାପୋପାନ୍‌ର ଗୌଦାଲାଜାରା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ କୌଣସି ଦଳ ଗୋଟିଏ ହେଲେ ନିଶ୍ଚିତ ଗୋଲ ଦେବାର ସୁଯୋଗ ସୃଷ୍ଟି କରିପାରି ନ ଥିଲେ। ପ୍ରଥମାର୍ଦ୍ଧ ଖେଳ ଆଦୌ




ଉଚ୍ଚକୋଟୀର ହୋଇ ନ ଥିଲା। ଉଭୟ ଦଳ ସଂଘର୍ଷ କରୁଥିଲାବେଳେ ଦ୍ୱିତୀୟାର୍ଦ୍ଧରେ ବା ଖେଳର ୫୦ତମ ମିନିଟ୍‌ରେ ଦକ୍ଷିଣ କୋରିଆର ଗୋଲକିପର କିମ୍ ସେଉଙ୍ଗ ବଲ ଧରିବାକୁ ଯାଇ ଡିଫେଣ୍ଡର ଲୀ ଗି-ହ୍ୟୁକ୍‌ଙ୍କ ଧକ୍କା ଖାଇ ତଳେ ପଡ଼ିଯାଇଥିଲେ। ଏହି ସମୟରେ ବଲ ଗୋଲପୋଷ୍ଟ ନିକଟରେ ପହଞ୍ଚିଥିଲା। ସେଠାରେ ଉପସ୍ଥିତ ମେକ୍ସିକୋ ମିଡ୍‌ଫିଲ୍ଡର ରୋମୋ କୌଣସି ତ୍ରୁଟି ନ କରି ବଲ୍‌କୁ ପୋଷ୍ଟ ମଧ୍ୟକୁ ପଠାଇ ଗୋଲ ସ୍କୋର କରିଥିଲେ। ସମଗ୍ର ମ୍ୟାଚ୍‌ରେ ଉଭୟ ଦଳ ପକ୍ଷରୁ ଏହା ଏକମାତ୍ର ଗୋଲ ଥିଲା। ମେକ୍ସିକୋ ପକ୍ଷରୁ ରୋମୋ ମଧ୍ୟ କୌଣସି ଏକ ମେଜର ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଗୋଲ ସ୍କୋର କରିବାରେ ସଫଳ ହୋଇଥିଲେ।

ଦକ୍ଷିଣ କୋରିଆ ଗୋଲରକ୍ଷକଙ୍କ ଲାଗି ଦଳ ଗୋଲ ବରଣ କରିଥିଲା। କିନ୍ତୁ ମେକ୍ସିକୋ ଗୋଲରକ୍ଷକ ରଲ ରାଙ୍ଗେଲଙ୍କ ଲାଗି ମେକ୍ସିକୋ ଅତିକମ୍‌ରେ ଦୁଇଟି ଗୋଲ ବରଣରୁ ରକ୍ଷା ପାଇଥିଲା। ଗୋଲ ଶୁଝାଇବାକୁ ଦକ୍ଷିଣ କୋରିଆ ଦଳ ପ୍ରବଳ ଉଦ୍ୟମ କରୁଥିଲାବେଳେ ଖେଳର ୮୭ତମ ମିନିଟ୍‌ରେ ବଦଳ ଖେଳାଳି ଚୋ ଗୁଏ-ସଙ୍ଗ୍ ପୋଷ୍ଟ ନିକଟରେ କରିଥିବା ହେଡରକୁ ଅଟକାଇ ରାଙ୍ଗେଲ ଏକ ନିଶ୍ଚିତ ଗୋଲରୁ ଦଳକୁ ବଞ୍ଚାଇଥିଲେ। ଏହା ପରେ ରିବାଉଣ୍ଡରୁ ୟାଙ୍ଗ ହ୍ୟୁନ୍-ଜୁନ୍‌ଙ୍କ ସଟ୍‌କୁ ମଧ୍ୟ ସେ ଅଟକାଇ ଆଉ ଏକ ଗୋଲ ବରଣରୁ ଦଳକୁ ରକ୍ଷା କରିଥିଲେ। ଏହି ଦୁଇଟି ଗୋଲକୁ ଅଟକାଇ ରାଙ୍ଗେଲ ନିଜ ଟିମ୍‌କୁ ରାଉଣ୍ଡ ଅଫ୍ ୩୨ରେ ପହଞ୍ଚାଇବାରେ ସଫଳ ହୋଇଥିଲେ। ନକ୍‌ଆଉଟରେ ପ୍ରବେଶ କରିବାରେ ମେକ୍ସିକୋ ପ୍ରଥମ ଦଳ ହୋଇଥିଲେ। ଅନ୍ୟ ପକ୍ଷରେ ପରାଜିତ ହୋଇଥିଲେ ମଧ୍ୟ ଦକ୍ଷିଣ କୋରିଆ ଗ୍ରୁପ୍-ଏ'ରୁ ଦ୍ୱିତୀୟ ଦଳ ଭାବେ ନକ୍‌ଆଉଟକୁ ଉନ୍ନୀତ ହେବାର ରାସ୍ତା ପରିଷ୍କାର କରିଛି। ଏହି ଦଳ ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇ ୩ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଗ୍ରୁପ୍‌ରେ ସ୍ଥାନ ପାଇଥିବା ଅନ୍ୟ ଦୁଇ ଦଳ ଦକ୍ଷିଣ ଆଫ୍ରିକା ଓ ଚେକିଆ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଡ୍ର ରହିବା ଫଳରେ ଦକ୍ଷିଣ କୋରିଆ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିବା ଆଶା ଉଜ୍ଜୀବିତ ରଖିଛି।

## ଦକ୍ଷିଣ ଆଫ୍ରିକା ନିକଟରେ ସୁଯୋଗ

ପୂର୍ବରୁ ଚେକିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ଗ୍ରୁପ୍-ଏ'ର ଅନ୍ୟଏକ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଛି। ଏହା ଫଳରେ ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇଥିବା ଉଭୟ ଦଳ ଚଳିତ ଟୁର୍ଣ୍ଣାମେଣ୍ଟରୁ ପ୍ରଥମ ପଏଣ୍ଟ ହାସଲ କରିଛନ୍ତି। ଶେଷ ଲିଗ୍ ମ୍ୟାଚ୍‌ରେ ଚେକିଆ ସହ ଦକ୍ଷିଣ ଆଫ୍ରିକାର ମୁକାବିଲା ହେବ। ସେହିପରି ଦକ୍ଷିଣ କୋରିଆ ସହ ଦକ୍ଷିଣ ଆଫ୍ରିକାର ମୁକାବିଲା ହେବ। ଏଥିରେ ଯଦି ଦକ୍ଷିଣ ଆଫ୍ରିକା ୪-୦ ଗୋଲରେ ବିଜୟୀ ହୁଏ, ତେବେ ଦକ୍ଷିଣ କୋରିଆକୁ ପଛରେ ପକାଇ ନକ୍‌ଆଉଟକୁ ଯିବ। ଆଉ ଯାହା ଫଳାଫଳ ହେଲେ ମଧ୍ୟ ଦକ୍ଷିଣ କୋରିଆ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିବ। ମେକ୍ସିକୋ ଶେଷ ଲିଗ୍ ମ୍ୟାଚ୍‌ରେ ଚେକିଆଠାରୁ ହାରିଗଲେ ମଧ୍ୟ ନକ୍‌ଆଉ ପ୍ରବେଶ ରାସ୍ତାରେ କୌଣସି ପ୍ରତିବନ୍ଧକ ହେବ ନାହିଁ।




| ଫିଫା ବିଶ୍ୱକପ୍ ମୁକାବିଲା |
| --- |
| ଜୁନ୍-୨୦, ଶନିବାର ରାତି |
| ନେଦରଲ୍ୟାଣ୍ଡସ-ସ୍ୱିଡେନ୍ |
| ହଷ୍ଟନ, ରାତି ୧୦.୩୦ |
| ଜର୍ମାନୀ-ଆଇଭରୀ କୋଷ୍ଟ |
| ଟରଣ୍ଟୋ, ରାତି ୧.୩୦ |
| ଜୁନ୍-୨୧ ରବିବାର |
| ଇକ୍ୱେଡର-କ୍ୟୁରାସାଓ |
| କାନସାସ ସିଟି, ସକାଳ ୫ଟା୩୦ |
| ଟ୍ୟୁନିସିଆ-ଜାପାନ |
| ଗୌଦାଲଜରା, ସକାଳ ୯.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |



## ସବୁ ମହିଳା ରେଫରି

ଆଟଲାଣ୍ଟା,୧୯।୬(ଏଜେନ୍ସି): ଚେକିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆଟଲାଣ୍ଟା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଗ୍ରୁପ୍-ଏ ଫିଫା ବିଶ୍ୱକପ୍ ମ୍ୟାଚକୁ ସମସ୍ତ ମହିଳା ରେଫରି (ସମସ୍ତେ ଆମେରିକାର) ପରିଚାଳନା କରି ଇତିହାସ ସୃଷ୍ଟି କରିଛନ୍ତି। ଏହି ମ୍ୟାଚ୍‌ର ମୁଖ୍ୟ ରେଫରି ହେଲେ ଟୋରି ପେନ୍‌ସୋ, ଦୁଇ ସହକାରୀ ରେଫରି ହେଲେ କାଥରିନ୍ ନେସ୍‌ବିଟ୍ ଓ ବ୍ରୁକ୍ ମାୟୋ। ଦ୍ୱିତୀୟଥର ଲାଗି ଫିଫା ପୁରୁଷ ବିଶ୍ୱକପ୍‌ର ସମସ୍ତ ମହିଳା ରେଫରିମାନେ ମ୍ୟାଚ୍ ପରିଚାଳନା କରିବାର ସୁଯୋଗ ପାଇଛନ୍ତି।

# ଡେଭିଡ୍‌ଙ୍କ ହ୍ୟାଟ୍ରିକ୍; ୪୦ ବର୍ଷ ପରେ ଜିତିଲା କାନାଡା

ଭାଙ୍କୋଭର,୧୯।୬(ଏଜେନ୍ସି)

ଜୋନାଥନ ଡେଭିଡ୍‌ଙ୍କ ହ୍ୟାଟ୍ରିକ୍ ବଳରେ ସ୍ଥାନୀୟ ବିସି ପ୍ଲେସ୍‌ଠାରେ ଗୁରୁବାର ଖେଳାଯାଇଥିବା ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଘରୋଇ କାନାଡା ଦଳ ୬-୦ ଗୋଲରେ କତାରକୁ ପରାସ୍ତ କରିଛି। ଏହା ଫଳରେ ଦଳ ଫିଫା ବିଶ୍ୱକପ୍‌ରେ ଭାଗନେବାର ୪୦ ବର୍ଷ ପରେ ପ୍ରଥମ ବିଜୟର ସ୍ୱାଦ ଚାଖିଛି। ଏହା ବ୍ୟତୀତ କୋନକାକାଫ୍ ଦେଶ ମଧ୍ୟରେ ଏହି ବିଜୟ ବ୍ୟବଧାନ ସର୍ବବୃହତ୍। ଘରୋଇ ମାଟିରେ ଖେଳୁଥିବା କାନାଡ଼ା ୨ଟି ମ୍ୟାଚ୍‌ରୁ ସ୍ୱିଜରଲାଣ୍ଡ ସହ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛି। ଉଭୟ ଦେଶ ମଧ୍ୟରେ ଶେଷ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ର ଫଳାଫଳ ଉପରେ କେଉଁ ଦୁଇ ଦଳ ଗ୍ରୁପ୍-ବି'ରୁ ରାଉଣ୍ଡ ଅଫ୍ ୩୨ ବା ନକ୍‌ଆଉଟରେ ପ୍ରବେଶ କରିବେ ତାହା ସ୍ଥିର ହେବ। ଏହି ଗ୍ରୁପ୍‌ରେ ସ୍ଥାନ ପାଇଥିବା ଅନ୍ୟ ଦୁଇଦଳ ଗୋଟିଏ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଶେଷ ଦୁଇଟି ସ୍ଥାନରେ ରହିଛନ୍ତି। ଏହି ଦଳ ମଧ୍ୟରୁ ବୋସ୍‌ନିଆ ଓ ହର୍ଜଗୋଭିନା ୪-୦ ଏବଂ କତାର ୭-୦ ଗୋଲ ବ୍ୟବଧାନରେ ବିଜୟୀ ହେଲେ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିବାକୁ ଯୋଗ୍ୟତା ଅର୍ଜନ କରିପାରନ୍ତି।

ଏହି ମ୍ୟାଚ୍‌କୁ କାନାଡା ଆରମ୍ଭରୁ ଶେଷଯାଏ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିଥିଲା। ପ୍ରତିପକ୍ଷ ଗୋଲ ପୋଷ୍ଟ ଉପରେ କାନାଡା ୩୩ଟି ଓ କତାର ମାତ୍ର ୨ଟି ସଟ୍



ମାରିଥିଲା। ଖେଳର ୧୬ତମ ମିନିଟ୍‌ରେ ୩୧ ବର୍ଷୀୟ ଭେଟେରାନ ଷ୍ଟ୍ରାଇକର କାଏଲ ଲାରିନ୍ ପ୍ରଥମ ଗୋଲ ଦେଇଥିଲେ। ଏହା ପରେ ଡେଭିଡ୍ ପୂରା ନଜରରେ ରହିଥିଲେ। ଖେଳର ୨୮ତମ ମିନିଟ୍‌ରେ ପ୍ରଥମ ଓ ଷ୍ଟପେଜ୍ ଟାଇମ୍‌ରେ ଦ୍ୱିତୀୟ ଗୋଲ ଦେଇ ପ୍ରଥମାର୍ଦ୍ଧ ସୁଦ୍ଧା ଦଳକୁ ୩-୦ ଗୋଲରେ ଅଗ୍ରଣୀ କରାଇଥିଲେ। ବିସି ପ୍ଲେସ୍ ଷ୍ଟାଡିୟମ୍‌ରେ ଉପସ୍ଥିତ ୫୨,୦୦୦ କାନାଡା ଦର୍ଶକ ଆନନ୍ଦରେ ଝୁଲିଉଠିଥିଲେ।

ଦ୍ୱିତୀୟାର୍ଦ୍ଧରେ କତାର ଆକ୍ରମଣ କରିବା ପୂର୍ବରୁ ଦ୍ୱିତୀୟ ଖେଳାଳି ରେଡକାର୍ଡ ପାଇବା ରଣନୀତି ପରିବର୍ତ୍ତନ କରିବାକୁ ହେଡ୍ କୋଚ୍‌ଙ୍କୁ ବାଧ କରିଥିଲା। ଖେଳର ୩୩ତମ ମିନିଟ୍‌ରେ ହୋମାମ ଅହମ୍ମଦ୍ ଓ ୫୩ତମ ମିନିଟ୍‌ରେ ଆସିମ ମୋଦିବୋଙ୍କୁ ବିପଜ୍ଜନକ ଖେଳ ଲାଗି ରେଡ୍‌କାର୍ଡ ଦିଆଯାଇଥିଲା। ଆସିମଙ୍କ ସହ ଧକ୍କା ଖାଇଥିବା କାନାଡାର ମିଡ୍‌ଫିଲ୍ଡର ଇସ୍‌ମାଏଲ କୋନଙ୍କ ଗୋଡ ଭାଙ୍ଗିଯାଇଛି। ଏହି ଲଢ଼େଇରେ ସେ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ବଦଳରେ ଖେଳିବାକୁ ଆସିଥିବା ନାଥାନ ସାଲିବାଙ୍କ ୬୬ତମ ମିନିଟ୍‌ରେ ମାରିଥିବା ସଟ୍‌କୁ ନିୟନ୍ତ୍ରଣ କରି ନ ପାରି ମହମ୍ମଦ୍ ମାନାଇ କତାର ଗୋଲ ପୋଷ୍ଟକୁ ବଲ ପଠାଇଦେଇଥିଲେ। ଏହା ପରେ ୭୫ତମ ମିନିଟ୍‌ରେ ଡେଭିଡ ଆଉ ଏକ ଗୋଲ ଦେଇ ହ୍ୟାଟ୍ରିକ୍ ଅର୍ଜନ କରିବା ସହ ଦଳକୁ ବୃହତ୍ ବିଜୟ ଭେଟିଦେଇଥିଲେ।

### ■ ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍
## ଶିବମ୍-ହୃଦେଶ ମିଳିତ ଅଗ୍ରଣୀ

ଭୁବନେଶ୍ୱର, ୧୯।୬ (ସମିସ): ନିଖିଳ ଓଡ଼ିଶା ଚେସ୍ ସଂଘ ଆନୁକୂଲ୍ୟରେ ପଟିଆରେ ଚାଲିଥିବା ୧୧ ବର୍ଷରୁ କମ୍ ରାଜ୍ୟ ଚେସ୍ ପ୍ରତିଯୋଗିତାର ଦ୍ୱିତୀୟ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ୪ର୍ଥ ରାଉଣ୍ଡ ଖେଳ ଶେଷ ସୁଦ୍ଧା ଗଞ୍ଜାମର ଦୁଇ ପ୍ରତିଭାବାନ ଖେଳାଳି ଶିବମ୍ ସାବତ ଓ ହୃଦେଶ ପାଣିଗ୍ରାହୀ ୪ ପଏଣ୍ଟ ଲେଖାଏ ପାଇ ମିଳିତ ଭାବେ ଅଗ୍ରଣୀ ଲାଭ କରିଛନ୍ତି। ଅପରପକ୍ଷରେ ବାଳିକାରେ କଟକର ସ୍ନେହସ୍ମିତା ରାମ ଓ ଖୋର୍ଦ୍ଧାର ପ୍ରୀତିକା ପ୍ରଧାନ ମଧ୍ୟ ୪ ପଏଣ୍ଟ ଲେଖାଏ ପାଇ ମିଳିତ ଭାବରେ ଅଗ୍ରଣୀ ହାସଲ କରିଛନ୍ତି। ଶୁକ୍ରବାର ବାଳକ ବିଭାଗରେ ଢେଙ୍କାନାଳର ରେୟାଂଶ ଟପ୍ ସିଡ୍ ଆଦିତ୍ୟଙ୍କୁ ପରାସ୍ତ କରି ବଡ଼ ବିପର୍ଯ୍ୟୟ ଘଟାଇଥିଲେ। ମହିଳା ବିଭାଗରେ ପ୍ରୀତିକା ୪ ଘଣ୍ଟା କାଳ ଖେଳି ଅନିଷା ଆଚାର୍ଯ୍ୟଙ୍କୁ ହରାଇବା ଅନ୍ୟତମ ପ୍ରମୁଖ ଘଟଣା ରହିଥିଲା। ଆଜିର ଖେଳରେ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘର ସମ୍ପାଦକ ତପନ ସ୍ୱାଇଁ ଓ 'ଦୂରଦର୍ଶୀ'ର ସମ୍ପାଦକ ଦୁର୍ଗା ସାମନ୍ତରାୟ ଅତିଥିଭାବେ ଯୋଗ ଦେଇଥିଲେ।

### ■ ଜାତୀୟ ସିନିଅର ଆକ୍ୱାଟିକ୍
## କ୍ରମାଗତ ୨ୟ ସ୍ୱର୍ଣ୍ଣ ଜିତିଲେ ପ୍ରତ୍ୟାଶା

ଭୁବନେଶ୍ୱର, ୧୯।୬ (ସମିସ): ଅହମ୍ମଦାବାଦରେ ଚାଲିଥିବା ୭୯ତମ ଜାତୀୟ ସିନିଅର ଜଳକ୍ରୀଡ଼ା ଚାମ୍ପିଅନସିପ୍‌ରେ ଓଡ଼ିଶାର ତାରକା ସନ୍ତରଣକାରୀ ପ୍ରତ୍ୟାଶା ରାୟଙ୍କ ଚମକ ଜାରି ରହିଛି। ପ୍ରତ୍ୟାଶା କ୍ରମାଗତ ଦ୍ୱିତୀୟ ସ୍ୱର୍ଣ୍ଣ ସହ ପ୍ରତିଯୋଗିତାରେ ୩ୟ ପଦକ ଜିତିଛନ୍ତି। ଶୁକ୍ରବାର ଅନୁଷ୍ଠିତ ମହିଳା ୧୦୦ ମିଟର୍ ବ୍ୟାକ୍‌ଷ୍ଟ୍ରୋକରେ ପ୍ରତ୍ୟାଶା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏହି ଦୂରତାକୁ ସେ ଏକ ମିନିଟ୍ ୦୪.୭୫ ସେକେଣ୍ଡରେ ଫିନିଶ କରି ପୋଡିୟମର ଶୀର୍ଷ ସ୍ଥାନ ହାସଲ କରିଥିଲେ। ପ୍ରତ୍ୟାଶା ପୂର୍ବରୁ ଗୁରୁବାର ୨୦୦ ମିଟର୍ ବ୍ୟାକଷ୍ଟ୍ରୋକରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସେହିଭଳି ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ସେ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ହାସଲ କରିଥିଲେ।



### ଆଫଗାନିସ୍ତାନ ବିପକ୍ଷ ୩ୟ ଦିନିକିଆ ଆଜି
# ଚେନ୍ନଇରେ କ୍ଲିନ୍‌ସୁଇପ୍ ଲକ୍ଷ୍ୟରେ ଭାରତ

ଚେନ୍ନଇ, ୧୯।୬ (ଏଜେନ୍ସି): ଭ୍ରମଣକାରୀ ଆଫଗାନିସ୍ତାନ ଓ ଭାରତ ମଧ୍ୟରେ ଚାଲିଥିବା ଦିନିକିଆ ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ଶନିବାର ଖେଳାଯିବ। ସ୍ଥାନୀୟ ଏମଏ ଚିଦାମ୍ବରମ ଷ୍ଟାଡିୟମ ଖେଳାଯିବାକୁ ଥିବା ଏହି ମ୍ୟାଚକୁ ଜିତି ଘରୋଇ ଭାରତ ସିରିଜ

**ମ୍ୟାଚ ଆରମ୍ଭ: ଅପରାହ୍ଣ ୧:୩୦**
**ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟୱର୍କ**

କ୍ଲିନ୍‌ସୁଇପ୍ କରିବା ଲକ୍ଷ୍ୟରେ ରହିଛି। ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଭାରତ ପୂର୍ବରୁ ସିରିଜର ପ୍ରଥମ ଦୁଇ ମୁକାବିଲାକୁ ଯଥାକ୍ରମେ ୭ ୱିକେଟ୍ ଓ ୧୭୦ ରନରେ ବିଜୟୀ ହୋଇଥିଲା। ଏହି ବିଜୟଧାରା ବଜାୟ ରଖି ଗିଲ୍ ବାହିନୀ ଏବେ ଚେନ୍ନଇରେ ସିରିଜ ମୂଳପୋଛ କରିବାକୁ ପଡ଼ିଆକୁ ଓହ୍ଲାଇବ। ଭାରତ ୨-୦ରେ ଆଗୁଆ ସିରିଜ କବ୍‌ଜା କରିସାରିଥିବାରୁ ବେଞ୍ଚରେ ବସିଥିବା ଖେଳାଳିଙ୍କୁ ତୃତୀୟ ଦିନିକିଆରେ ସୁଯୋଗ ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ଫଳରେ ଅଲ୍‌ରାଉଣ୍ଡର ନୀତୀଶ ରେଡ୍ଡୀ, ବାମହାତୀ ସ୍ପିନ-ଅଲ୍‌ରାଉଣ୍ଡର ହର୍ଷ ଦୁବେଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିପାରେ। ତେବେ ଯୁବ ଓପନର୍ ଯଶସ୍ୱୀ ଜୟସ୍ୱାଲଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଦ୍ୱିତୀୟ ଦିନିକିଆରେ ସେ ମାତ୍ର ୪ ରନ କରି ନିରାଶ କରିଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚରେ ଫେଲ୍ ମାରିଥିବା ଅଭିଜ୍ଞ ଲୋକେଶ ରାହୁଲଙ୍କୁ ଏଠାରେ ବଡ଼ ସ୍କୋର କରି ଫର୍ମକୁ ଫେରିବାର ଏକ ସୁଯୋଗ ରହିଛି। ଅପରପକ୍ଷରେ ଆଫଗାନିସ୍ତାନ ବିଜୟ ସହ ଏହି ସଂକ୍ଷିପ୍ତ ଗସ୍ତ ଶେଷ କରିବାକୁ ଲକ୍ଷ୍ୟ ରଖିଛି। ଭ୍ରମଣକାରୀ ଦଳ ପୂର୍ବରୁ ଏକମାତ୍ର ଟେଷ୍ଟ ଓ ପ୍ରଥମ ଦୁଇଟି ଦିନିକିଆ ହାରିସାରିଛି। ତେଣୁ ସାନ୍ତ୍ୱନାମୂଳକ ବିଜୟ ସହ ସ୍ୱଦେଶ ଫେରିବାକୁ ହସମତୁଲ୍ଲା ସାହିଦିଙ୍କ ଦଳ ପଡ଼ିଆକୁ ଓହ୍ଲାଇବ।

### ■ ହର୍ଷିତ ସାମିଲ

ତୃତୀୟ ଦିନିକିଆ ଲାଗି ଭାରତୀୟ ଦଳରେ ଦ୍ରୁତ ବୋଲର ହର୍ଷିତ ରାଣାଙ୍କୁ ସାମିଲ କରାଯାଇଛି। ୨୪ ବର୍ଷୀୟ ଏହି ଦ୍ରୁତ ବୋଲର ଗତ ଟି-୨୦ ବିଶ୍ୱକପ୍ ସମୟରେ ଡାହାଣ ଆଣ୍ଠୁରେ ଆଘାତ ପାଇ ଦଳରୁ ଦୂରେଇ ରହିଥିଲେ। ଏପରିକି ଆଇପିଏଲ୍‌ରେ ମଧ୍ୟ ସେ ଖେଳିପାରି ନ ଥିଲେ।

### ଟି-୨୦ ବିଶ୍ୱକପ୍‌ରେ ଭାରତକୁ ଝଟ୍‌କା
## ଆହତ ଶ୍ରେୟଙ୍କା ଆଉଟ୍; ପ୍ରେମା ସାମିଲ

ନୂଆଦିଲ୍ଲୀ, ୧୯।୬ (ଏଜେନ୍ସି): ଇଂଲଣ୍ଡରେ ଚାଲିଥିବା ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ମଝିରୁ ଭାରତକୁ ଜୋର୍‌ଦାର ଝଟକା ଲାଗିଛି। ପ୍ରତିଭାବାନ ସ୍ପିନର ଶ୍ରେୟଙ୍କା ପାଟିଲ ଆଘାତଜନିତ ସମସ୍ୟା ଲାଗି ବିଶ୍ୱକପ୍‌ର ବଳକା ମ୍ୟାଚରୁ ବାଦ୍ ପଡ଼ିଛନ୍ତି। ବୁଧବାର ହେଡିଂଲୀରେ ନେଦରଲ୍ୟାଣ୍ଡସ ବିପକ୍ଷରେ ଅନୁଷ୍ଠିତ ମ୍ୟାଚରେ ଫିଲ୍ଡିଂ କରୁଥିବାବେଳେ ୨୩ ବର୍ଷୀୟା ଶ୍ରେୟଙ୍କାଙ୍କ ଗୋଇଠି ଗୁରୁତର ଭାବେ ମୋଡ଼ି ହୋଇଯାଇଥିଲା। ଫଳରେ ତାଙ୍କୁ ଚିକିତ୍ସା ଲାଗି ତୁରନ୍ତ ପଡ଼ିଆରୁ ବାହାରକୁ ନିଆଯାଇଥିଲା। ଶ୍ରେୟଙ୍କାଙ୍କ ସ୍ଥାନରେ ଏବେ ୨୪ ବର୍ଷୀୟା ଉତ୍ତରାଖଣ୍ଡ ଲେଗ୍-ସ୍ପିନର ପ୍ରେମା ରାୱତଙ୍କ ଭାରତୀୟ ଦଳରେ ସାମିଲ କରାଯାଇଛି। ପ୍ରେମା ଯଦି ଖେଳିବାର ସୁଯୋଗ ପାଆନ୍ତି ତେବେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କରିବେ। ମହିଳା ପ୍ରିମିୟର ଲିଗ୍‌ରେ ପ୍ରେମା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦଳରୁ ଗତ ଦୁଇ ସିଜନ ଧରି ଖେଳି ଆସୁଛନ୍ତି। ଚଳିତ ମହିଳା ଟି-୨୦ ବିଶ୍ୱକପ୍‌ରେ ଭାରତ ୨ଟି ମ୍ୟାଚ ଖେଳି ୨ ବିଜୟ ସହ ୪ ପଏଣ୍ଟ ପାଇ ଗ୍ରୁପ୍-ଏ'ର ଶୀର୍ଷରେ ରହିଛି। ହରମନପ୍ରୀତ୍ କୌରଙ୍କ ଦଳ ଏହାର ପରବର୍ତ୍ତୀ ମ୍ୟାଚରେ ରବିବାର ଦକ୍ଷିଣ ଆଫ୍ରିକାକୁ ଭେଟିବ।



### ■ ତ୍ରି-ରାଷ୍ଟ୍ରୀୟ-ଏ' ଦିନିକିଆ ସିରିଜ
## ଭାରତ-ଶ୍ରୀଲଙ୍କା ଫାଇନାଲ୍

ଡାମ୍ବୁଲା, ୧୯।୬ (ଏଜେ ନ୍ସି): ଶ୍ରୀଲଙ୍କାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଦିନିକିଆ ଏ ସିରିଜର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ରବିବାର ଟାଇଟଲ୍ ପାଇଁ ଭାରତ-ଏ ସହ ଆୟୋଜକ ଶ୍ରୀଲଙ୍କା-ଏ'ର ଲଢ଼େଇ ହେବ। ଶୁକ୍ରବାର ଅନୁଷ୍ଠିତ ଅନ୍ତିମ ରାଉଣ୍ଡ-ରବିନ ମ୍ୟାଚରେ ଶ୍ରୀଲଙ୍କା-ଏ ୧୦୩ ରନରେ ଆଫଗାନିସ୍ତାନ-ଏ'କୁ ପରାସ୍ତ କରି ଫାଇନାଲକୁ ଉଠିଥିଲା। ଏହି ମ୍ୟାଚରେ ଘରୋଇ ଦଳର ଅଭିଷ୍କା ଫର୍ଣ୍ଣାଣ୍ଡୋ ୧୧୦ ରନର ଶତକୀୟ ପାଳି ଖେଳି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶ୍ରୀଲଙ୍କା-ଏ ଚତୁର୍ଥ ମ୍ୟାଚରୁ ୩ୟ ବିଜୟ ସହ ୬ ପଏଣ୍ଟ ପାଇ ଶୀର୍ଷରେ ରହିଛି। ସେହିଭଳି ଭାରତ-ଏ ଦୁଇଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଅପରପକ୍ଷରେ ଚାରୋଟି ମ୍ୟାଚରୁ ୩ଟି ପରାଜୟ ସହ ୨ ପଏଣ୍ଟ ପାଇ ଆଫଗାନିସ୍ତାନ-ଏ ବିଦାୟ ନେଇଛି।

## ଆଗୁଆ ଟି-୨୦ ସିରିଜ କବ୍‌ଜା କଲା ଅଷ୍ଟ୍ରେଲିଆ

ଚଟ୍ଟୋଗ୍ରାମ, ୧୯।୬ (ଏଜେନ୍ସି): ଘରୋଇ ବାଂଲାଦେଶ ବିପକ୍ଷରେ ଶୁକ୍ରବାର ଏଠାରେ ଅନୁଷ୍ଠିତ ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚକୁ ଅଷ୍ଟ୍ରେଲିଆ ୭ ରନରେ ଜିତିନେଇଛି। ଅଷ୍ଟ୍ରେଲିଆ ମ୍ୟାଟ୍ ରେନସ (୫୨ ବଲରେ ୮୯ ରନ)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ୫ ୱିକେଟରେ ୧୯୬ ରନ କରିଥିଲା। ଟିମ୍ ଡେଭିଡ୍ ମଧ୍ୟ ୨୬ ବଲରେ ୪୫ ରନର ଦ୍ରୁତ ପାଳି ଖେଳିଥିଲେ। ଜବାବରେ ବାଂଲାଦେଶ ସମସ୍ତ ବ୍ୟାଟର୍‌ଙ୍କ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ୨୦ ଓଭରରେ ୬ ୱିକେଟ ହରାଇ ୧୮୯ ରନ କରିବାକୁ ସମର୍ଥ ହୋଇଥିଲା। ପୂର୍ବରୁ ପ୍ରଥମ ମୁକାବିଲାକୁ ୪ ୱିକେଟରେ ଜିତିଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ ଏଥିସହ ତିନି ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୨-୦ରେ ଆଗୁଆ କବଜା କରିନେଇଛି। ସିରିଜର ଶେଷ ମ୍ୟାଚ୍ ରବିବାର ଖେଳାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS